R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୪
ତିଥି : ଦ୍ୱିତୀୟା
୧୯ ଏପ୍ରିଲ ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 194
19 April 2026, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶିଳାନ୍ୟାସ ଉତ୍ସବ

## ହେଟେରୋଜେନସ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡିଜିଏସ୍)

### ମୁଖ୍ୟ ଅତିଥି

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ ଏବଂ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଓଡ଼ିଶାର ପ୍ରଥମ ଥ୍ରୀ-ଡି ଗ୍ଲାସ୍‌ର ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ

୧,୯୪୪ କୋଟି ଟଙ୍କାର ପୁଞ୍ଜି ନିବେଶ

ବାର୍ଷିକ ଉତ୍ପାଦନ : ପ୍ରାୟ ୭୦,୦୦୦ ପ୍ୟାନେଲ୍
ଏବଂ ୧୩,୩୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍

୧୯ ଅପ୍ରେଲ ୨୦୨୬ | ପୂର୍ବାହ୍ନ ୧୦.୩୦ ଘଟିକା
ଇନଫୋ ଭ୍ୟାଲି, ଭୁବନେଶ୍ୱର

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR: 16001/16003/2/26-27/0007
DSPL-16001/7/2627

# ଖରାରେ ମୁଣ୍ଡବିନ୍ଧା



ଗ୍ରୀଷ୍ମ ଋତୁରେ ଅନେକ ସମୟରେ ଲୋକମାନେ ମୁଣ୍ଡବିନ୍ଧା, ମୁଣ୍ଡ ଭାରି ଲାଗିବା ଏବଂ ବୁଲେଇହେବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଡାକ୍ତରୀ ଭାଷାରେ ଏହାକୁ 'ହିଟ୍ ହେଡେକ୍' ବା ଖରା ମୁଣ୍ଡବିନ୍ଧା କୁହାଯାଏ। ତେବେ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଏହା କୌଣସି ରୋଗ ନୁହେଁ ବରଂ ଶରୀରର ଗରମ ଯୋଗୁଁ ହୋଇଥାଏ। ଶରୀରରେ ଜଳୀୟ ଅଂଶ କମିଗଲେ ଏହି ସମସ୍ୟା ଦେଖାଦିଏ। ଏହି ଯନ୍ତ୍ରଣା ସାଧାରଣତଃ ମୁଣ୍ଡର ଦୁଇ ପାର୍ଶ୍ୱରେ ବା କାନପାଖରେ ଅନୁଭୂତ ହୋଇଥାଏ । ତେବେ କିଛିଟା ଦିଗ ପ୍ରତି ଧ୍ୟାନ ଦେଲେ ଏହାକୁ ଦୂରେଇ ହେବ । ଯାହା ବି ଅନୁକରଣ କରୁଛନ୍ତି ଡାକ୍ତରଙ୍କ ପରାମର୍ଶରେ ଅନୁକରଣ କରନ୍ତୁ ।

**କାରଣ**

- ଶରୀରରେ ଜଳର ଅଭାବ ।
- ଝାଳ ଦ୍ୱାରା ଶରୀରରୁ ସୋଡିୟମ୍ ଓ ପୋଟାସିୟମ୍ ଭଳି ଆବଶ୍ୟକ ତତ୍ତ୍ୱ ବାହାରିଯିବା ।
- ଗରମ ଯୋଗୁଁ ଶିରାରେ ରକ୍ତ ସଞ୍ଚାଳନ ବଢିବା ଫଳରେ ମୁଣ୍ଡର ନାଡ଼ି ଉପରେ ଚାପ ପଡ଼ିବା ।

**ଲକ୍ଷଣ**

- ମୁଣ୍ଡ ଭାରି ଲାଗିବା କିମ୍ବା ଟିପ୍-ଟିପ୍ ହୋଇ ବିନ୍ଧିବା।
- ଅତ୍ୟଧିକ ଶୋଷ ଲାଗିବା ଏବଂ ଦୁର୍ବଳ ଅନୁଭବ ହେବା।
- ଚକ୍କର ଆସିବା କିମ୍ବା ମୁଣ୍ଡ ବୁଲାଇବା।
- ମାଂସପେଶୀରେ ଯନ୍ତ୍ରଣା।

**ସମସ୍ୟା ବଢିବାର କାରଣ**

- ଶରୀରର ସଂକେତକୁ ଅଣଦେଖା କରିବା ଯଥା ଶୋଷ ଲାଗିଲେ ମଧ୍ୟ ପାଣି ନ ପିଇବା।
- ଭୁଲ୍ ସମୟରେ ବାହାରକୁ ଯିବା, ଅର୍ଥାତ ଖରାରେ ବାହାରକୁ ବାହାରିବା କିମ୍ବା ବ୍ୟାୟାମ କରିବା।
- ଭୁଲ୍ ପାନୀୟ ଯେପରି ବାରମ୍ବାର ଚା', କଫି କିମ୍ବା ମିଠା ପାନୀୟ ପିଇବା।
- ବିଶ୍ରାମର ଅଭାବ, କ୍ରମାଗତ ଭାବେ ଗରମରେ କାମ କରିବା।

**ଟିପ୍ସ**

- ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ପାଣି ସହ ଓଆରଏସ୍ କିମ୍ବା ଲେମ୍ବୁ ପାଣି ବ୍ୟବହାର କରନ୍ତୁ।
- ପ୍ରଖର ଖରାରେ ବାହାରକୁ ଯିବା ସମୟରେ ଛତା, ଟୋପି କିମ୍ବା ଚଷମା ବ୍ୟବହାର କରନ୍ତୁ।
- ସୁତା କପଡ଼ା ଏବଂ ହାଲୁକା ରଙ୍ଗର ପୋଷାକ ପିନ୍ଧନ୍ତୁ।
- ଖରାରୁ ଆସିବା ମାତ୍ରେ ତୁରନ୍ତ ଥଣ୍ଡା ପାଣି ପିଅନ୍ତୁ ନାହିଁ କିମ୍ବା ଗାଧାନ୍ତୁ ନାହିଁ। କିଛି ସମୟ ବିଶ୍ରାମ ପରେ ପାଣି ପିଅନ୍ତୁ।
- ବିଶେଷଭାବେ ଖାଦ୍ୟପେୟରେ ଧ୍ୟାନ ଦିଅନ୍ତୁ ।
- ତେବେ ଅଧିକ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।





# ନିଜ ସୁରକ୍ଷା ନିଜ ହାତରେ

ବଲିଉଡ ଅଭିନେତ୍ରୀ ଡେଜି ଶାହ ନିଜ କ୍ୟାରିୟରର ଆରମ୍ଭ ଦିନର ଏକ ଖରାପ ଅନୁଭବକୁ ନିଜ ଫ୍ୟାନଙ୍କ ସହିତ ସେୟାର କରିଛନ୍ତି । ଯେଉଁଥିରେ ସେ ଏକ କାଷ୍ଟିଂ ମିଟିଂ ସମୟରେ ଜଣେ ସାଉଥ ଫିଲ୍ମ ନିର୍ମାତାଙ୍କ ଦ୍ୱାରା ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ ଅଡିସନ ସମୟରେ ନିର୍ମାତା ଜଣକ ତାଙ୍କୁ ଭୁଲ ଢଙ୍ଗରେ ସ୍ପର୍ଶ କରିବା ସହ ତାଙ୍କ ହାତ ଧରି ପକାଇଥିଲେ ବୋଲି ଡେଜି ପ୍ରକାଶ କରିଛନ୍ତି । ଏହି ଘଟଣା ପରେ ସେ କେବେ ବି କାହାକୁ ଏକାକୀ ନଭେଟିବାକୁ ନିଷ୍ପତ୍ତି ନେଇଥିଲେ । ଏହି ପରାମର୍ଶ ମଧ୍ୟ ସେ ସମସ୍ତ ନବାଗତାଙ୍କୁ ଦେଇଛନ୍ତି । ସେହିଭଳି ସବୁବେଳେ ନିଜ ସୁରକ୍ଷା ନିଜ ହାତରେ ଥାଏ, ତେଣୁ କାହା ସହିତ କୌଣସି ବୈଠକ ପୂର୍ବରୁ ଭାବି ଚିନ୍ତି ନିଷ୍ପତ୍ତି ନେବାକୁ ପଡିବବୋଲି ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

## ସୋସିଆଲ କୋଟ୍ସ



ଧୁରନ୍ଧର ୨ ସମସ୍ତଙ୍କୁ ଭଲ ଲାଗୁଛି ହେଲେ ଏଥିରେ ଅନେକ ଭୁଲ ରହିଛି । ଏହି ଫିଲ୍ମରେ ଦାଉଦ ଇବ୍ରାହିମଙ୍କୁ ସଠିକ ଉପାୟରେ ଚିତ୍ରଣ କରାଯାଇ ନାହିଁ ।

ରାମ ଗୋପାଲ ବର୍ମା, ଫିଲ୍ମ ମେକର



ସ୍କୁଲ ଫଙ୍କସନରୁ ଆତ୍ମବିଶ୍ୱାସ ବଢିଥିଲା। ଲାଗିଥିଲା ଅଭିନୟ କରିପାରିବି । ସେହି କାରଣରୁ ଅଭିନୟକୁ ବାଛିଥିଲି । ବର୍ତ୍ତମାନ ଆହୁରି ବହୁତ ଆଗକୁ ଯିବାର ଅଛି ।

ଅମିତ ପାଣ୍ଡେ, ଅଭିନେତା



ଡିନର କରିବାକୁ ଲୋକ ବର୍ତ୍ତମାନ ଡେଟିଂ ବୋଲି ଭାବୁଛନ୍ତି । ଲୋକଙ୍କ ଭାବନା ଖୁବ ଛୋଟ । ଅନ୍ୟମାନଙ୍କ ବ୍ୟକ୍ତିଗତ ଜୀବନରେ ଏତେ ମୁଣ୍ଡ ଖେଳାଇବା ଉଚିତ ନୁହେଁ ।

ସେଫାଲି ବାଗ, ଅଭିନେତ୍ରୀ

# ପକ୍ଷୀ କରନ୍ତି ଆତ୍ମହତ୍ୟା



ଭାରତର ଆସାମର ଜତିଙ୍ଗା ଗାଁ ଏକ ରହସ୍ୟମୟ କାରଣରୁ ଚର୍ଚ୍ଚାରେ ରହିଥାଏ। ଏହି ଗାଁରେ ପ୍ରତିବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ପକ୍ଷୀମାନେ ଆତ୍ମହତ୍ୟା କରୁଥିବା ଭଳି ଘଟଣା ଦେଖିବାକୁ ମିଳିଥାଏ ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି ସନ୍ଧ୍ୟା ୭ଟାରୁ ରାତି ୧୦:୩୦ ମଧ୍ୟରେ ଯେତେବେଳେ ପ୍ରବଳ ପବନ, କୁହୁଡ଼ି ଓ ଆଲୋକର ଏକ ସମନ୍ୱୟ ଘଟେ, ସେତେବେଳେ ପ୍ରାୟ ୪୦ ପ୍ରଜାତିର ସ୍ଥାନୀୟ ଓ ପ୍ରବାସୀ ପକ୍ଷୀ ଅଚାନକ ଆଲୋକ ଆଡ଼କୁ ଟାଣି ହୋଇ ଯାଆନ୍ତି । ବୈଜ୍ଞାନିକମାନଙ୍କ ମତରେ ଏହା ଆତ୍ମହତ୍ୟା ନୁହେଁ ବରଂ ଏକ ପ୍ରାକୃତିକ ଦୁର୍ଘଟଣା, କାରଣ ପ୍ରବଳ ବର୍ଷା ଯୋଗୁଁ ପକ୍ଷୀମାନଙ୍କ ଡେଣା ଓଦା ହୋଇଯାଏ ଏବଂ ଘନ କୁହୁଡ଼ି ଓ ଅନ୍ଧାର ଯୋଗୁଁ ସେମାନେ ଦିଗ ହରାଇ ବସନ୍ତି । ଆଲୋକ ଦେଖି ସେହି ଦିଗକୁ ଉଡ଼ିବା ସମୟରେ ବାଟରେ ଥିବା ବାଉଁଶ ଜଙ୍ଗଲ ଓ ଗଛଗୁଡ଼ିକ ସହ ପିଟିହୋଇ ସେମାନେ ତଳେ ପଡ଼ିଯାଆନ୍ତି, ଯାହାଫଳରେ ଅନେକ ପକ୍ଷୀଙ୍କର ମୃତ୍ୟୁ ଘଟିଥାଏ । ଏହି ମୃତ୍ୟୁକୁ ଲୋକମାନେ ପକ୍ଷୀଙ୍କର ଆତ୍ମହତ୍ୟାର ଆଖ୍ୟା ଦେଇଥାଆନ୍ତି ।

# କମିବ ମସ୍ତିଷ୍କର ବୟସ

ଆମେରିକାର ଟେକ୍ସାସ୍ ଏ ଆଣ୍ଡ ଏମ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କର ବାର୍ଦ୍ଧକ୍ୟ ଅବସ୍ଥାକୁ ପଛକୁ ଫେରାଇବା ପାଇଁ ଏକ ଅଭିନବ 'ନାଜାଲ୍ ସ୍ପ୍ରେ' ଔଷଧ ବିକଶିତ କରିଛନ୍ତି । ଏହି ସ୍ପ୍ରେ ସାହାଯ୍ୟରେ ସ୍ମୃତିଶକ୍ତି ହ୍ରାସ ଏବଂ ଡିମେନ୍ସିଆ ଭଳି ସମସ୍ୟାର ଚିକିତ୍ସା ମଧ୍ୟ କରାଯାଇପାରିବ । ଏହି ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।



ବିଶେଷଜ୍ଞଙ୍କ ତତ୍ତ୍ୱବଧାନରେ ହୋଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ, ମାତ୍ର ଦୁଇଟି ଡୋଜ୍ର ଏହି ସ୍ପ୍ରେ ମସ୍ତିଷ୍କରେ ହେଉଥିବା ଦୀର୍ଘକାଳୀନ ପ୍ରଦାହ ବା 'ନ୍ୟୁରୋଇନଫ୍ଲାମେଜିଙ୍ଗ'କୁ ହ୍ରାସ କରିଥାଏ । ଏହାସହ କୋଷଗୁଡ଼ିକର ଶକ୍ତି ବଢ଼ାଇ ସ୍ମୃତିଶକ୍ତିରେ ଉଲ୍ଲେଖନୀୟ ସୁଧାର ଆଣିଥାଏ । ଏହି ସ୍ପ୍ରେରେ ଥିବା କ୍ଷୁଦ୍ର ଜୈବିକ କଣିକା 'ଏକ୍ସଟ୍ରାସେଲୁଲାର୍ ଭେସିକିଲ୍ସ' ନାକ ମାଧ୍ୟମରେ ସିଧାସଳଖ ମସ୍ତିଷ୍କ କୋଷରେ ପହଞ୍ଚି ମାଇଟୋକଣ୍ଡ୍ରିଆକୁ ପୁନର୍ଜୀବିତ କରିବା ସହ କ୍ରନିକ ଇନଫ୍ଲାମେସନ୍ ବନ୍ଦ କରିବାରେ ସାହାଯ୍ୟ କରିଥାଏ। ଯାହା ଫଳରେ ମସ୍ତିଷ୍କର ତଥ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧି ପାଏ। ପରୀକ୍ଷାଗାରରେ ଉଭୟ ଲିଙ୍ଗର ମଡେଲ୍ ଉପରେ ଏହାର ସଫଳ ପ୍ରଭାବ ଦେଖିବାକୁ ମିଳିଛି । ତେବେ ମାନବ ଶରୀରରେ ପରୀକ୍ଷଣ ପୂର୍ବରୁ ଆହୁରି ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି । ଏହି ଉଦ୍ଭାବନ ଭବିଷ୍ୟତରେ ଆଲଜାଇମର ଏବଂ ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ଏକ ବଡ଼ ବରଦାନ ସାବ୍ୟସ୍ତ ହୋଇପାରେ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି ।

## ଇତିହାସ

୧୪୫୧- ବହଲୋଲ୍ ଲୋଦିଙ୍କ ଦିଲ୍ଲୀ ଉପରେ କବ୍ଜା ।
୧୭୭୦- ପ୍ରଥମୟୁରୋପୀୟ ଭାବେ କ୍ୟାପେଟନ ଜେମ୍ସ କୁକ୍ ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ ।
୧୭୭୫- ଆମେରିକା କ୍ରାନ୍ତିର ଆରମ୍ଭ ।
୧୮୮୨- ପ୍ରସିଦ୍ଧ ଜୀବବିଜ୍ଞାନୀ ଚାର୍ଲସ ଡାରଉଇନ୍ଙ୍କ ନିଧନ ।
୧୯୧୦- ହାଲି ପୁଚ୍ଛଲ ତାରା ପ୍ରଥମ ଥର ପାଇଁ ଖାଲି ଆଖିରେ ଦେଖାଯାଇଥିଲା।
୧୯୩୬- ପିଲିସ୍ତିନିରେ ଇହୁଦୀ ବିରୋଧୀ ଦଙ୍ଗା ଆରମ୍ଭ ହୋଇଥିଲା।
୧୯୫୦- ପ୍ରଥମ ମନ୍ତ୍ରୀ ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।
୧୯୭୨- ବାଙ୍ଗଲାଦେଶ ରାଷ୍ଟ୍ରମଣ୍ଡଳର ସଦସ୍ୟ ହୋଇଥିଲା ।
୧୯୭୭- ପ୍ରସିଦ୍ଧ ଆଥଲେଟ ଅଞ୍ଜୁ ବାବି ଜର୍ଜଙ୍କ ଜନ୍ମ ।



**ମେଷ:** ଧନ ଲାଭ, କାର୍ଯ୍ୟରେ ସଫଳ, ସମ୍ମାନ ବୃଦ୍ଧି, ଶୁଭ ଖବର, ପାରିବାରିକ ସହଯୋଗ, ଭୂସମ୍ପତ୍ତି ଲାଭ, ଦୂର ଯାତ୍ରା, ଶରୀର ସୁସ୍ଥ, ନୂତନ ନିଯୁକ୍ତି। ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା- ମା' ଲକ୍ଷ୍ମୀ।

**ବୃଷ:** ସମ୍ମାନ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ଖବର, ଆଶାରେ ବିଳମ୍ବ, ଶରୀର ସୁସ୍ଥ, ଶତ୍ରୁ ସମସ୍ୟା, ସମ୍ପତ୍ତି ଚିନ୍ତା। କୃତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ।

**ମିଥୁନ:** ଗୃହେ ଉତ୍ସବ, ଅର୍ଥ ସମସ୍ୟା, ମାନସିକ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂର ଯାତ୍ରା, ବନ୍ଧୁ ଲାଭ, ସମ୍ମାନ ହାନି। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା।

**କର୍କଟ:** ଧନ ବ୍ୟୟ, ମନସ୍ତାପ, ଶରୀର ସମସ୍ୟା, ଦ୍ରବ୍ୟ ନଷ୍ଟ, ନୂତନ କର୍ମ ଆରମ୍ଭ, ଜମିଜମା ଗଣ୍ଡଗୋଳ, ଗାଡ଼ି ଚଳାନାରେ ସାବଧାନ। ପିନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ।

**ସିଂହ:** ଦ୍ରବ୍ୟ ଲାଭ, ସମ୍ମାନ ପ୍ରାପ୍ତି, ସମସ୍ୟା ମୁକ୍ତ, ନୂତନ କାର୍ଯ୍ୟରେ ଲାଭ, ଶୁଭ ଖବର, କର୍ମ କ୍ଷେତ୍ରରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ଭଗବତୀ।

**କନ୍ୟା:** ମାନସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଦ୍ରବ୍ୟ ପ୍ରାପ୍ତି, ଭ୍ରାତୃଭଗ୍ନିଙ୍କ ସମସ୍ୟା, ଶରୀର ସୁସ୍ଥ, କର୍ମକ୍ଷେତ୍ରରେ ଲାଭ, ଯାତ୍ରାରେ ସଫଳ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଉମାମହେଶ।

**ତୁଳା:** ବାନ୍ଧବୀ କଷ୍ଟ, ଶତ୍ରୁ ସମସ୍ୟା, ଆଶାରେ ବାଧା, ମାନସିକ କ୍ଲେଶ, ଗୃହେ ଶୁଭ ଆଲୋଚନା, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ।

**ବିଛା:** କାର୍ଯ୍ୟରେ ଅସନ୍ତୋଷ, ଶତ୍ରୁ ବୃଦ୍ଧି, ଯାତ୍ରା କଷ୍ଟ, ଶରୀର ସୁସ୍ଥ, ସମ୍ମାନ ବୃଦ୍ଧି, ଦ୍ରବ୍ୟ ନଷ୍ଟ, ନୂତନ କାର୍ଯ୍ୟରେ ଲାଭ। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଖଇରିଆ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଆୟ ବୃଦ୍ଧି, ବନ୍ଧୁ ଦର୍ଶନ, ଶତ୍ରୁ ପରାଜିତ, ଦ୍ରବ୍ୟ ଲାଭ, ଦୂର ଯାତ୍ରାରେ ଲାଭ, ପାରିବାରିକ ସହଯୋଗ, ମାମଲା ସମାଧାନ। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲୋକନାଥ।

**ମକର:** ସୁସମ୍ବାଦ, ଅର୍ଥ ଚର୍ଚ୍ଚା, ସମ୍ମାନ ପ୍ରାପ୍ତି, ଅର୍ଥ ସମସ୍ୟା, ପାରିବାରିକ କଳହ, ଦାମ୍ପତ୍ୟ ଖୁସି, ଭୋଜନରେ ବିଳମ୍ବ, ତୀର୍ଥ ଯାତ୍ରା, ଦ୍ରବ୍ୟ ଲାଭ, ପୁରାତନ ବିବାଦ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମା' ଲକ୍ଷ୍ମୀ।

**କୁମ୍ଭ:** ଆଭୁଷଣ ପ୍ରାପ୍ତି, ଶୁଭ କାର୍ଯ୍ୟରେ ଆଗ୍ରହ, ପାରିବାରିକ ଶତ୍ରୁତା, ବ୍ୟକ୍ତି ସହାୟତା, ରାଜସମ୍ମାନ ଯୋଗ, ସମ୍ପତ୍ତି ଲାଭ, ମାମଲା ସମାଧାନ, ଉଚ୍ଚ ଆଶା ପୂର୍ଣ୍ଣ। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୫, ଆରାଧନା- ମା' କିଚକିଶ୍ୱରୀ।

**ମୀନ:** ମନସ୍ତାପ, କାର୍ଯ୍ୟ ବିଫଳ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ସମ୍ପର୍କରେ ବାଧା, ଆର୍ଥିକ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୩, ଆରାଧନା- ମା' ଜଗଧାତ୍ରୀ।

**ବୈଶାଖ ଶୁକ୍ଳପକ୍ଷ, ଦ୍ୱିତୀୟା**
**୧୯.୪.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୪
ତିଥି : ଦ୍ୱିତୀୟା
୧୯ ଏପ୍ରିଲ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

SAMAYA
# ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 194
19 April 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବିରୋଧୀ ପାପର ଫଳ ଭୋଗିବେ : ମୋଦୀ



ନୂଆଦିଲ୍ଲୀ, ୧୮ ।୪ : ବିରୋଧୀ ଦଳ ନିଜ ସ୍ୱାର୍ଥ ପାଇଁ ବିଲ୍‌କୁ ଅଟକାଇଛନ୍ତି । ସେମାନେ ଯେଉଁ ପାପ କରିଛନ୍ତି ତା'ର ଫଳ ଭୋଗିବେ । ସମଗ୍ର ଦେଶ ଦେଖିଛି ମହିଳାମାନଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ଧୂଳିସାତ କରାଯାଇଛି । ମହିଳା ଶକ୍ତିର ସୁବିଧାକୁ ଅଟକା ଯାଇଛି । କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ ଓ ଏସ୍‌ପିଙ୍କ ସମେତ ଅନ୍ୟ ସହଯୋଗୀ ଦଳ ଏହି ବିଲ୍‌କୁ ନିଜ ସ୍ୱାର୍ଥ ପାଇଁ ପାରିତ ହେବାରେ ବାଧା ଦେଇଛନ୍ତି ବୋଲି ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଲୋକସଭାରେ ସମ୍ବିଧାନ ସଂଶୋଧନ ବିଲ୍ ସହ ମହିଳା ସଂରକ୍ଷଣକୁ ଯୋଡ଼ି ଯେଉଁ ବିଲ୍ ଆଗତ କରାଯାଇଥିଲା ତାହା କାଟ୍ ଖାଇଲା ପରେ ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି । ସୀମା ପୁନଃ ନିର୍ଦ୍ଧାରଣରେ କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହୋଇନଥାନ୍ତେ । ସେମାନେ ଲାଭବାନ ହୋଇଥାନ୍ତେ । ଡିଏମ୍‌କେ ତାମିଲନାଡୁ ସହ ବିଶ୍ୱାସଘାତକତା କରିଛି । କଂଗ୍ରେସ ହେଉଛି ସଂସ୍କାର ବିରୋଧୀ ଦଳ । ଯେତେବେଳେ ଯେଉଁ ସଂସ୍କାର ଆସିଛି ତାହାକୁ ସେମାନେ ବିରୋଧ କରିଛନ୍ତି । ୟୁସିସି ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ, ଡିଜିଟାଲ ବ୍ୟବସ୍ଥା, ଜିଏସ୍‌ଟି ଓ ୩୭୦ ଧାରାକୁ ମଧ୍ୟ ବିରୋଧ କରିଥିଲେ । ନକରାତ୍ମକ ରାଜନୀତି କଂଗ୍ରେସର ଇତିହାସ ରହିଛି । ବିଭାଜନ କରି ଶାସନ କରିବା କଂଗ୍ରେସର ଲକ୍ଷ୍ୟ । (୯ ପୃଷ୍ଠାରେ)

- କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଏସ୍‌ପି ଉପରେ ବର୍ଷିଲେ
- କଂଗ୍ରେସ ହେଉଛି ସଂସ୍କାର ବିରୋଧୀ ଦଳ
- ସୀମା ପୁନଃନିର୍ଦ୍ଧାରଣରେ କୌଣସି ରାଜ୍ୟର କ୍ଷତି ହୋଇନଥାନ୍ତା
- ମହିଳାଙ୍କ ସ୍ୱାର୍ଥକୁ ଅଟକାଇ ନିଜ ସ୍ୱାର୍ଥ ଦେଖିଲେ
- ଆମର ଲଢ଼େଇ ସରିନାହିଁ, ଜାରି ରହିବ




## ହରମୁଜ୍ ପ୍ରଣାଳୀ ପୁଣି ବନ୍ଦ କଲା ଇରାନ

ନୂଆଦିଲ୍ଲୀ,୧୮ ।୪ : ହରମୁଜ ପ୍ରଣାଳୀକୁ ଗୋଟିଏ ଦିନ ଖୋଲିବା ପରେ ପୁଣି ଇରାନ ବନ୍ଦ କରିଛି । ଆମେରିକା ଏହି ଘଟଣା ପରେ ଇରାନ ଯୁଦ୍ଧ ବିରତୀ

**ଦୁଇ ଭାରତୀୟ ଜାହାଜକୁ ଗୁଳିମାଡ**

ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ଆଣିଛି । ଆଜି ହରମୁଜ ପ୍ରଣାଳୀକୁ ଦୁଇ ଜାହାଜକୁ ଗୁଳିମାଡ କରାଯାଇଛି । ଉତ୍ତର-ପୂର୍ବ ଓମାନରେ ଏହି ଘଟଣା ଘଟିବା ପରେ ଦୁଇ ଜାହାଜ ଫେରି ଯାଇଛନ୍ତି । ତେବେ ଗୁଳିମାଡ଼ରେ କେହି ଆହତ ହୋଇନଥିବା ବେଳେ ଜାହାଜର କୌଣସି କ୍ଷତି ହୋଇନାହିଁ । ତୈଳ ନେଇ ଆସୁଥିବା ଦୁଇ ଜାହାଜ ମଧ୍ୟରୁ ଗୋଟିଏ ଅତି ବୃହତ ଅଶୋଧିତ ତୈଳ ଜାହାଜ ରହିଥିଲା ।

ଏହି ଘଟଣା ପରେ ଭାରତ ପକ୍ଷରୁ ଇରାନର ରାଷ୍ଟ୍ରଦୂତକୁ (୯ ପୃଷ୍ଠାରେ)

## ଗ୍ରୀଷ୍ମପ୍ରବାହ ମୁକାବିଲା ଲାଗି ହେବ ଆଶ୍ରୟସ୍ଥଳ

ଝାରସୁଗୁଡ଼ା, ୧୮ ।୪ (ସବ୍ୟୁ) : ଗ୍ରୀଷ୍ମପ୍ରବାହ ସମୟରେ ଜନସାଧାରଣ ବିଶେଷ କରି ଜାତୀୟ ରାଜପଥ-୪୯ ଦେଇ ଯାତାୟତ କରୁଥିବା ଟ୍ରକ୍ ଚାଳକ ଏବଂ ହେଲପରମାନଙ୍କ ସୁରକ୍ଷା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ପରିସ୍ଥିତିର ସମୀକ୍ଷା କରିଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଜାତୀୟ ରାଜପଥ -୪୯ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେପରି କୌଣସି ଜୀବନହାନି ନ ହୁଏ, ତାହା ନିଶ୍ଚିତ କରିବା ପୋଲିସ ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ । ବିଶେଷ କରି ସକାଳ ୧୧ଟା ପରେ ଏହି ମାର୍ଗରେ ସୁରକ୍ଷା ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ (୯ ପୃଷ୍ଠାରେ)

# ଯୋଜନା ବୋର୍ଡ ବଦଳରେ ଏସ୍‌ଆଇଟିଆଇ ଓଡ଼ିଶା



- ରାଜ୍ୟ ସରକାରଙ୍କ ଥିଙ୍କ ଟ୍ୟାଙ୍କ ଭାବେ କାର୍ଯ୍ୟ କରିବ
- ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ମିଳିବ କ୍ୟାବିନେଟ୍ ପାହ୍ୟା
- ୬ ବିନ୍ଦୁ ଉପରେ ସରକାରଙ୍କୁ ମାର୍ଗଦର୍ଶନ କରିବେ

ଭୁବନେଶ୍ୱର, ୧୮ ।୪ (ସବ୍ୟୁ) : ରାଜ୍ୟ ସରକାର ଖୁବ୍ ଶୀଘ୍ର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାନ୍ସଫରମେଟିଭ୍ (ଏସ୍‌ଆଇଟିଆଇ ଓଡ଼ିଶା) ପ୍ରତିଷ୍ଠା କରିବେ । ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ । ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ । ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ପୂର୍ବରୁ ୧୮ ଜୁଲାଇ ୨୦୨୪ ରେ 'ରାଜ୍ୟ ଯୋଜନା ବୋର୍ଡ'କୁ ଭାଙ୍ଗି ଦେଇଛନ୍ତି । ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ଏସ୍‌ଆଇଟିଆଇ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ ।

ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ । ଏହା ସର୍ବୋଚ୍ଚ ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ । (୯ ପୃଷ୍ଠାରେ)

## ପ୍ରମାଣିତ ହେଲା ଆତଙ୍କୀ ଲିଙ୍କ | ଇମ୍ରାନ ସମେତ ୪ ଗିରଫ

ଭୁବନେଶ୍ୱର, ୧୮ ।୪ (ସବ୍ୟୁ) : ଆତଙ୍କୀ ଲିଙ୍କ୍ ପ୍ରମାଣିତ ହେବା ପରେ ଦିଲ୍ଲୀ ପୋଲିସ ଓଡିଶାର ସେଖ୍ ଇମ୍ରାନ ସମେତ ୪ ଜଣଙ୍କୁ ଗିରଫ କରିଛି । ଇମ୍ରାନକୁ ଭୁବନେଶ୍ୱର ଗଙ୍ଗନଗର ଘରୁ ଦିଲ୍ଲୀ ପୋଲିସ ଉଠାଇନେଇ ପଚରାଉଚରା କରୁଥିଲା । ଇମ୍ରାନ ସହ ଗିରଫ ହୋଇଥିବା ଅନ୍ୟ ୩ ଜଣ ହେଲେ ମହାରାଷ୍ଟ୍ରର ୨ ଜଣ ଓ ବିହାରର ଜଣେ । ଗିରଫ ଅଭିଯୁକ୍ତମାନେ ଖଲିପା ପ୍ରତିଷ୍ଠାର ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ସେମାନେ ଖୁରାସାନରୁ ନସ୍କର ଆସିବା ଓ କଳାପତାକା ଉଡାଇବାର ଉଦ୍ଦେଶ୍ୟରେ ବିଶ୍ୱାସ ରଖୁଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଏମାନେ ସକ୍ରିୟ ଭାବେ "ଗଜୱା -ଏ -ହିନ୍ଦ' ରେ ଭାଗ ନେବା ପାଇଁ ପ୍ରସ୍ତୁତି ଚଳାଇଥିଲେ । ଏନକ୍ରିପଟେଡ୍ ସୋସିଆଲ ମିଡିଆ ଗ୍ରୁପ ମାଧ୍ୟମରେ ଅନ୍ୟମାନଙ୍କୁ ମଧ୍ୟ ମୌଳବାଦୀ କରୁଥିଲେ ।

ଜଣେ ଅଭିଯୁକ୍ତଙ୍କ ନିକଟରୁ ଏକ ଆଇଇଡି ଜବତ କରାଯାଇଛି । ୨ ଜଣ ସଦସ୍ୟ ସ୍ଥାନୀୟ ସୂତ୍ରରୁ ବିସ୍ଫୋରକ ସାମଗ୍ରୀ ସଂଗ୍ରହ କରି ଏକ ରିମୋଟ କଣ୍ଟ୍ରୋଲ ଆଇଇଡି (୯ ପୃଷ୍ଠାରେ)

## ଅନିର୍ଦ୍ଦିଷ୍ଟକାଳ ଲାଗି ସଂସଦ ମୁଲତବୀ

ନୂଆଦିଲ୍ଲୀ,୧୮ ।୪ : ସମ୍ବିଧାନ ସଂଶୋଧନ ବିଲ୍ ଗତକାଲି ଲୋକସଭାରେ କାଟ ଖାଇଲା ପରେ ଆଜି ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ୨୦୧୧ ଜନଗଣନା ଅନୁଯାୟୀ ସୀମା ପୁନର୍ନିର୍ଦ୍ଧାରଣ କରି ମହିଳାମାନଙ୍କ ଲାଗି ଆସନ ସଂରକ୍ଷଣ କରିବାକୁ ଯେଉଁ ବିଲ ଆସିଥିଲା ତାହା କାଟ ଖାଇଥିଲା । ଏହାପରେ ଆଜି ଲୋକସଭା ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା । ବାଚସ୍ପତି ଓମ୍ ବିର୍ଲା ସତ୍ର ଅବସାନର ଅଭିଭାଷଣ ଦେଲା ପରେ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଥିଲା ।

ବଜେଟ୍ ଅଧିବେଶନର ପରିବର୍ଦ୍ଧିତ ଅଧିବେଶନ ୧୬ ତାରିଖରୁ ଆରମ୍ଭ ହୋଇଥିଲା । ୩ ଦିନ ଧରି ହେବାକୁଥିବା ଏହି ଅଧିବେଶନରେ ସରକାର ସମ୍ବିଧାନ ସଂଶୋଧନ ବିଲ, ସୀମା ନିର୍ଦ୍ଧାରଣ ବିଲ୍ ଓ କେନ୍ଦ୍ର ସାସିତ ଅଞ୍ଚଳ ଆଇନ ବିଲ ଆଗତ କରିଥିଲେ । ମାତ୍ର ଲୋକସଭାରେ (୯ ପୃଷ୍ଠାରେ)




# ଗଣତନ୍ତ୍ର, ସମ୍ବିଧାନର ବିଜୟ : ପ୍ରିୟଙ୍କା



- ୨୦୨୩ ପାରିତ ମହିଳା ସଂରକ୍ଷଣ ବିଲ୍ ଲାଗୁ ହେଉ
- କିଏ ମହିଳା ବିରୋଧୀ ତାହା ଜଣା ଅଛି
- କ୍ଷମତାରେ ସର୍ବଦା ରହିବାକୁ ହୋଇଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୧୮ ।୪ : ଲୋକସଭାରେ ମହିଳା ସଂରକ୍ଷଣକୁ ଆଳ କରି ଅଣାଯାଇଥିବା ସମ୍ବିଧାନ ସଂଶୋଧନ ବିଲ କାଟ ହେବା ପରେ ତେବେ ଏହାକୁ ନେଇ ଜାତୀୟ ରାଜନୀତିରେ ଆରୋପ ପ୍ରତ୍ୟାହାର ତୀବ୍ର ହେବାରେ ଲାଗିଛି । ତେବେ କଂଗ୍ରେସ ସଂସଦ ପ୍ରିୟଙ୍କା ଗାନ୍ଧି କେନ୍ଦ୍ର ସରକାରଙ୍କ ପ୍ରଶ୍ନ ଉଠାଇବା ସହ ଗତକାଲି ଯାହା ହେଲା ଗଣତନ୍ତ୍ର ଓ ସମ୍ବିଧାନର ବିଜୟ ବୋଲି କହିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ପ୍ରିୟଙ୍କା କହିଛନ୍ତି ଯେ, ଏହା ମହିଳା ବିଲ ସମ୍ପର୍କରେ ନଥିଲା ବରଂ ସୀମା ନିର୍ଦ୍ଧାରଣ ବିଷୟରେ ଥିଲା । ଗତକାଲି ଏକ ଷଡଯନ୍ତ୍ର ଭାବରେ ଅଣାଯାଇଥିଲା । ଯଦି ବିଲ୍ ପାସ ହୋଇଥାନ୍ତା ତେବେ ସରକାର ନିଜକୁ ଦେଶର ମହିଳାଙ୍କ ତ୍ରାଣକର୍ତ୍ତା ଭାବେ ଚିତ୍ରଣ କରିଥାନ୍ତେ । ଯଦି ଏହା ପାସ ନହେବ ତା ହେଲେ ମହିଳା ବିରୋଧୀ କହି ଘର ଘର ବୁଲିବେ । ପୂର୍ବରୁ (୯ ପୃଷ୍ଠାରେ)

### କିମ୍‌ସରେ ସୂକ୍ଷ୍ମ ପ୍ରକ୍ରିୟାରେ ଗଣ୍ଠି ପ୍ରତିରୋପଣ

# ଉନ୍ନତ ସିଓଆର୍‌ଆଇ ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିମସ ଭୁବନେଶ୍ୱରରେ ସୂକ୍ଷ୍ମ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ସିଓଆରଆଇ ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ ଯନ୍ତ୍ରଣା ଶୂନ୍ୟ ସହ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ବିଶେଷ କରି ଗମ୍ଭୀର ଆଣ୍ଠୁ ସମାଧାନ କରାଯାଇପାରିବ ବୋଲି କିମସ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡା ଦେବାଶିଷ ମିଶ୍ର କହିଛନ୍ତି।

ନୂତନ ଭାବରେ ପ୍ରଚଳିତ ସିଓଆରଆଇ ସିଷ୍ଟମ ଅନେକ ଅନନ୍ୟ ସୁବିଧା ପ୍ରଦାନ କରେ। ଏହା ପ୍ରି-ଅପରେଟିଭ୍ ସିଟି ସ୍କାନ୍ ଆବଶ୍ୟକତାକୁ ଦୂର କରି ପ୍ରତିଛବି-ମୁକ୍ତ, ଠିକ ସମୟରେ ଅସ୍ତ୍ରୋପଚାର ଯୋଜନାକୁ ସକ୍ଷମ କରିଥାଏ। ନରମ ଟିସୁ ସନ୍ତୁଳନର ପ୍ରକୃତ-ସମୟ ମୂଲ୍ୟାଙ୍କନ ଆଧାରରେ ଡାକ୍ତରଙ୍କୁ ସଫଳ ଅସ୍ତ୍ରୋପଚାର କରିବା ସହଜ ହୋଇଥାଏ।

ଆଉ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ବର୍-ଆଧାରିତ କଟିଂ ସିଷ୍ଟମ ଠିକ ଓ ବାସ୍ତବ-ସମୟ ଟ୍ରାକିଂ ସହିତ ହାଡ଼କୁ ଆକାର ଦେବା ପାଇଁ ଏକ ଉଚ୍ଚ-ଗତି ଘୂର୍ଣ୍ଣନ ଉପକରଣ ବ୍ୟବହାର



ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏହା ବରଦାନ ପ୍ରମାଣିତ ହୋଇଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ଏହି ସିଓଆରଆଇ ରୋବୋଟିକ୍ ବ୍ୟବସ୍ଥାରେ ଅନେକ ପ୍ରକାର ସୁବିଧା ମିଳୁଛି। ଏଥିରେ ପାରମ୍ପରିକ ଗଣ୍ଠି ପ୍ରତିରୋପଣ କ୍ଷେତ୍ରରେ ସାଧାରଣତ ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା, ଦୀର୍ଘକାଳୀନ ପୁନର୍ବାସ ଏବଂ ରୋଗୀ ଅସନ୍ତୋଷ ଭଳି ଅନେକ କିଛି ସମସ୍ୟା ବର୍ତ୍ତମାନ ଅଭିଜ୍ଞ ସର୍ଜନଙ୍କ ବିଶେଷଜ୍ଞତା ସହିତ ଉନ୍ନତ ରୋବୋଟିକ୍ ସହାୟତାରେ ଏହି ବ୍ୟବସ୍ଥା ରୋଗୀଙ୍କ ଶରୀର ଗଠନର ରିଅଲ୍-ଟାଇମ୍ ୩ଡି ମ୍ୟାପିଂ ବ୍ୟବହାର କରି ଡାକ୍ତରଙ୍କୁ ରୋଗୀ ପାଇଁ ବ୍ୟକ୍ତିଗତ ଆଣ୍ଠୁ ପ୍ରତିରୋପଣ କରିବାରେ ସହାୟତା କରିଥାଏ। ଏହି ପ୍ରଯୁକ୍ତିବିଦ୍ୟାରେ ହାପ୍ଟିକ୍ ଫିଡବ୍ୟାକ୍ ସହିତ ଏକ ହ୍ୟାଣ୍ଡହେଲ୍ଡ୍, ପୋର୍ଟେବଲ୍ ରୋବୋଟିକ୍ ଡିଭାଇସ୍ ରହିଛି, ଯାହା ହାଡ଼ ଏବଂ ଆଖପାଖର ନରମ ଟିସୁ ଯେପରିକି ଲିଗାମେଣ୍ଟ୍ ଏବଂ ରକ୍ତବାହୀ ନଳୀ ମଧ୍ୟରେ ପାର୍ଥକ୍ୟ କରିପାରିବ, ଯାହା ଦ୍ୱାରା ଅସ୍ତ୍ରୋପଚାର ସୁରକ୍ଷା ବୃଦ୍ଧି ପାଇଥାଏ। କରେ। ଏହା ସୁସ୍ଥ ହାଡ଼କୁ ସଂରକ୍ଷଣ କରିବା ସହିତ ସଠିକ୍ ଇମ୍ପ୍ଲାଣ୍ଟ ସ୍ଥିତି ସୁନିଶ୍ଚିତ କରେ। କିମସରେ ଏଭଳି ଅତ୍ୟାଧୁନିକ ଅସ୍ତ୍ରୋପଚାର ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ଏହା ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କୁ ତୁରନ୍ତ ଆରୋଗ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି କିଟ, କିସ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏଥି ପାଇଁ ଶ୍ରୀ ସାମନ୍ତ କିମସ ଅସ୍ଥିଶଲ୍ୟ ବିଭାଗର ସାମନ୍ତ ବିଶେଷଜ୍ଞ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକ୍ଚରିଙ୍ଗ୍ ୟୁନିଟ୍ ଉଦ୍‌ଘାଟିତ

# ୨୦୩୬ ସୁଦ୍ଧା ଓଡ଼ିଶା ହେବ ୫୦୦ ବିଲିୟନ ଡଲାର ଅର୍ଥନୀତିର ରାଜ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଇନ୍ଫୋଭେଲି-କ୍ଷଷ, ଖୋର୍ଦ୍ଧାଠାରେ 'ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକ୍ଚରିଙ୍ଗ୍ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ ଆଜି ସ୍ମାର୍ଟ ଇନଫ୍ରାସ୍ଟ୍ରକ୍ଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ୱେ-ଟ୍ରାକ୍ ଇଣ୍ଡିଆର ସମସ୍ତ ଟିମ୍ ମେମ୍ବରଙ୍କୁ ଅଭିନନ୍ଦନ ଜଣାଇଥିଲେ। ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଜାରି ରହିଛି। ପୂର୍ବରୁ କେବଳ ଖଣି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସରକାର, ଇଓ, ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସିଉଟିକାଲ ଭଳି ନୂତନ ଅର୍ଥନୀତି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଥିଲେ।



ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର 'ଚକ୍ଷୁଙ୍କଶ ୫ ଚକ୍ଷୁବଛ' ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଗଝଗର ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟ ସରକାର ସହଜରେ ଗଝଗର ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ଏମ୍‌ଇ ପ୍ରତି ଥିବା ଆନ୍ତରିକତାକୁ ପ୍ରଶଂସା କରି କହିଥିଲେ ଯେ ଏସ୍‌ଏସ୍‌ଏମ୍‌ଇ ଇଣ୍ଡଷ୍ଟ୍ରି ବସେଇବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ଶତ ପ୍ରତିଶତ ରେଜଲ୍ଟ

## କୌସ୍ତୁଭ ମନ୍ମୟ ମିଶ୍ର ୯୫.୪% ରଖି ବିଦ୍ୟାଳୟ ଟପ୍ପର

କଟକ,(ସବ୍ୟୁ):ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କଟକ ସି ଡ଼ି ଏ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସ୍କୁଲର ମେଧାବୀ ଛାତ୍ର କୌସ୍ତୁଭ ମନ୍ମୟ ମିଶ୍ର ୯୫.୪% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ସ୍କୁଲର ଅନ୍ୟ ଦୁଇ ଛାତ୍ର ଆଶୁତୋଷ ପ୍ରଧାନ ଓ ଅଭିନନ୍ଦନ ତ୍ରିପାଠୀ ମଧ୍ୟ ୯୦ ଶତକଡାରୁ ଅଧିକ ନମ୍ବର ରଖି ଶିକ୍ଷାନୁଷ୍ଠାନର ଟେକ ରଖିଛନ୍ତି। ସ୍କୁଲରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥି ମାନଙ୍କ ସଫଳତା ପାଇଁ ଅଧ୍ୟକ୍ଷା ଚୌଧୁରୀ ପ୍ରଜ୍ଞା ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।ବିଶେଷ କରି ବିଦ୍ୟାଳୟରେ ଶିକ୍ଷା ଦାନର ପଦ୍ଧତି , ଶିକ୍ଷକ , ଶିକ୍ଷୟତ୍ରୀ ମାନଙ୍କର ମାର୍ଗଦର୍ଶନ ସେମାନଙ୍କୁ ଏହି ସଫଳତା ହାସଲ ପାଇଁ ସୁଯୋଗ ଦେଇଥିଲା ବୋଲି ଉତ୍ତୀର୍ଣ୍ଣ ବିଦ୍ୟାର୍ଥିମାନେ କହିଛନ୍ତି।

### ଡେଟିଂ ଆପ୍ ମାଧ୍ୟମରେ ଲୁଟ୍‌ପାଟ୍

# ମହିଳାଙ୍କ ସମେତ ତିନି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଡେଟିଂ ଆପ୍ ମାଧ୍ୟମରେ ଗତ କିଛିଦିନ ହେବ ଲୁଟ୍‌ପାଟ୍ ଚଳାଇଥିବା ଏକ ଗ୍ୟାଙ୍ଗ୍‌ର ତିନିଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୋଲିସ। ଗିରଫ ତିନିଜଣଙ୍କ ମଧ୍ୟରେ ଜଣେ ମହିଳା, ଜଣେ ନାବାଳକ ଓ ଜଣେ ଯୁବକ ଥିବା ସୂଚନା ମିଳିଛି। ଏହି ଗ୍ୟାଙ୍ଗ୍‌ର ବହୁ ସଦସ୍ୟ ଫେରାର ଥିବାରୁ ସବିଶେଷ ତଥ୍ୟ କହିବାକୁ ପୋଲିସ ଅନିଚ୍ଛା ପ୍ରକାଶ କରିଛି। କାରଣ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଛାନ୍‌ଭିନ୍ ଚାଲିଛି।

ବଡ଼ଗଡ଼ ଥାନା ଅଞ୍ଚଳର ଅଭିଯୋଗକାରୀ ଯୁବକ ଡେଟିଂ ଆପ୍‌ରେ ମହିଳାଙ୍କ ସହ ଚାଟ୍ କରିବା ପରେ ମାର୍ଚ୍ଚ ମାସର ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇଥିଲା ଉଭୟେ ମିଶିବା ପାଇଁ। ଡେଟିଂ ଆପ୍‌ର ନିର୍ଦ୍ଧାରିତ ତାରିଖ ଅନୁଯାୟୀ ସେହି ମହିଳା କେଶୁରା ଅଞ୍ଚଳର ଏକ ଭଙ୍ଗା ଘର ନିକଟକୁ ଅଭିଯୋଗକାରୀ ଯୁବକଙ୍କୁ ଡାକିଥିଲା। ଅଭିଯୋଗକାରୀ ଯୁବକ ପହଞ୍ଚିବା ପରେ ଉଭୟ ଭଙ୍ଗାଘର ଭିତରକୁ ଯାଇଥିଲେ।

କିଛି ସମୟ ପରେ ଆଉ ଜଣେ ଯୁବକ ଓ ଜଣେ ନାବାଳକ ପହଞ୍ଚି ଅଭିଯୋଗକାରୀ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ମହିଳାଙ୍କ ସମେତ ତିନି ଅଭିଯୁକ୍ତ ମିଶି ଅଭିଯୋଗକାରୀଙ୍କ ଠାରୁ ଟଙ୍କା, ସୁନା ଗହଣା ପ୍ରଭୃତି ଲୁଟି ନେଇ ଖସି ଯାଇଥିଲେ। ଯୁବକଙ୍କ କହିବା ଅନୁଯାୟୀ କେବଳ ଗିରଫ ହୋଇଥିବା ତିନିଜଣ ନୁହଁନ୍ତି, ସେମାନଙ୍କ ସହ ଆହୁରି ୪-୫ ଜଣ ଆସିଥିଲେ। କେତେକ ଭଙ୍ଗାଘର ବାହାରେ ଜଗି ରହିଥିଲେ। ଏହି ଘଟଣା ପରେ ଉପାୟଶୂନ୍ୟ ହୋଇ ପୀଡ଼ିତ ଯୁବକ ବଡ଼ଗଡ଼ ଥାନାରେ ଏତଲା କରିଥିଲେ। ତାଙ୍କ ଏତଲା ଅନୁଯାୟୀ ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ନାବାଳକକୁ ସୁଧାର ଗୃହକୁ ପଠାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

# ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ବହୁବିଧ କ୍ୟାରିୟରର ସୁଯୋଗ ରହିଛି : ଆଇନ୍‌ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆଇନ୍ ଛାତ୍ରଛାତ୍ରୀମାନେ ଯଦି ନିଜ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବେ ତେବେ ନିଜର ସଫଳ କ୍ୟାରିୟର ନିମନ୍ତେ ସେମାନଙ୍କ ନିକଟରେ ଅନେକ ବିକଳ୍ପ ରହିଛି ବୋଲି ଶନିବାର ଓଡ଼ିଶା ସରକାରଙ୍କ ଆଇନ୍ ଓ ପୂର୍ତ୍ତ ବିଭାଗମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ବୃତିରେ ପରିଣତ ହୋଇସାରିଥିବା ବେଳେ ଛାତ୍ରଛାତ୍ରୀମାନେ ଖୁବ୍ ଯତ୍ନବାନ ହୋଇ ନିଜ କ୍ୟାରିୟର ନିମନ୍ତେ ଯୋଜନା କରନ୍ତୁ। କାରଣ ସେମାନଙ୍କ ନିକଟରେ କୋର୍ଟରେ ଓକିଲାତି କରିବା ସହ ନ୍ୟାୟିକ ଅଧିକାରୀ ହେବାରେ ମଧ୍ୟ ବିକଳ୍ପ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଜାତୀୟ ଯୁବ ସଂସଦ - 'ଲୋକ ସମ୍ବାଦ-୨୦୨୬' ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ




ଦେଇ ଆଇନ୍‌ମନ୍ତ୍ରୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼ ଏବଂ ଦିଲ୍ଲୀରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ବିଗତ କିଛି ବର୍ଷ ହେବ ଆଇନ ବୃତିରେ ବିଶାଳ ପରିବର୍ତ୍ତନ ଘଟିଛି ଏବଂ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ଆଇନ ଶିକ୍ଷାରେ ସୁପର ସ୍ପେଶିଆଲିଟି କୋର୍ସ ନିମନ୍ତେ ଅଧିକ ମନ ବଳାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ପ୍ରଶାସନକୁ ସହଯୋଗ କରିବା ନିମନ୍ତେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦେଉଛନ୍ତି।

ଆଇନ୍ ମହାବିଦ୍ୟାଳୟ ଗୁଡ଼ିକରେ ସାଧାରଣତଃ ମୁଟ କୋର୍ଟ୍‌ର ଆୟୋଜନ କରାଯାଉଥିବା ବେଳେ ଯୁବ ସଂସଦ କାର୍ଯ୍ୟକ୍ରମ ଖୁବ ବିରଳ। ତେଣୁ ଏଭଳି କାର୍ଯ୍ୟକ୍ରମ ପାଇଁ ସେ ସୋଆକୁ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସୋଆ ଶିକ୍ଷା କ୍ଷେତ୍ରରେ ଖୁବ୍ ଉଚ୍ଚକୁ ଉଠିଛି। ସୋଆର ଆଇନ୍ ମହାବିଦ୍ୟାଳୟ ଏସ୍‌ଏନ୍‌ଆଇଏଲ୍ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍‌ୟାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ୍) ର୍‌ୟାଙ୍କିଙ୍ଗସ୍‌ରେ ସାରା ଦେଶରେ ୧୦ମ ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ଏସଏନଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ପୁରସ୍କାର ପ୍ରଦାନ କରିଥିଲେ।

### ୬୮ ଏକର ବିଡିଏ ଜମିରୁ ଜବରଦଖଲ ଉଚ୍ଛେଦ

## ତୀବ୍ର ଉତ୍ତେଜନା, ଫୋର୍ସ ମୁତୟନ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ସାଁପୁର ମୌଜାରେ ୬୮ ଏକର ବିଡିଏ ଜମିରୁ ଦୁଇଦିନ ହେବ ଜବରଦଖଲ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ସମୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବାରୁ ଫୋର୍ସ ମୁତୟନ ରହିଛନ୍ତି। ୨୦୧୫ ମସିହାରେ ସାଧାରଣ ପ୍ରଶାସନ ସାଁପୁର ମୌଜାର ୬୮ ଏକର ଜମି ବିଡିଏକୁ ହସ୍ତାନ୍ତର କରିଥିଲା। ସେହି ଜମି ଉପରେ ବିଡିଏ ପାଚେରୀ ନିର୍ମାଣ କରିଥିଲା। ହେଲେ କେତେକ ମାଫିଆ ଭୂ-ଦାନ ଜମି କହି ଗରିବ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ବେଆଇନ ବିକ୍ରି କରିବା ପରେ ୬୮ ଏକର ଜମି ଜବରଦଖଲ ହୋଇଯାଇଥିଲା। ବିଡିଏ ନିର୍ମାଣ କାର୍ଯ୍ୟ କରିବା ପାଇଁ ସେଠାରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ତିନି ଦିନରେ ଉଚ୍ଛେଦ କାର୍ଯ୍ୟ ସରିବ ବୋଲି କୁହାଯାଉଥିବାବେଳେ ଜଣେ ଅଫିସରଙ୍କ କହିବା ଅନୁଯାୟୀ ତିନିଦିନ ନୁହେଁ, ଉଚ୍ଛେଦ ସରିବା ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିବ। ବିଡିଏ ପାଚେରୀକୁ ଭାଙ୍ଗି ମାଫିଆମାନେ ସେହି ବାଟ ଦେଇ ଲୋକଙ୍କୁ ପ୍ରବେଶ କରାଇବା ସହ ଘର ତିଆରି ପାଇଁ ଇଟା, ବାଲି, ଗୋଡ଼ି ନେଇଛନ୍ତି। ନିଜ ଇଚ୍ଛାରେ ରାସ୍ତା ନିର୍ମାଣ ମଧ୍ୟ ହୋଇଛି। ବିଡିଏ ଅଫିସରଙ୍କ କହିବା କଥା, ଟାଟାକୁ କୁହାଯାଇଥିଲା ଏଠାରେ ବିଦ୍ୟୁତ୍ ସଂଯୋଗ ନଦେବା ପାଇଁ। ହେଲେ କେତେକ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ତାହା ମଧ୍ୟ କାଟି ଦିଆଯାଇଛି। ଉଚ୍ଛେଦ ବେଳେ ମୂଲ୍ୟବାନ ଘରଗୁଡ଼ିକ ଭାଙ୍ଗିଯାଉଥିବାରୁ ଲୋକେ ତୀବ୍ର ବିରୋଧ କରୁଛନ୍ତି।

# ହୋଟେଲ୍‌ରେ ସେକ୍ସ ରାକେଟ୍ : କିଙ୍ଗପିନ୍ ସମେତ ୨ ଦେହଜୀବୀ, ୪ଗ୍ରାହକ ଅଟକ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ ଓଭରବ୍ରିଜ ନିକଟ ଡଲଫିନ୍ ହୋଟେଲ୍ ରୁ ସେକ୍ସ ରାକେଟ ଠାବ କରିଛି ପୁଲିସ ଓ ସ୍ପେଶାଲ ସ୍କ୍ୱାର୍ଡ। କିଙ୍ଗପିନ ସମେତ ୪ଜଣ ଗ୍ରାହକ ଓ ୨ଜଣ ଦେହଜିବୀ ଏବଂ ହୋଟେଲ ର ମାଲିକ ଓ ମ୍ୟାନେଜର୍ ଙ୍କୁ ଧରିଛି ପୁଲିସ। ଅଟକ ୪ଗ୍ରାହକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନନ୍ଦସାହି ର ରାକେଶ ମହାପାତ୍ର (୩୩), ବାଲେଶ୍ୱର ଅଂଚଳ ର ସଞ୍ଜିବ ତ୍ରିବେଦୀ (୩୧), ଯାଜପୁର ଅଂଚଳ ର ଉମାକାନ୍ତ ଗୁରୁ (୩୨) ଓ ଜଙ୍କିଆ ଅଂଚଳ ର ଦୀପକ ମାଝି (୩୦)। ପୁଲିସ ନିଜଆଡୁ ୯୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି କହିଛନ୍ତି ଥାନା ଅଧିକାରୀ ଉମେଶ ସାହୁ। ଏହି ହୋଟେଲଟି ଜଟଣୀ ବାଇପାସ ନିକଟରେ ରହିଛି। ଜନଗହଳୀପୂର୍ଣ୍ଣ ରାସ୍ତା ହୋଇନଥିବାରୁ ଏହାର ସୁଯୋଗ ନେଇ ହୋଟେଲ ରେ ଚାଲିଥିଲା ସେକ୍ସ ରାକେଟ୍। ଧରା ହୋଇଥିବା କିଙ୍ଗପିନ୍ ହୋଟେଲ ମାଲିକଙ୍କ ସହ ମିଶି ଏଠାରେ ରାକେଟ ଚଳାଇଥିଲେ। ପ୍ରଥମେ କେହି ସନ୍ଦେହ କରିନଥିଲେ। ପରବର୍ତ୍ତି ସମୟରେ ସେଠାକୁ ଲୋକଙ୍କ ଯିବା ଆସିବା ଲାଗି ରହିବା ଯୋଗୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ଆରମ୍ଭ କରିଥିଲେ।

ଅନ୍ୟପଟେ କିଛି ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ଏ ସମ୍ପର୍କରେ ଜଣାପଡିବା ପରେ ପୋଲିସ୍ କୁ ସୂଚନା ଦିଆଯାଇଥିଲା ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ରାକେଟ ଧରାପଡିବା ପରେ ଆଗକୁ ବହୁ ଗୁମର ଖୋଲିବ ବୋଲି ଆଲୋଚନା ହେଉଛି। ଆଜି ଅଚାନକ ପସି ଧରିବା ପରେ ଘଟଣାକୁ ପଦାକୁ ଆସିଛି। ତେବେ ଆଜି ବିଶେଷ ସୂତ୍ରରୁ ଖବରପାଇ ସ୍ପେସାଲ ସ୍କ୍ୱାର୍ଡ ଓ ଶିଳ୍ପାଂଚଳ ପୁଲିସ ପକ୍ଷରୁ ଅପରାହ୍ନ ରେ ଉକ୍ତ ହୋଟେଲ ରେ ଚଢଉ କରାଯାଇଥିଲା। ହୋଟେଲ ବିଭିନ୍ନ ମହଲାରେ ରହିଥିବା ୩ଟି ରୁମ୍ ୨ଜଣ ଦେହଜିବୀ ଏବଂ ୪ଜଣ ଗ୍ରାହକଙ୍କୁ ଅସଜ୍ଞତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏଥିସହିତ ଅନେକ ଆପତିଜନକ ସାମଗ୍ରୀ ପୁଲିସ ଜବତ କରିଛି। ଏଥିସହିତ ହୋଟେଲ ଭିତରୁ ରାକେଟ ର କିଙ୍ଗପିନ୍, ହୋଟେଲ ର ମାଲିକ ଓ ମ୍ୟାନେଜର କୁ ପୁଲିସ ଥାନାକୁ ଉଠାଇନେଇଛି।

# ଝାରସୁଗୁଡାର ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଝାରସୁଗୁଡା ସହର ଚାରିପାଖରେ ଥିବା ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକରେ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଉପଲବ୍ଧତା କେତେକ ସମୟରେ ଏକ ଚ୍ୟାଲେଞ୍ଜ ହୋଇପାରେ। ସହରାଂଚଳ କେନ୍ଦ୍ରରୁ ଦୂରତା, ସୀମିତ ରୋଗ ନିର୍ଣ୍ଣୟ ସୁବିଧା ଏବଂ ସ୍ୱାସ୍ଥ୍ୟ ସଚେତନତାରେ ବ୍ୟବଧାନ ହେଉଛି ସମୟୋଚିତ ଚିକିତ୍ସା ବିଳମ୍ବ କରୁଥିବା କାରଣ। ଏହି ବାସ୍ତବତାକୁ ପରିବର୍ତ୍ତନ କରିବାକୁ ବେଦାନ୍ତ ଆଲୁମିନିୟମ କାର୍ଯ୍ୟ ଜାରିରଖିଛି। ନିରନ୍ତର ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରଣନୈତିକ ସହଭାଗୀତା ମାଧ୍ୟମରେ, କମ୍ପାନୀ ଏହି ଅଂଚଳରେ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସ୍ଥିର ଭାବରେ ସୁଦୃଢ଼ କରିଆସୁଛି, ଯେଉଁମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ସେବା ପହଂଚାଇଛି।

ସାମ୍ପ୍ରତିକ ଏକ ସପ୍ତାହ ଧରି ଚାଲିଥିବା ସମ୍ପ୍ରଦାୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଏହି ପ୍ରୟାସର ଉଦ୍ଦେଶ୍ୟକୁ ପ୍ରତିଫଳିତ କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ୨୮ ଟି ଗ୍ରାମରେ ପରିଚାଳିତ ଏହି ପଦକ୍ଷେପ ୨,୦୦୦ ରୁ ଅଧିକ ଲୋକଙ୍କ ନିକଟରେ ପହଂଚିଛି, ଯକ୍ଷ୍ମା ସଚେତନତା, ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଉପଲବ୍ଧ




ସାର୍ବଜନୀନ ସ୍ୱାସ୍ଥ୍ୟ ସହାୟତା ପ୍ରଣାଳୀ ସହିତ ସମ୍ପ୍ରଦାୟମାନଙ୍କୁ ପରିଚିତ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏକକାଳୀନ ହସ୍ତକ୍ଷେପ ପରିବର୍ତ୍ତେ ଏକ ଚାଲୁଥିବା ସମ୍ପର୍କ ଭାବରେ ଡିଜାଇନ୍ କରାଯାଇଥିବା, ଏହି ପଦକ୍ଷେପଗୁଡ଼ିକୁ କମ୍ପାନୀର ବ୍ୟାପକ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମରେ ସମନ୍ୱିତ କରାଯାଇଛି ଯାହା ସଚେତନତା, ପ୍ରବେଶ ଏବଂ ସୁଲଭତାକୁ ମିଶ୍ରଣ କରେ, ବିଶେଷକରି ଗ୍ରାମାଂଚଳରେ।

ବେଦାନ୍ତର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ପଦକ୍ଷେପ ଏହି ପ୍ରୟାସର ଏକ ପ୍ରମୁଖ ଦିଗ, ଯାହା ଗ୍ରାମାଂଚଳର ଘରର ଦ୍ୱାରଦେଶରେ ସିଧାସଳଖ ପ୍ରାଥମିକ ସ୍ୱାସ୍ଥ୍ୟସେବା ପହଂଚାଇଥାଏ। ଆର୍ଥିକ ବର୍ଷ ୨୫ ରେ, କମ୍ପାନୀର ଏମଏଚୟୁ ଗୁଡ଼ିକ ୨୦,୦୦୦ ରୁ ଅଧିକ ହିତାଧିକାରୀଙ୍କୁ ମାଗଣା ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରିଥିଲେ। ପରାମର୍ଶ ଏବଂ ଔଷଧ ବ୍ୟତୀତ, ଏମଏଚୟୁଗୁଡ଼ିକ ନିରନ୍ତର ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ଏକ ପ୍ଲାଟଫର୍ମ। ସେହି ସମୟ ମଧ୍ୟରେ, ଏମଏଚୟୁ କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକଳାପ ୧.୧୪ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଂଚିଥିଲା, ଯେଉଁଥିରେ ସ୍ୱଚ୍ଛତା ଏବଂ ପରିମଳ, ସଂକ୍ରାମକ ଏବଂ ଅଣ-ସଂକ୍ରାମକ ରୋଗର ନିବାରଣ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଡେଙ୍ଗୁ-ମ୍ୟାଲେରିଆ ନିବାରଣ, କୃମିମୁକ୍ତି ଏବଂ ସାମଗ୍ରିକ ସୁସ୍ଥତା ସମେତ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ ହୋଇଥିଲା। ଏକତ୍ର, ଏହି ଅଧିବେଶନଗୁଡ଼ିକ ସ୍ୱାସ୍ଥ୍ୟ ସାକ୍ଷରତାରେ ଉନ୍ନତି ଆଣିବା ଏବଂ ସମ୍ପ୍ରଦାୟ ମଧ୍ୟରେ ସକ୍ରିୟ ସ୍ୱାସ୍ଥ୍ୟ-ଖୋଜିବା ଆଚରଣକୁ ଉତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ସମାଜ କଲ୍ୟାଣ ପ୍ରତି କମ୍ପାନୀର ଆଭିମୁଖ୍ୟ ବ୍ୟାଖ୍ୟା କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଆମର ସମାଜ ବିକାଶ ପଦକ୍ଷେପଗୁଡ଼ିକ ଏହି ବିଶ୍ୱାସରେ ମୂଳ ଯେ ସୁଗମ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ହେଉଛି ଶକ୍ତିଶାଳୀ ସମାଜ ଗଠନ ପାଇଁ ମୌଳିକ। ଆମର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଉନ୍ନତ ରୋଗ ନିର୍ଣ୍ଣୟ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ଆମେ ପ୍ରାରମ୍ଭିକ ହସ୍ତକ୍ଷେପକୁ ସକ୍ଷମ କରିବା ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ। ଏହାର ତୃଣମୂଳ ସ୍ତରରେ ପହଂଚକୁ ପରିପୂରକ କରି, କମ୍ପାନୀ ଏହି ଅଂଚଳରେ ରୋଗ ନିର୍ଣ୍ଣୟ ଭିତିଭୂମିକୁ ସୁଦୃଢ଼ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛି। ଝାରସୁଗୁଡାରେ ଏହାର ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ବ୍ୟାପକ ପାଥୋଲୋଜି ସେବା, ଡାକ୍ତରୀ ପରାମର୍ଶ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟ ସ୍କ୍ରିନିଂ ସହିତ ଏମଆରଆଇ, ସିଟିସ୍କାନ୍, ଏକ୍ସ-ରେ ଏବଂ ଅଲ୍ଟ୍ରାସାଉଣ୍ଡ ଭଳି ଉନ୍ନତ ସୁବିଧା ପ୍ରଦାନ କରେ। ଆର୍ଥିକ ବର୍ଷ ୨୫ ରେ, କେନ୍ଦ୍ରଟି ଝାରସୁଗୁଡା ଜିଲ୍ଲା ଏବଂ ବାହାରର ୫୭,୦୦୦ ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରିଥିଲା।

# ପ୍ରିୟଦର୍ଶନ ପଟ୍ଟନାୟକଙ୍କ ଗିରଫ ଦାବିରେ ଟାଉନ ଥାନାରେ ଏତଲା

ପୁରୀ, (ସବ୍ୟୁ): ବିଜେଡି ବରିଷ୍ଠ ନେତା ତଥା ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ବୈଦ୍ୟୁତିକ ଗଣ ମାଧ୍ୟମରେ ମିଥ୍ୟା, କପୋଳ କଳ୍ପିତ ମନଗଢ଼ା କାହାଣୀ ରଚନା କରି ବଦନାମ କରିବା ଉଦ୍ଦେଶ୍ୟରେ ବୟାନ ବାଜି ପ୍ରତିବାଦରେ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଙ୍କୁ ଗିରଫ ଦାବୀ କରି ବିଜୁ ଜନତା ଦଳ ପକ୍ଷରୁ ଟାଉନ ଥାନାରେ ଲିଖିତ ଏତଲା ଦାୟର କରା ଯାଇଛି। ଏହି ଏତଲା ଦାୟର କରିଛନ୍ତି ବିଜୁ ଜନତା ଦଳ ନେତା ତଥା ପୂର୍ବତନ ନଗରପାଳ ସବ୍ୟସାଚୀ ମହାପାତ୍ର। ଶ୍ରୀ ମହାପାତ୍ରଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସ। ସବ୍ୟସାଚୀଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ହାତରେ ବ୍ୟାନର ଓ ପ୍ଲା କାର୍ଡ ଧରି ଏକ ବିରାଟ ଶୋଭାଯାତ୍ରାରେ ଆସି ଟାଉନ ଥାନା ନିକଟରେ ପହଞ୍ଚି ଥିଲେ। ସେଠାରେ ପ୍ରିୟଦର୍ଶନଙ୍କ ଗିରଫ ଦାବୀ କରି ବିକ୍ଷୋଭ ପ୍ରଦର୍ଶନ କରି ଥିଲେ। ବିକ୍ଷୋଭକାରିମାନେ ପ୍ରିୟଦର୍ଶନଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ନାରାବାଜି ଦେଇ ଥିଲେ। ଶ୍ରୀ ମହାପାତ୍ର ଥାନାରେ ଦାଏର କରି ଥିବା ଏତଲାରେ




ଉଲ୍ଲେଖ କରିଛନ୍ତି ଯେ ପ୍ରିୟଦର୍ଶନ ମିଥ୍ୟା, ମନ ଗଢ଼ା କାହାଣୀ ରଚନା କରି ପ୍ରଣବ ପ୍ରକାଶ ଦାସ ନିଜ ଘର କାର୍ଯ୍ୟରେ ପୁରୀ ଶ୍ରୀ ଜଗନ୍ନାଥ ପ୍ରକଳ୍ପରେ ବ୍ୟବହୃତ ଖଣ୍ଡା ଲାଇଟ୍ ପଥର ଚୋରି କରି ଆଣି ଲଗାଇଛନ୍ତି। ଯାହା ଏକ ସମ୍ବେଦନଶୀଳ ପ୍ରମାଣ ବିହୀନ ତଥ୍ୟ ଶୂନ୍ୟ ତଥା ସମ୍ମାନ ହାନି ସୂଚକ ଅଭିଯୋଗ ଅଟେ। ଯେଉଁ ଥିରେ କୌଣସି ସତ୍ୟତା ନାହିଁ। ପ୍ରିୟଦର୍ଶନ ଙ୍କ ମିଥ୍ୟା ଅଭିଯୋଗ ପ୍ରଣବଙ୍କ ଭଳି ଜଣେ ବରିଷ୍ଠ ରାଜନେତାଙ୍କ ମର୍ଯ୍ୟାଦା କ୍ଷୁଣ୍ଣ କରିଛି। ଗତ ୫ ବର୍ଷ ଧରି ସରକାର ତଥା ମନ୍ଦିର କମିଟି ଏବଂ ପୂର୍ବତନ ବିଜେପି ବିଧାୟକଙ୍କ ତତ୍ତ୍ୱାବଧନରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ସମ୍ପାଦାନ କରାଯାଇଥିଲା। କିନ୍ତୁ ପ୍ରିୟଦର୍ଶନ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଜେନାଙ୍କ ସମେତ ବହୁ ପୁରୁଷ ଓ ମହିଳା ଯୋଗ ଦେଇ ଥିଲେ।

# ଜମି ବ୍ୟବସାୟୀ ଅପହରଣ : ୭୨ ଘଣ୍ଟା ପରେ ବି ମିଳୁନି ପତ୍ତା

ବ୍ରହ୍ମପୁର, (ସବ୍ୟୁ) : ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟ ନାରାୟଣପୁର ମୁଖ୍ୟ ରାସ୍ତାରେ ରହୁଥିବା ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କ ଅପହରଣର ୭୨ ଘଣ୍ଟା ବିତି ଯାଇଥିଲେ ସୁଧା ପୁଲିସକୁ କୌଣସି ସଫଳତା ମିଳି ପାରିନାହିଁ। ଅପହରଣ ହୋଇଥିବା ସୁଧୀରକୁ ଖୋଜା ଖୋଜି ପାଇଁ ବ୍ରହ୍ମପୁର ଏସ.ପି ଦାୟିତ୍ୱରେ ଥିବା ଗଞ୍ଜାମ ଏସ.ପିଙ୍କ ସମେତ ଅତିରିକ୍ତ ଏସ.ପି, ଡ଼ିଏସପି, ଥାନା ଅଧିକାରୀ ଓ ଟିମ ଗଠନ କରି ଜିଲ୍ଲା ଓ ଜିଲ୍ଲା ବାହାରୁକୁ ଯାଇ ଖୋଜା ଖୋଜି କରୁଥିବା ବେଳେ ଏପଟେ ସମ୍ପର୍କୀୟ ଲୋକଙ୍କୁ ଥାନାକୁ ପଚରା ଉଚରା ଜାରି ରଖିଛି । ବର୍ତ୍ତମାନ ସୁଧା ସୁଧୀର କେଉଁ ଅବସ୍ଥାରେ ଅଛନ୍ତି ତାହାକୁ ନେଇ ପରିବାର ଲୋକ ବହୁ ଚିନ୍ତାରେ ରହିଛନ୍ତି । ଏପଟେ ସୁଧୀରକୁ ଖୋଜି ବାହାର କରିବା ପାଇଁ ପୁଲିସ ଜାରି ରଖିଛି । ପତ୍ନୀ ରଶ୍ମିତାଙ୍କୁ ସୁଧୀର ନିଖୋଜ ରହିଥିବା ମଧ୍ୟରାତ୍ର ସମୟରେ ହ୍ୱାଟସଆପ କଲକୁ ପୁଲିସ ଟ୍ରାକିଙ୍ଗ କରି ଆଗକୁ ବଢୁଥିବା ବେଳେ ତାହା ଏବେ ସୁଇଚ ଅଫ ରହିଥିବାରୁ ଅଭିଯୁକ୍ତ ନିକଟରେ ପୁଲିସ ପହଂଚିବା କଷ୍ଟ ହୋଇପ ଜାଣିବାକୁ ମିଳୁଛି ।

ବୁଧବାର ଦିନ ଭାବିନାରାୟଣପୁର (ବଣଗାଁ) ଅପରାହ୍ନ ସାଢେ ୪ ଟା ସମୟରେ ନିଜ ବାଇକ ନମ୍ବର ଓ ଆର ୦୭ ଏନ ୩୫୨୭ ରେ ଭଲିବଲ ଗ୍ରାଉଣ୍ଡକୁ ଯାଇଥିଲେ । ସେଠାରୁ ଘରକୁ ଫେରିବା ସମୟରେ ପ୍ରେମ ସଂସ୍ଥା ଛକ ନିକଟରୁ ଅପହରଣ ହୋଇଥିଲେ । ସେହିଦିନ ମଧ୍ୟ ରାତିରେ ହ୍ୱାଟସଆପ କଲ କରି ସ୍ୱାମୀକୁ ମୁକ୍ତ କରିବାକୁ ହେଲେ ୨ କୋଟି ଟଙ୍କା ଦାବି କରିଥିଲେ । ଯଦି ଟଙ୍କା ନଦେଲେ ସ୍ୱାମୀକୁ ହତ୍ୟା କରାଯିବ ବୋଲି କହିଥିବା ପତ୍ନୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ସରକାରୀ ଓକିଲ ଓ ପୋଲିସ ସମ୍ମାନୀତ



ବ୍ରହ୍ମପୁର, (ସବ୍ୟୁ): ସମାଜରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ପାଇଁ ପୋଲିସ ଓ ସରକାରୀ ଓକିଲମାନଙ୍କ ମିଳିତ ଭାବେ ମକଦ୍ଦମା ପରିଚାଳନାକୁ ପ୍ରୋତ୍ସାହିତ କରିବା ସହିତ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କମ ଦିନରେ ମକଦ୍ଦମା ଫଇସାଲା କରିବାରେ ସହଯୋଗ କରିଥିବା ଆରକ୍ଷୀ ଅଧିକ୍ଷକ, ସରକାରୀ ଓକିଲ, ତଦନ୍ତକାରୀ ନିରିକ୍ଷକ ଓ ତଦନ୍ତକାରୀ ଅଧିକାରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଡି ଗ୍ରାମରେ ୨୫.୦୪.୨୦୨୫ ତାରିଖରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ମାମଲାର ୧୨୦ ଦିନରେ ମକଦ୍ଦମା ପରିଚାଳନା କରିବାରେ ସହଯୋଗ କରି ବିଚାରାଳୟ ଦ୍ୱାରା ଆଜିବନ କାରାଦଣ୍ଡରେ ଦଣ୍ଡିତ କରାଇଥିବା ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପାଟପୁର ଥାନା ଅଧିକାରୀ ଓ ସରକାରୀ ଓକିଲ ନାରାୟଣ ପଣ୍ଡାଙ୍କୁ ମାନପତ୍ର ଦେଇ ପ୍ରୋତ୍ସାହିତ କରିଛନ୍ତି ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ତଦନ୍ତ ଜାରି

ବ୍ରହ୍ମପୁର, (ସବ୍ୟୁ): ଶନିବାର ରାତିରେ ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ାରେ ଥିବା ଏକ କଲ୍ୟାଣ ମଣ୍ଡପ ସମ୍ମୁଖରେ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ହୋଇଛି । ଗୁରୁତର ଥିବା ଜଣଙ୍କ କାର୍ତ୍ତିକେଶ୍ୱର ମେହେର(୩୨) । ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରାର ମୂଳ ନିବାସୀ ହୋଇଥିବା ହୋଇଥିବା ବେଳେ ସେ ବର୍ତ୍ତମାନ ନିମଖଣ୍ଡିରେ ରହୁଥିଲେ । ଆହତଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ସେ ଜଣେ ଜେଲ ଫେରନ୍ତା ଅଭିଯୁକ୍ତ ଓ ତାଙ୍କ ନାମରେ ୩/୪ ସଙ୍ଗୀନ ମାମଲା ରହିଥିବା ନେଇ ପୋଲିସ କହିଛି । ତାଙ୍କରି ବୟାନ ଆଧାରରେ ଶନିବାର ରାତ୍ର ପ୍ରାୟ ୧୦ ସମୟରେ ସେ ତାଙ୍କ ଗୋପାଳକୃଷ୍ଣ ସାହୁଙ୍କ ସହ ଗେଟବଜାର ଆସୁଥିଲେ । ରାସ୍ତାରେ ଏକ କଲ୍ୟାଣମଣ୍ଡପ ସମ୍ମୁଖରେ ୪/୫ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ପୂର୍ବ ଶତ୍ରୁତାରୁ ତାଙ୍କୁ ଅନ୍ୟ ଗୋଷ୍ଠୀ ପକ୍ଷରୁ ଏଭଳି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି । ପୋଲିସ ଏସଂକ୍ରାନ୍ତରେ ୧୦୭/୨୬ ରେ ଏକ ମାମଲା ରୁଜୁ କରିଛି । ଅପରାଧୀଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି । ଆହତ କାର୍ତ୍ତିକେଶ୍ୱର ଏବେ ବିପଦ ମୁକ୍ତ ଥିବା ପୋଲିସ କହିଛି ।

ଘଟାଣରୁ ପ୍ରକାଶ ଯେ, ଉକ୍ତ କାର୍ତ୍ତିକେଶ୍ୱର ବ୍ରହ୍ମପୁର ଧାନମେରା ସାହିର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରି ବ୍ରହ୍ମପୁର ନିକଟ ଲୋଚାପଡା ଅଞ୍ଚଳରେ ରହୁଥିଲେ । ସେ କିଛିମାସ ତଳେ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ । ନିକଟରେ ସେ ଜାମିନ ପାଇଥିଲେ । ପୂର୍ବରୁ ତାଙ୍କ ସହ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ଝଗଡା ଲାଗି ରହିଥିଲା । ଶୁକ୍ରବାର ସେ ଓ ତାଙ୍କ ସାଙ୍ଗ ଗେଟବଜାର ଯାଉଥିବା ବେଳେ ତାଙ୍କୁ ବିପକ୍ଷ ଗୋଷ୍ଠୀ ଅଟକାଇଥିଲେ । ପରେ ଦୁର୍ବୃତ୍ତମାନେ ତାଙ୍କୁ ସଂଘବଦ୍ଧ ଭାବେ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ନିକଟରେ ଥିବା ଗୋପାଳ ଆହତ ସାଙ୍ଗଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ଖବର ପାଇ ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଭେଟ୍ ତାଙ୍କ ବୟାନ ଆଧାରରେ ଛାନ ବିନ କରୁଛି ।

# ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ବିଜେଡି ଓ କଂଗ୍ରେସର ମୟୂରଭଞ୍ଜ ବନ୍ଦ ସଫଳ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର କାକବନ୍ଧ ଆଶ୍ରମ ସ୍କୁଲରେ ବିଶାକ୍ତ ଖାଦ୍ୟଖାଇ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ହେବା ଘଟଣାକୁ ସବୁରୀ ମହଲରେ ନିନ୍ଦା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୃତ ଛାତ୍ରୀ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଓ ଆରଡିସି ବଦଳରେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ଦାବିରେ ଶନିବାର ବିଜେଡି ଓ କଂଗ୍ରେସ ପକ୍ଷରୁ ମିଳିତ ଭାବେ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଶନିବାର ସକାଳୁ ବିଜେଡି ଓ କଂଗ୍ରେସର କର୍ମୀମାନେ ଦଳୀୟ ପତକା ଧରି ବିଭିନ୍ନ ସ୍ଥାନରେ ପିକେଟିଂ କରି ବିଭିନ୍ନ ନାରା ଦେଇ ବନ୍ଦ ପାଳନ କରିଥିଲେ।

ଏହି ବନ୍ଦ ପ୍ରଭାବରେ ଜିଲ୍ଲାପାଳ କାର୍ଯ୍ୟାଳୟ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ପୋଷ୍ଟଅଫିସ, ଦୋକାନ



ବଜାର, ଗାଡି ଚଳାଚଳ ସମ୍ପୂର୍ଣ୍ଣ ରୂପେ ଠୋପ୍ ହୋଇଯାଇଥିଲା । ରାଜପଥରେ ଟ୍ରକ ଗୁଡିକ ଲମ୍ବା ଲାଇନ ହୋଇ ଛିଡା ହୋଇଥିବାବେଳେ ସବୁଠି ଖାଁ ଖାଁ ଲାଗିଥିଲା।

ଏହି ବନ୍ଦ ପ୍ରଭାବରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ସମ୍ପୂର୍ଣ୍ଣ ପ୍ରଭାବ ଏକପ୍ରକାର ଦେଖିବାକୁ ମିଳିଥିବାବେଳେ ମୟୂରଭଞ୍ଜ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିଲା । ବିଜେଡି ମୟୂରଭଞ୍ଜ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦାଃ, ପୂର୍ବତନ ବିଧାୟକ ରାଜକିଶୋର ଦାସ ପ୍ରମୁଖଙ୍କ ସହ ବିଜେଡି ନେତା ଦେବାଶିଷ ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୀମା ଦାସ, ପ୍ରୀତିନନ୍ଦା କାନୁନ୍‌ଗୋ, ସମ୍ପା ମଜୁମଦାର, ଅରୁଣ ବରାଡ, ସୁନୀଲ କୁମାର ନାୟକ, ଲଲାଟେନ୍ଦୁ ବେହେରା, ଅମର ସେଠୀ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଆଭାସ ଦେ ଓ ଜିତ୍ ପଟ୍ଟନାୟକ ପ୍ରମୁଖଙ୍କ ସହ ବହୁ ବିଜେଡି ନେତା ଓ କର୍ମୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

ସେହିପରି ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ସଭାପତି ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ଦୀପକ ଦାସ, ସ୍ୱରୂପ ମିଶ୍ର ଓ ଶାନ୍ତନୁ ପାଲବାବୁ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ବନ୍ଦପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା ।

# ବିଦ୍ୟୁତ ଖୁଣ୍ଟିରେ ପିଟିହେଲା ସ୍କୁଲ ଭ୍ୟାନ : ୧୨ ଆହତ

ଚିକିଟି, (ସବ୍ୟୁ): ଶନିବାର ସକାଳ ୭ଟାରେ ପିତାତଳି ଆଦର୍ଶ ବିଦ୍ୟାଳୟକୁ ନୂଆପଡା ଅଞ୍ଚଳର ବିଦ୍ୟାର୍ଥୀଙ୍କୁ ଏକ ଭ୍ୟାନ ଯୋଗେ ନେଉଥିବା ବେଳେ ଚିକିଟିଗଡ ବିଦ୍ୟୁତ ଅଫିସ ନିକଟରେ ଦୁର୍ଘଟଣା ଘଟି ଓଲଟି ପଡିଥିଲା । ଯାହା ଫଳରେ ସ୍କୁଲ ଭ୍ୟାନ ରେ ବସିଥିବା ବିଦ୍ୟାର୍ଥୀ ସହ ଚାଳକ ଆହତ ହୋଇଛନ୍ତି। କାହାର ଦାନ୍ତ ଭାଙ୍ଗିଛି ତ କାହାର ହାତ, ମୁଣ୍ଡରେ ଆଘାତ ହୋଇଛି । ଚାଳକ ଛାତିରେ ଆଘାତ ଯୋଗୁଁ ସେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ପ୍ରାତଃ ଭ୍ରମଣରେ ଯାଉଥିବା ଯୁବକ ମାନେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ପିତାତଳି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ପଢୁଥିବା ନୂଆପଡ଼ା ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଧରି ଏକ ସ୍କୁଲ ଗାଡ଼ି ପିତାତଳି ଆଦର୍ଶ ବିଦ୍ୟାଳୟକୁ ଯାଉଥିଲା । ସେହି ଗାଡ଼ିଟି ଚିକିଟି ଗଡ଼ ବିଦ୍ୟୁତ ଅଫିସ ପାଖରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟିକୁ ମାଡ଼ କରି ରାସ୍ତା କଡ଼କୁ ଭ୍ୟାନଟି ଓଲଟି ପଡିଥିଲା ପ୍ରାଥମିକ ଚିକିତ୍ସା ପରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଛାଡି ଦିଆଯାଇଛି । ଭ୍ୟାନ ଚାଳକ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି । ଗାଡି ଚାଲୁଥିବା ବେଳେ ଗାଡି ଚାଳକଙ୍କ ଆଖି ପଡିଯିବାରୁ ଗାଡି ଦୁର୍ଘଟଣା ଘଟିଲା ବୋଲି ଚାଳକ କହିଛନ୍ତି । ଧାନଘର ଫାଣ୍ଡି ଅଧିକାରୀ ଗୌତମ ସାହୁ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ଘଟିଥିବା ଗାଡିକୁ ଜବତ କରିବା ଦୁର୍ଘଟଣା କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଜାରୀ ରଖିଥିବା କହିଛନ୍ତି ।

# ଜନଗଣନା କାର୍ଯ୍ୟରେ ନମ୍ବରିଂ କଲେ ଉପଜିଲ୍ଲାପାଳ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ବରଡାବିଲି,ହରିପୁର ଓ ଦସମାଇଲି ରେ ଭଞ୍ଜନଗର ଉପ ଜିଲ୍ଲାପାଳ ତଥା ତଦରଖ ଅଧିକାରୀ ଉମାଶଙ୍କର ବେହେରା ପହଞ୍ଚି ଜନଗଣନା କାର୍ଯ୍ୟର ସମୀକ୍ଷା କରିବା ସହ ନିଜେ ଘର ଆଗରେ ନମ୍ବରିଙ୍ଗ କରି ଚାର୍ଜ ଅଫିସର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ଚାର୍ଜ ଅଫିସର ଗଣେଶ ଦଳାଇ, ସୁପରଭାଇଜର ବିରୂପାକ୍ଷ ପରିଡ଼ା,ସନ୍ତୋଷ କୁମାର ପାତ୍ର, ଗଣନାକାରି ସୁନୀତା ସେଠୀ, ପବିତ୍ର ସ୍ୱାଇଁ, ଗୀତାଞ୍ଜଳୀ ବେହେରା, ଅନିଲ ବାଗ ଓ ଶରତ ଚନ୍ଦ୍ର ବିଶ୍ୱାଳଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଉପିଜିଲ୍ଲାପାଳ ଲୋକଙ୍କୁ ନିଜ ନିଜର ସଠିକ ତଥ୍ୟ ଦେଇ ଜନ ଗଣନାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ଉପସ୍ଥିତ ସୁପରଭାଇଜର ଓ ଜନଗଣନାକାରିଙ୍କୁ ସଠିକ ଗଣନା ପାଇଁ ପରାମର୍ଶ ଦେଇଥିଲେ ।

# ଭିଜିଲାନ୍ସ ମାମଲା : ଜଳସେଚନ ଅବସରପ୍ରାପ୍ତ କର୍ମଚାରୀ ଗୌରହରି ପାତ୍ରଙ୍କୁ ୩ବର୍ଷ ଜେଲ

ବାରିପଦା, (ସବ୍ୟୁ): : ଏକ ଭିଜିଲାନ୍ସ ମାମଲାର ବିଚାର କରି ଭିଜିଲାନ୍ସ ସ୍ପେଶାଲ ଜଜ୍ ପୂର୍ଣ୍ଣିମା ଜେନା ବାରିପଦା ଜଳସେଚନ୍ ଏସ୍‌ଇ ଅଫିସର ଅବସରପ୍ରାପ୍ତ ଡିଲିଙ୍ଗ୍ ଆସିଷ୍ଟାଣ୍ଟ-କମ୍- ଡେସ୍‌ପାଚ୍ କ୍ଲର୍କ ଗୌରହରି ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୩୫ହଜାରଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୯ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଶାନ୍ତନୁ କୁମାର ଦାସ ଓ ଦୀପକୁ କୁମାର ସେଠୀ ମାମଲା ପରିଚାଳନା କରିଥିଲେ।

ଘଟଣାରୁ ପ୍ରକାଶ ଯେ, ଅବସରପ୍ରାପ୍ତ ଶ୍ରୀ ପାତ୍ର ଠିକାଦାରଙ୍କ ନୂତନ ଏବଂ ନବୀକରଣ ଲାଇସେନ୍ସ ଫି ବ୍ୟାଙ୍କରେ ଜମା କରିବା ପାଇଁ ଉଦ୍ଦିଷ୍ଟ ସରକାରୀ ଟଙ୍କାକୁ ନିଜ ଅନୁକୂଳରେ ମିସ୍ ଆପ୍ରୋପ୍ରିଏଟ୍ କରିବା ପାଇଁ ମିଥ୍ୟା ଅଫିସିଆଲ ରେକର୍ଡ ପ୍ରସ୍ତୁତ କରି ଲକ୍ଷାଧିକ ସରକାରି ଟଙ୍କା ହଡପ ଆତ୍ମସାତ୍ କରିଥିଲେ। ଏନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଶନିବାର ଉକ୍ତ ମାମଲାର ବିଚାର ଉପରୋକ୍ତ ରାୟ ପ୍ରଦାନ କରିବା ସହ ଶ୍ରୀ ପାତ୍ରଙ୍କ ପେନସନ୍ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ଭଞ୍ଜନଗର, (ସବ୍ୟୁ): ଆସନ୍ତା ୨୬ ତାରିଖରୁ ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ଆରମ୍ଭ ହେଉଛି । ଆଉ ଯାତ୍ରା ସମୟରେ ସହର ରେ ଟ୍ରାଫିକ ନିୟନ୍ତ୍ରଣ କରିବା ପୁଲିସ ପ୍ରଶାସନ ପାଇଁ ଏକ ପ୍ରକାର ଆହ୍ୱାନ ପାଲଟିଛି । ଏଣୁ ଏହି ସମୟରେ ସହରର ପ୍ରମୁଖ ରାସ୍ତା ଘାଟକୁ ଜବରଦଖଲ ମୁକ୍ତ କରିବାକୁ ଶନିବାର ସ୍ଥାନୀୟ ପ୍ରଶାସନ, ପୁଲିସ ଓ ମ୍ୟୁନିସିପାଲଟି ପକ୍ଷରୁ ମିଳିତ ପଦକ୍ଷେପ ନିଆଯାଇଛି । ସେହିପରି ହୋଟେଲ ଗୁଡିକରେ ଯେପରି ବାସି ଖାଦ୍ୟ ବଦଳରେ ଭଲ ଖାଦ୍ୟ ମିଳିବ ସେଥିପାଇଁ ମଧ୍ୟ ଏହି ସମୟରେ ବିଭିନ୍ନ ହୋଟେଲ ଓ କୋଲ୍ଡ ପାର୍ଲର ଉପରେ ଚଢାଉ କରାଯାଇଛି । କିଛି ହୋଟେଲରୁ ବିପୁଳ ପରିମାଣର ବାସି ଖାଦ୍ୟ ଫ୍ରିଜରେ ଥିବା ଦେଖିବାକୁ ମିଳିଥିଲା । ମୁଖ୍ୟ ସଡ଼କରେ ବ୍ୟବସାୟ କରୁଥିବା ଉଠା ବ୍ୟବସାୟୀଙ୍କୁ ଏହି ସମୟରେ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଉଚ୍ଛେଦ କରାଯିବାକୁ ଏମାନେ ନାପସନ୍ଦ କରିଛନ୍ତି ।

# ଟ୍ରେନ୍ ଭିତରୁ ୫୦ ଶିଶୁ ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ଟ୍ରେନରେ ପଶ୍ଚିମବଙ୍ଗରୁ ଆନ୍ଧ୍ରପ୍ରଦେଶ ଯାଉଥିବା ୫୦ ଜଣ ଶିଶୁଙ୍କୁ ବ୍ରହ୍ମପୁର ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି । ରେଳ ସୁରକ୍ଷା ବଳ ଏବଂ ରେଳୱେ ଶିଶୁ ହେଲ୍ପ ଡେସ୍କ ମିଳିତ ସହଯୋଗରେ ଏହି ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଶିଶୁଙ୍କ ମଧ୍ୟରେ ଏକାଧିକ ସଂଖ୍ୟାଲଘୁ ସଂପ୍ରଦାୟର ଶିଶୁ ରହିଛନ୍ତି । ଏହି ଶିଶୁଙ୍କ ବୟସ ୧୦ ରୁ ୧୫ ବର୍ଷ ମଧ୍ୟରେ ରହିଛି । ଶନିବାର ସନ୍ଧ୍ୟା ୭ଟା ବେଳେ ହାୱଡାରୁ ସିକନ୍ଦରାବାଦ ଯାଉଥିବା ଫଲକନାମା ଏକ୍ସପ୍ରେସରେ ପ୍ରାୟ ୫୦ ଜଣ ଶିଶୁ ଯାତ୍ରା କରୁଥିବା ଖବର ମିଳିଥିଲା ।

ସେହି କ୍ରମରେ ଟ୍ରେନଟି ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ଆରପିଏଫ ପକ୍ଷରୁ ଟ୍ରେନ ବଗି ଭିତରୁ ସମସ୍ତ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଏତେ ସଂଖ୍ୟକ ଶିଶୁ ଏକାଠି କୁଆଡେ ଯାଉଥିଲେ ସେ ନେଇ ଆରପିଏଫ ପକ୍ଷରୁ ତଦନ୍ତ କରାଯାଉଛି ଶିଶୁଙ୍କୁ ସହ ଟ୍ରେନରେ ଯାତ୍ରା କରୁଥିବା ୪ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି ।



# ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

ରାୟଗଡା,(ସବ୍ୟୁ): ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ବଡ଼ ସଫଳତା ହାସଲ କରିଛି। ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଯାହା ଟନେଲ୍ ନିର୍ମାଣ ଇତିହାସରେ ଏହାକୁ ଏକ ଅତ୍ୟନ୍ତ ସଫଳ ବର୍ଷ ଭାବେ ପ୍ରତିପାଦିତ କରିଛି। ଏହି କ୍ରମରେ ଶେଷ ସଫଳତା ଭାବେ ଚଳିତ ମାସରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍ଥ୍ରୁ ହୋଇଛି। ଏକ ଚ୍ୟାଲେଞ୍ଜପୂର୍ଣ୍ଣ ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଉଭୟ ପାର୍ଶ୍ୱରୁ ଏକକାଳୀନ ଖନନ କରାଯାଇ ଶତପ୍ରତିଶତ ସଠିକତା ସହ ଏହାର ସଂଯୋଗ କରାଯାଇଛି। ଯାହାକି ଉନ୍ନତ ଇଞ୍ଜିନିୟରିଂ କୌଶଳ ଓ ସଠିକ ସର୍ବେକ୍ଷଣର ପ୍ରମାଣ ଦେଉଛି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ରୁଟରେ ସବୁଠାରୁ ଲମ୍ବା ଟନେଲ୍ ଟି-୪ (୪,୧୮୫ ମିଟର) ଏବଂ ଟନେଲ୍ ଟି-୨ (୧,୭୭୫ ମିଟର)ର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏହା ବ୍ୟତୀତ ଜୁଲାଇ ୨୦୨୫ରେ ଟି-୫ ଓ ଟି-୬ (ପ୍ରତ୍ୟେକ ୨୫୦ ମିଟର) ଏବଂ ନଭେମ୍ବର ୨୦୨୫ରେ ଟି-୭ (୧,୯୭୫ ମିଟର) ଟନେଲର ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ଷକ ମଧ୍ୟରେ ମୋଟ ୭,୦୫୧ ମିଟର ଟନେଲ୍ ଖନନ କରାଯାଇଛି ଏବଂ ୨,୪୭୫ ମିଟର ଲାଇନିଂ କାର୍ଯ୍ୟ ସହ ଅନ୍ୟାନ ସଲଗ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହା ସହିତ କୋରାପୁଟ-ରାୟଗଡା ଏବଂ କୋରାପୁଟ-ସିଙ୍ଗାପୁର ରୋଡ କରିଡର ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା ମିଳିଛି। ଏହି ସଫଳତା ଦ୍ୱାରା ଉପକୂଳ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇବା ସହ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ପ୍ରାକୃତିକ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଏହି ନିରନ୍ତର ପ୍ରୟାସ ଆଧୁନିକ ରେଳ ସେବାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି ବୋଲି ରାୟଗଡା ଡିଭିଜନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




# ଚଢ଼ା ଦରରେ ଗୁଟଖା ବିକ୍ରି, ପ୍ରଶାସନ ନୀରବ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ଗୁଟଖାର ଅବାଧ ବିକ୍ରି ସହିତ ଚଢା ଦର ନେବା ଘଟଣା ଚିନ୍ତା ବଢ଼ାଇ ନେଇଛି। ପ୍ରିଣ୍ଟିଙ୍ଗ ଦର ଠାରୁ ଅଧିକ ଦରରେ ଗୁଟଖା ବିକ୍ରି ହେଉଥିବା ସତ୍ତ୍ୱେ ଏହା ଉପରେ ପ୍ରଶାସନର କୌଣସି କଠୋର ନଜରଦାରି ନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବଜାର, ପାନ ଦୋକାନ ଓ ଛୋଟ ଛୋଟ ଦୋକାନରେ ଏହି ଅନିୟମିତତା ଖୋଲାମେଲା ଭାବରେ ଚାଲିଛି। କିଛି ବ୍ୟବସାୟୀ ନିଜସ୍ୱ ଲାଭ ପାଇଁ ଗୁଟଖାର ଦରକୁ ଇଚ୍ଛାମତେ ବଢ଼ାଇ ଗ୍ରାହକଙ୍କୁ ଠକୁଛନ୍ତି। ଏହା ସହିତ ମିଆଦ ସମାପ୍ତ ଓ ନିମ୍ନମାନର ଗୁଟଖା ବିକ୍ରି ହେଉଥିବା ନେଇ ମଧ୍ୟ ଅଭିଯୋଗ ଆସୁଛି। ଗୁଟଖା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ମୁଖ କ୍ୟାନ୍ସର, ଦାନ୍ତ ଓ ମୁଖ ସମ୍ବନ୍ଧୀୟ ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର କାରଣ ହୋଇପାରେ। ତଥାପି ଏହାର ନିୟନ୍ତ୍ରଣରେ ଅବହେଳା ଲୋକଙ୍କ ସ୍ୱାସ୍ଥ୍ୟକୁ ଭୟାବହ ସଙ୍କଟରେ ପକାଉଛି। ବିଶେଷ କରି ଯୁବପିଢି ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୁଟଖା ବ୍ୟବହାର ବଢୁଥିବା ଦେଖାଯାଉଛି। ଅବୟସ୍କଙ୍କୁ ଗୁଟଖା ବିକ୍ରି ହେଉଥିବା ଅଭିଯୋଗ ଏହାକୁ ଆହୁରି ଗମ୍ଭୀର କରିଦେଇଛି। ଏହା ଆଗାମୀ ପିଢିର ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ବିପଦରେ ପକାଉଛି। ଏହି ପରିସ୍ଥିତିରେ ପ୍ରଶାସନର ନିରବ ଭୂମିକା ଉପରେ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେମାନେ ତତ୍କାଳ ଭାବେ ତଦନ୍ତ ଓ ଚଢ଼ାଉ (ରେଡ୍) କରି ଏହି ଅବୈଧ କାରୋବାରକୁ ବନ୍ଦ କରିବାକୁ ଦାବି କରୁଛନ୍ତି। ସେହିପରି, ନିୟମ ଭଙ୍ଗ କରୁଥିବା ବ୍ୟବସାୟୀଙ୍କୁ ଜରିମାନା ସହ ଲାଇସେନ୍ସ ବାତିଲ କରିବା ପାଇଁ ମଧ୍ୟ ଦାବି ଉଠିଛି। ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ବିଭାଗ ସହିତ ସ୍ଥାନୀୟ ପ୍ରଶାସନ ଯଦି ଏକାଠି ହୋଇ କଠୋର ପଦକ୍ଷେପ ନେଇଥାନ୍ତି, ତେବେ ଏହି ସମସ୍ୟାକୁ ନିୟନ୍ତ୍ରଣ କରିହେବ ବୋଲି ସାଧାରଣ ମତ ପ୍ରକାଶ ପାଇଛି। ଯଦି ସମୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଏହା କେବଳ ଅର୍ଥନୈତିକ ଶୋଷଣ ନୁହେଁ, ବରଂ ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ସମସ୍ୟା ରୂପେ ଛିଡ଼ା ହୋଇଛି।

# ଗ୍ରୀଷ୍ମ ପ୍ରବାହକୁ ଯୋଗୁଁ ଆସନ୍ତା ୩ଦିନ ସ୍କୁଲ ଓ କଲେଜ ଛୁଟି

ସମ୍ବଲପୁର,(ସବ୍ୟୁ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାପାଳ ଆସନ୍ତା ୩ଦିନ ସ୍କୁଲ ଓ କଲେଜ ଆଦି ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରିଛନ୍ତି। ତେବେ ଆସନ୍ତା ୨୦, ୨୧ ଓ ୨୨ତାରିଖ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏସବୁ ବନ୍ଦ ରହିବ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜଣାଇଛନ୍ତି। ପ୍ରବଳ ଖରା ଓ ଅସହ୍ୟ ଗରମକୁ ନଜରରେ ରଖି ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି।

### ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାପାଳଙ୍କ ନିଷ୍ପତି

# ଝାରସୁଗୁଡ଼ା ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା

ଝାରସୁଗୁଡ଼ା, (ସବ୍ୟୁ): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦.୦୪.୨୦୨୬ (ସୋମବାର) ରୁ ୨୩.୦୪.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ। ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି।

### ପ୍ରବଳ ଖରା, ଜଳୁଛି କୁଚିଣ୍ଡା

# ଗରମରେ ଭାଜି ହେଉଛନ୍ତି ଲୋକେ

କୁଚିଣ୍ଡା, (ସବ୍ୟୁ): ପ୍ରାୟ ଏକ ସପ୍ତାହ ହେଲା ପ୍ରବଳ ଖରାରେ କୁଚିଣ୍ଡା ଉପଖଣ୍ଡ ଜଳୁଛି। ଗରମ ବୃଦ୍ଧି ପାଉଥିବାରୁ ଲୋକମାନେ ଭାଜି ହେବା ସ୍ଥିତିରେ କାଳ ଜାପନ କରୁଛନ୍ତି। ପ୍ରାପ୍ତ ସୂଚନା ମତେ, ସକାଳ ୯ ଘଣ୍ଟାରୁ ନିଆଁ ଜଳିବା ଆରମ୍ଭ ହୋଇଯାଉଛି। ରୋଡ଼ ରାସ୍ତା ଜନ ଶୁନ୍ୟ ହୋଇଯାଉଛି। ଜରୁରୀ କାର୍ଯ୍ୟ ନେଇ ଲୋକ ସହରକୁ ଆସୁଛନ୍ତି କିନ୍ତୁ ଝାଳ ହେତୁ ବିନ୍ଧିଥିବା ବସ୍ତ୍ର ଓଦା ହୋଇଯାଉଛି। ଗଛ ଛାଇ କିମ୍ବା ଛାଇରେ ଲୋକ ଆଶ୍ରୟ ନେଇଥିବା ଦେଖିବାକୁ ମିଳୁଛି। ଥଣ୍ଡା ପାନିୟ ଓ ପାଣି ଛତ୍ରରେ ଲୋକ ତୃଷା ମେଣ୍ଟାଉଛନ୍ତି। ଏଣେ ଘର ବାହାର ସବୁଠାରେ ସମାନ ସମସ୍ୟା, ଘର ମାନଙ୍କରେ କୁଲର, ଏସ୍ ସି, ଫ୍ୟାନ ମଧ୍ୟ କାମ କରୁନାହିଁ। ନଦୀ, ବନ୍ଧ, ପୋଖରୀ ଦ୍ରୁତ ଗତିରେ ସୁଖିଚାଲିଛି। ସନ୍ଧ୍ୟା ୫ଟା ପରେ ଲୋକ ଘରୁ ବାହାରକୁ ବାହାରୁଛନ୍ତି। ଦିନ ତମାମ ତା ତିରେ ଛଟପଟ ରାତ୍ରିରେ ଶୋଇବା ମଧ୍ୟ ଅସମ୍ଭବ ସ୍ଥିତି। ବାରମ୍ବାର ବିଦ୍ୟୁତ ଲାଇନ୍ ଲୁଚକାଳି ଖେଳିବାର ସ୍ଥିତି ଜାରୀ ରହିଛି।ଲାଇନ୍ ଚାଲିଗଲେ କଷ୍ଟ ବଢ଼ିଯାଉଥିବା ଓ ଅସ୍ତବ୍ୟସ୍ତ ଲାଗୁଥିବା ଲୋକେ କହୁଛନ୍ତି। ଏଣୁ ଏପରି ସ୍ଥିତି ଜଦି ଜାରୀ ରହେ ତେବେ ପରିସ୍ଥିତି ଅସମ୍ଭାଳ ହେବା ସୁନିଶ୍ଚିତ ବୋଲି ମଧ୍ୟ କୁହାଯାଉଛି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ରେଞ୍ଜ ଅନ୍ତର୍ଗତ ବରଘାଟି ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ବୁର୍ଲା ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ଓ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ବାମରା ବ୍ଲକ ଜୁରାପାଲି ଗ୍ରାମର ପଟେଲ କିଶାନ ସହକର୍ମୀଙ୍କ ସହ ଯୁଯୋମୁରା ବ୍ଲକ ମୁଣ୍ଡେର ନିକଟ ବରଘାଟି ସଂରକ୍ଷିତ ଜଙ୍ଗଲକୁ ବାଉଁଶ କାଟିବା ପାଇଁ ଆସିଥିଲେ। ଶନିବାର ସକାଳେ ସେ ଏକ ଦନ୍ତାହାତୀ ହାବୁଡରେ ପଡି ଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି।

### ଚାଷୀ ଧାନ ଠିକ୍ ଦରରେ ବିକ୍ରି କରିନପାରି

# ଅର୍ଥାଭାବରୁ ଉନ୍ନତ ମାନର ଚିକିତ୍ସାରୁ ବଞ୍ଚିତ



ବରଗଡ/ଅମ୍ବାଭୋନା,(ସବ୍ୟୁ): ବର୍ଷର ଅଧାରୁ ଅଧିକ ସମୟ ଗରିବ ଅସହାୟ ରୋଗୀଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ନେଇ ସେବା କରୁଥିବା ତଥା ବିଭିନ୍ନ ପ୍ରକାର ବୃକ୍ଷରୋପଣ କରୁଥିବା ପ୍ରକୃତି ପ୍ରେମୀ ଝାଡ଼େଶ୍ୱର ପାତ୍ର ବଗରଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ରାମଖୋଲ ଗ୍ରାମର ଗୋଟିଏ ଛୋଟ ଚାଷୀ। ଅର୍ଥାଭାବରୁ ଉନ୍ନତ ମାନର ଚିକିତ୍ସାରୁ ବଞ୍ଚିତ ହୋଇ ଗତ ୧୫.୪.୨୦୨୬ ରୁ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଗତ ବର୍ଷ ଖରିଫ ଋତୁରେ ନିଜ ପୈତୃକ ଜମି ଏକ ହେକ୍ଟର ଏବଂ ନିଜ ଶଶୁର ଘରର ଦୁଇ ଏକର ଜମି ନିଜ ଧର୍ମ ପତ୍ନୀ ତପସ୍ୱିନୀ ପାତ୍ର ଧାନ ଚାଷ କରି ଅଗଷ୍ଟ ୨୫ ତାରିଖ ଦିନ ଧାନ ବିକ୍ରି ପାଇଁ ଆବଶ୍ୟକୀୟ କାଗଜପତ୍ର ଦେଇ ପ୍ୟାକ୍ସକୁ ଯାଇ ପଞ୍ଜିକରଣ କରିଥିଲେ। ବିଡ଼ମ୍ବନାର ବିଷୟ ଏହା ଯେ କୃଷି ମନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରି ମାର୍ଚ୍ଚ ମାସ ଶେଷ ସୁଦ୍ଧା ଟୋକନ ଆସିଲେ ୩୧୦୦.୦୦ଟଙ୍କା/ କ୍ୱିଣ୍ଟାଲ ଧାନ ବିକି ଚିକିତ୍ସା ପାଇଁ ଭଲ ହସପିଟାଲ ଯାଇ ଚିକିତ୍ସିତ ହେବି ବୋଲି ଅପେକ୍ଷା କରିଥିଲେ। କିନ୍ତୁ ଟୋକନ୍ ନ ଆସିବାରୁ ବାଧ ହୋଇ ଅଧା ଧାନକୁ କେଜି ୧୬ ଟଙ୍କାରେ ବିକ୍ରି କରି ଦୟନୀୟ ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ସାନଭାଇ ପାରାଲେସିସ ହୋଇ ଘରେ ପଡିଛନ୍ତି। ଏହା ସାଙ୍ଗକୁ ଛୋଟ ଛୋଟ ଦୁଇଟି ଝିଅ ଛୁଆକୁ ପାଠ ପଢିବାର ଖର୍ଚ୍ଚ ତାଙ୍କୁ ଭାରି କଷ୍ଟ ଦେଉଛି।

# ମୁଦିପଡା ଜୁରାବନ୍ଧର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୫ଟି ବନ୍ଧର ପୁନରୁଦ୍ଧାର କାମ ୨୦୧୬ ମସିହାରେ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ସହରରେ କେନ୍ଦ୍ରସ୍ଥଳରେ ଥିବା ମୁଦିପଡାର ଜୁରାବନ୍ଧ ଅନ୍ୟତମ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ପାଣ୍ଠି ମଞ୍ଜୁର ହୋଇଛି। ମାତ୍ର ଏହାର ସଫଳ ରୂପାୟନ ହୋଇପାରିନାହିଁ। ଏଭଳିସ୍ଥଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢୀ ଗତ ୯ଏପ୍ରିଲ, ୨୦୨୬ରେ ଏହି ବନ୍ଧର ପୁନରୁଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ତୁରନ୍ତ ଏହାର କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳିସ୍ଥଳେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ଶନିବାର ଏହାର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ବଲପୁର ସହରରେ ପୂର୍ବରୁ ୯୪ଟି ଜଳାଶୟ ରହିଥିଲା। ସ୍ନାନ, ଶୌଚ, ପୂଜାପାଠ, ବିଭିନ୍ନ ପାରମ୍ପରିକ କର୍ମ ଓ ପାନୀୟ ଆଦି ପାଇଁ ଏସବୁ ଜଳାଶୟକୁ ବ୍ୟବହାର କରାଯାଉଥିଲା। ତେବେ ସମୟକ୍ରମେ ଅନେକ ପୋଖରୀ ବା ବନ୍ଧ ଗୁଡ଼ିକ ପୋତି ହୋଇ ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପରିତ୍ୟକ୍ତ ହୋଇପଡିଛି। ପୁଣି ଅନେକ ବନ୍ଧକୁ ଜବରଦଖଲକାରୀ ମାନେ କବ୍ଜା କରି ରଖିଛନ୍ତି। ଏସବୁର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେବା ପରେ ମହାନଗର ନିଗମ ପକ୍ଷରୁ ଭତରା ବନ୍ଧ, ଗୋପାଳଜୀମନ୍ଦିର ନିକଟସ୍ଥ ପୋଖରୀ, ଭୂତାପଡ଼ା ହଗରିବନ୍ଧ, ମୁଦିପଡ଼ା ଜୁରାବନ୍ଧ ଓ ସାକ୍ଷୀପଡ଼ା ବନ୍ଧର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ମୋଟ ୧କୋଟି ୫୩ଲକ୍ଷ ୨୦ହଜାର ୩୩୪ଟଙ୍କାର ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ମୁଦିପଡା ଜୁରାବନ୍ଧର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୦୨୩ ମସିହାରେ ୭୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏଥିପାଇଁ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମୁକ୍ତା ଯୋଜନାରେ ଏହାର ପଙ୍କୋଦ୍ଧାର, ୱାକିଂ ଟ୍ରାକ୍ ନିର୍ମାଣ ପରେ ନିର୍ମାଣ କାମ ବନ୍ଦ ହୋଇ ପଡିଥିଲା। ଏହାକୁ ଦୃଷ୍ଟିରେ ରଖି ପୁଣି ମହାନଗର ନିଗମ ପକ୍ଷରୁ ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ପଙ୍କୋଦ୍ଧାର, ଗାଧୁଆ ତୁଠ ନିର୍ମାଣ, ୱାକିଂ ଟ୍ରାକ୍, ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ କାମ ରହିଛି। ତେବେ ଗୋଟିଏ ବନ୍ଧ ପାଇଁ ବାରମ୍ବାର ଟଙ୍କା ମଞ୍ଜୁର ହେବା ପରେ ମଧ୍ୟ ଏହାର କାମ ସମ୍ପୂର୍ଣ୍ଣ ନହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗାଡି ଭିତରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ



କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ସୁଖାମୁଣ୍ଡା ଗାଁ ନିକଟରୁ ପୁଲିସ ଗଞ୍ଜେଇ ଭର୍ତ୍ତି ଏକ କାରକୁ ଜବତ କରିଛି। ପୁଲିସକୁ ଦୂରରୁ ଦେଖି ଗାଡି ଚାଳକ ଗାଡି ଛାଡି ଚମ୍ପଟ ମାରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନାମତେ କୌଣସି ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ଘଣ୍ଟାପଡା ଥାନାଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ଖୁଣ୍ଟିଗୋରା ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ। ଉକ୍ତ ସମୟରେ କନ୍ଧମାଳ ଥାନା କଲରାକୋଠା ଦିଗରୁ ଏକ କାର ଦ୍ରୁତଗତିରେ ଆସୁଥିବା ଦେଖି ପୁଲିସ ସନ୍ଦେହରେ ଗାଡିର ପିଛା କରିଥିଲେ। ପୁଲିସ ସେହି ସନ୍ଦିଗ୍ଧ ଗାଡିର ପିଛା କରୁଥିବା ଜାଣି ଗାଡିଟି ପୁଲିସକୁ ଚକମା ଦେଇ ଫେରାର ହେବାକୁ ଚେଷ୍ଟା କରିଥିଲା। ଶେଷରେ ପୁଲିସ କବଳରୁ ବଞ୍ଚିବାକୁ ଯାଇ ଗାଡିଟିକୁ ଶୁଖାମୁଣ୍ଡା ଗାଁ ନିକଟରେ ରଖିଦେଇ ଗାଡି ଚାଳକ ପୁଲିସ କବଳରୁ ଖସିଯିବାରେ ସକ୍ଷମ ହୋଇଥିଲା। ପୁଲିସ ସନ୍ଦିଗ୍ଧ ଗାଡିଟିକୁ ଯାଞ୍ଚ କରିବାରୁ ଗାଡି ଭିତରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଗଞ୍ଜେଇ ଭର୍ତ୍ତି ଗାଡିକୁ ପୁଲିସ ଜବତ କରି ଏକ ଜେସିବି ମେସିନ ସାହାଯ୍ୟରେ ଘଣ୍ଟାପଡା ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ ଙ୍କ ଉପସ୍ଥିତି ରେ ଗଞ୍ଜେଇ ଓଜନ କରିବାରୁ ଗଂଜେଇର ପରିମାଣ ଏକ କ୍ୱିଣ୍ଟାଲ ହୋଇଥିଲା। ଏନେଇ ଘଣ୍ଟାପଡା ପୁଲିସ ପକ୍ଷରୁ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୌମ୍ୟ ରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣପୁର ଜିଲ୍ଲା ଚିକିତ୍ସାଳୟରେ ନବଜାତ ଶିଶୁ ମୃତ

## ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୌଦ୍ଧ ଜିଲ୍ଲା ପତ୍ରାପାଲି ଗ୍ରାମ ନିବାସୀ ସୁରେନ୍ଦ୍ର ନାଏକ ଏବଂ ତାଙ୍କ ଧର୍ମପତ୍ନୀ ଜୟନ୍ତୀଙ୍କ ନବଜାତ ଶିଶୁର ମୃତ୍ୟୁ ବିଷୟ ଦୃଷ୍ଟିକୁ ଆସିବା ମାତ୍ରେ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଶିଶୁ ମୃତ୍ୟୁର ସଠିକ୍ କାରଣ ନିର୍ଦ୍ଧାରଣ ପୂର୍ବକ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ନିବାରଣ ପାଇଁ ପଦକ୍ଷେପ ନିଆଯାଉଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୪ ଦିନ ମଧ୍ୟରେ ସବିଶେଷ ବିବରଣୀ ଦେବା ନିମନ୍ତେ ଜିଲ୍ଲାପାଳଙ୍କୁ କୁହାଯାଇଛି। ଇତି ମଧ୍ୟରେ, ବରିଷ୍ଠ ବିଶେଷଜ୍ଞ ମାନଙ୍କୁ ନେଇ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଛି ଏବଂ କମିଟି ତାଙ୍କର କାମ ଆରମ୍ଭ କରିଛନ୍ତି ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି। ଚଳିତ ମାସ ୨୦ ତାରିଖ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

# ତୃତୀୟ ଲିଙ୍ଗୀ ଏସଏଚଜି ମାନଙ୍କ ସଶକ୍ତିକରଣ ନେଇ କର୍ମଶାଳା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ଏକ ବିଶେଷ କର୍ମଶାଳା ଆୟୋଜିତ ହୋଇଥିଲା। ଓଡ଼ିଶା ଜୀବିକା ମିଶନ ଓ ସାଥୀ ସଂଗଠନର ମିଳିତ ସହଯୋଗରେ, ଉକ୍ତ କର୍ମଶାଳା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସେନ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ, ତୃତୀୟ ଲିଙ୍ଗୀ ମାନଙ୍କ ସାମାଜିକ ସୁରକ୍ଷା, କର୍ମ ଯୋଗାଣ ସୁଯୋଗ ଏବଂ ଓଡିଶା ଜୀବକା ମିଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ଜୀବିକା ମିଶନର ବିଭିନ୍ନ ଯୋଜନା ଓ ତାହାର ବିଭିନ୍ନ ସୁବିଧା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ତୃତୀୟ ଲିଙ୍ଗୀଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ଦକ୍ଷତା ବିକାଶ ତାଲିମ ବିଷୟରେ ଉଲ୍ଲେଖ କରାଯାଇ, ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଓ ଓରମାସର ଯୁଗ୍ମ ସିଇଓ ସୌରଭମୟ ଦାସ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅନିଲ ଦହଙ୍ଗା, ଡ଼ିପିଏମ ଓଏଲଏମ ନୀଳିମା କୁଜୁର, ସାଥୀ ଏନଜିଓ ର ସହାୟକ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ଓ ବ୍ଲକସ୍ତରୀୟ ଓଡ଼ିଶା ଜୀବିକା ମିଶନର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଏବଂ ତୃତୀୟ ଲିଙ୍ଗୀମାନେ ଯୋଗଦାନ କରିଥିଲେ।

# ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ ଠାରେ ଇନଟାକ ସମ୍ବଲପୁର ଚାପ୍ଟର ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଚାପ୍ଟରର ଆବାହକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡ଼ ଅତୁଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଐତିହ୍ୟ ଦିବସର ତାତ୍ପର୍ଯ୍ୟ ତଥା ସ୍ଥାନୀୟ ଅଳ ପରିପ୍ରେକ୍ଷୀରେ ଏହାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଇନଟାକ୍ର ସଦସ୍ୟ ଧ୍ରୁବ ପ୍ରସାଦ ପଣ୍ଡା ଐତିହ୍ୟ ଟାଞ୍ଜିବୁଲ ଓ ଇନଟାଞ୍ଜିବୁଲ ଦୁଇ ପ୍ରକାରର ହୋଇଥିବା ଦର୍ଶାଇ ତାର ବ୍ୟାଖ୍ୟା କରିଥିଲେ। ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳାଇ ଐତିହ୍ୟର ମହତ୍ୱ, ସଂରକ୍ଷଣ ଓ ଉପଯୋଗିତା ବାବଦରେ କହିଥିଲେ। ଏହି ଅବସରରେ ସଂଗ୍ରହାଳୟକୁ ପ୍ରାଗ ଐତିହାସିକ ଯୁଗର ଅସ୍ତ୍ର ଓ ଉପକରଣ ପ୍ରଦାନ କରାଯାଇଛି। ଏଥିସହ ବରପାଲିର ଆହୁରି କିଛି ଟେରାକୋଟା ସାମଗ୍ରୀ ମଧ୍ୟ ସଂଗ୍ରହାଳୟରେ ରଖାଯାଇଥିଲା। ଏଥିରେ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବଟକୃଷ୍ଣ କହଁର, ସସ୍ମିତ ମେସୁଆ, ଅନନ୍ୟା ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ବୀରମହାରାଜପୁର ଗୁଳି ମାଡ଼ ଘଟଣା

# ବିକି ମହାରଣା ମୃତ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହରରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବନ୍ଧୁକରୁ ହଠାତ୍ ଗୁଳି ଫୁଟିବାରୁ ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଚମ୍ପାମାଳ ଗାଁର ବିକ୍ରମ ମହାରଣା (ବିକି) (୩୦) ବୋଲି ଜଣା ପଡିଛି। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରକାଶ ଥାଉ କି ଶୁକ୍ରବାର ସଂନ୍ଧ୍ୟା ୮ଟା ବେଳେ ବୀରମହାରାପୁର ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ନିକଟସ୍ଥ ଏକ ପାନ ଦୋକାନ ପାଖରେ କିଛି ଯୁବକ ବସିଥିଲେ। ସେଠାରେ ବିକ୍ରମ ତାଙ୍କ ସାଙ୍ଗଙ୍କ ସହିତ ବନ୍ଧୁକ ଦେଖୁଥିବା ବେଳେ ହଠାତ୍ ଟ୍ରିଗର ଉପରେ ବିକ୍ରମଙ୍କ ହାତ ବାଜି ଯିବାରୁ ଗୁଳି ଫୁଟି ଯାଇଥିଲା। କିଛି ଲୋକ କହିବା ଅନୁସାରେ ବନ୍ଧୁକଟି ଅଟୋମେଟିକ ହୋଇଥିବା ବେଳେ ଟ୍ରିଗର ଲକ ହୋଇ ନ ଥିବାରୁ ଫାୟାର ହୋଇ ସିଧା ଗୁଳିଟି ବିକ୍ରମଙ୍କ ବେକରେ ଆସି ବାଜିଥିଲା। ଫଳରେ ବିକ୍ରମ ଗରୁତର ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ତାଙ୍କ ସାଙ୍ଗମାନେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସଡିପିଓ ହେମନ୍ତ ରାଓଙ୍କ ନେତୃତ୍ୱରେ ତଦନ୍ତ ଜାରୀ ରହିଛି। ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳର ପୁଙ୍ଖାନୁପୁଙ୍ଖ ଜାଞ୍ଚ କରିଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଖୋଖା, ଚପଲ ଏବଂ ଗୋଟିଏ ବାଇକ ଜବତ କରାଯାଇଛି। ତେବେ ବନ୍ଧୁକଟି ବିନା ଲାଇସେନ୍ସର ହୋଇଥିବାର ଜିଲ୍ଲା ଏସପି ସୂଚନା ଦେଇଛନ୍ତି। ଏନେଇ ମୃତକଙ୍କ ବାପା ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ସେହି ଗାଁର ଶୁଭମ୍ ପ୍ରୀତିମ ହୋତା (ବିକି) ମୋର୍ ପୁଅକୁ ମାରି ଦେଇଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାଲିଥିବାବେଳେ ବିକି କୁ ପୋଲିସ ଖୋଜୁଥିବା କହିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ। ସେପଟେ ମୃତକ ବିକି ର ଶବ ବ୍ୟବଚ୍ଛେଦ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଜିଲ୍ଲା ସଦର ଡାକ୍ତରଖାନାରେ ଏଫ୍ ଏମ୍ ଟି ବିଭାଗର ଡାକ୍ତର ନାହାନ୍ତି ଫଳରେ ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ବଡ଼ ଡାକ୍ତରଖାନାକୁ ପଠାଯାଇଛି ବୋଲି ତଦନ୍ତ କାରୀ ଅଧିକାରୀ ସାରଙ୍ଗ ଧର ପାଣିଗ୍ରାହୀ କହିଛନ୍ତି।

## ୨୦୨୩ରୁ ସଂସଦରେ ମହିଳା ବିଲ୍ ପାରିତ ହୋଇସାରିଛି : କଳିକେଶ

ବଲାଙ୍ଗିର ,(ସବ୍ୟୁ): ୨୦୨୩ରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଛି । ଉଭୟ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିବା ପାଇଁ ୨୦୧୮ରେ ବିଜୁ ଜନତା ଦଳ ସରକାର ପ୍ରଥମେ ଓଡିଶା ବିଧାନସଭାରେ ସଂକଳ୍ପ ପାରିତ କରାଇଥିଲା । ଯାହାକୁ ପରବର୍ତ୍ତୀ ସମୟରେ ଦେଶ ମଧ୍ୟ ଅନୁକରଣ କରିଥିଲା ବୋଲି ସାମାଜିକ ଗଣମାଧ୍ୟମରେ ମତ ରଖିଛନ୍ତି ବଲାଙ୍ଗିର ବିଧାୟକ ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ । ଆଉ ଏବେ ମହିଳା ସଂରକ୍ଷଣ ଆଳରେ ଓଡିଶା ଭଳି ରାଜ୍ୟର ରାଜନୈତିକ ଅଧିକାରକୁ ସଙ୍କୁଚିତ କରିବାକୁ ଏକ ବିରାଟ ଚକ୍ରାନ୍ତ କରାଯାଇଥିଲା ଯାହା ବିଫଳ ହୋଇଛି ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି ବିଧାୟକ ଶ୍ରୀ ସିଂହଦେଓ । ଅସଲ କଥା ହେଲା, ଲୋକସଭାରେ ଯେଉଁ ବିଲ୍ କାଟ୍ ଖାଇଛି ତାହା ମହିଳା ସଂରକ୍ଷଣ ବିଲ୍ ନଥିଲା, ଥିଲା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ । ଯଦି ଏହା ପାରିତ ହୋଇଥାନ୍ତା ତେବେ ଓଡିଶାର ସ୍ୱର ଜାତୀୟ ସ୍ତରରେ ହ୍ରାସ ପାଇଥାନ୍ତା । ରାଜନୈତିକ ପ୍ରତିନିଧିତ୍ୱ କମିଥାନ୍ତା । ଯାହା ବିରୁଦ୍ଧରେ ଆରମ୍ଭରୁ ସ୍ୱର ଉତ୍ତୋଳନ କରିଥିଲେ ଓଡ଼ିଶା ବିଧାନସଭାର ବିରୋଧିଦଳର ନେତା ନବୀନ ପଟ୍ଟନାୟକ । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂକଳ୍ପ ପାରିତ



କରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । କାରଣ ବିଲ୍ ପାରିତ ହୋଇଥିଲେ ଦେଶର ସର୍ବାଧିକ ୪ର୍ଥ କ୍ଷତିଗ୍ରସ୍ତ ରାଜ୍ୟ ହୋଇଥାନ୍ତା ଓଡିଶା । ରାଜନୈତିକ ପ୍ରତିନିଧିତ୍ୱ ଜାତୀୟ ସ୍ତରରେ ୧୫ ପ୍ରତିଶତ ହ୍ରାସ ପାଇଥାନ୍ତା । ଏହି ଓଡିଶା ବିରୋଧୀ ବିଲକୁ ବିରୋଧ କରିବାକୁ ଓଡିଶାର ସମସ୍ତ ସାଂସଦଙ୍କୁ ମଧ୍ୟ ଚିଠି ଲେଖିଥିଲେ ଶ୍ରୀ ପଟ୍ଟନାୟକ । ବିଜେପି ସରକାର ଓଡିଶାର କ୍ଷମତାକୁ ହ୍ରାସ କରୁଥିବା ବେଳେ ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ବଦଳରେ ବିଜେପି ନେତା ଚୁପ୍ ରହିଲେ । ଓଡିଶାବାସୀଙ୍କ ସାମ୍ନାରେ ଏମାନଙ୍କର ଅସଲ ମୁଖା ଖୋଲିଯାଇଛି ବୋଲି କହିଛନ୍ତି ।

ଏବେ ବିଜୁ ଜନତା ଦଳକୁ ମହିଳା ବିରୋଧୀ ଭାବେ ଚିତ୍ରଣ କରିବାକୁ ହୀନ ଉଦ୍ୟମ ଆରମ୍ଭ କରିଛନ୍ତି ବିଜେପି ନେତା । ବାସ୍ତବ କଥା ହେଲା, ସାରା ଦେଶରେ ମହିଳା ସଶକ୍ତିକରଣରେ ଓଡିଶା, ନବୀନ ବାବୁଙ୍କ ନେତୃତ୍ୱରେ ଆଦର୍ଶ ପାଲଟିଥିଲା । ପଂଚାୟତ ସ୍ତରରେ ୫୦ ପ୍ରତିଶତ ଆସନ ସଂରକ୍ଷଣ ହେଉ ଅବା ଲୋକସଭା ପାଇଁ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ଦେବା, ସବୁଠି ନବୀନ ବାବୁଙ୍କ ନିଷ୍ପତ୍ତି ଥିଲା ଅନୁକରଣୀୟ । ଯଦି ବିଜେପି ସରକାର ପ୍ରକୃତରେ ମହିଳାଙ୍କୁ ସଂରକ୍ଷଣ ଦେବାକୁ ଚାହୁଁଛି ତେବେ ୨୦୨୩ର ପାରିତ ବିଲ୍ ଅନୁସାରେ ପଦକ୍ଷେପ ନେବାରେ ଅସୁବିଧା କେଉଁଠି? କାହିଁକି ବର୍ତ୍ତମାନର ସଂଖ୍ୟା ଅନୁଯାୟୀ ୩୩ ପ୍ରତିଶତ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରି ରଖାଯାଉନି । ମହିଳାଙ୍କୁ ନେଇ ବିଜେପି ସବୁବେଳେ ରାଜନୀତି କରିଆସିଛି, ହେଲେ ନବୀନ ବବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସର୍ବଦା ମହିଳାଙ୍କୁ ସଶକ୍ତ କରିବାକୁ କାର୍ଯ୍ୟ କରିଛି ଏବଂ ଆଗକୁ କରିବ ମଧ୍ୟ ବୋଲି ବିଧାୟକ ଶ୍ରୀ ସିଂହଦେଓ ଦୃଢ଼ତାର ସହ କହିଛନ୍ତି ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଓଡ଼ିଶା-ଛତିଶଗଡ଼ ପ୍ରଶାସନର ମିଳିତ ରଣନୀତି

ଝାରସୁଗୁଡ଼ା, (ସବ୍ୟୁ): ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ସଂସ୍ଥା, ମାଇନିଂ ବେଲ୍ଟ ଏବଂ ପରିବହନ କରିଡରରେ ଶ୍ରମିକ ଓ ଚାଳକମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଏକ ବ୍ୟାପକ ପ୍ରଶାସନିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଉଭୟ ରାଜ୍ୟ ମଧ୍ୟରେ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଗ୍ରୀଷ୍ମ ପ୍ରବାହର ସମୟରେ ଜନସାଧାରଣ ବିଶେଷ କରି ଜାତୀୟ ରାଜପଥ -୪୯ ଦେଇ ଯାତାୟାତ କରୁଥିବା ଟ୍ରକ ଚାଳକ ଏବଂ ହେଲପରମାନଙ୍କ ସୁରକ୍ଷା ପାଇଁ




ମଧ୍ୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ସ୍ଥିତିର ସମୀକ୍ଷା କରିବା ସହିତ କହିଥିଲେ ଯେ, ଜାତୀୟ ରାଜପଥ -୪୯ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେପରି କୌଣସି ଜୀବନହାନି ନହୁଏ, ତାହା ନିଶ୍ଚିତ କରିବା ପୋଲିସ ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ ଏହି ବୈଠକରେ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ ମୟଙ୍କ ଚତୁର୍ବେଦୀ, ଏମ.ସି.ଏଲ୍ ର ସିଏମଡି ଉଦୟ ଏ. କାଓଲେ (ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ) ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏପ୍ରିଲ ଏବଂ ମେ ମାସରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନନ୍-ଏସି ପରିବହନ ଯାନ ଚଳାଚଳ ଉପରେ କଟକଣା ଲଗାଯିବା ସହ ଶ୍ରମିକମାନଙ୍କ ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି। ପରିବହନ ଯାନଗୁଡ଼ିକର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଓ ହାଇଡ୍ରେସନ କିଓସ୍କ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ମୋବାଇଲ୍ ୱାଟର କିଓସ୍କ ବ୍ୟବସ୍ଥା କରାଯିବଛ। ଜରୁରୀକାଳୀନ ସ୍ଥିତି ପାଇଁ ଜାତୀୟ ରାଜପଥ ୪୯ର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ କରିବାକୁ ନିଷ୍ପତ୍ତି ହୋଇଛି। ମଣିଷଙ୍କ ସହ ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳକୁଣ୍ଡର ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଉଭୟ ଜିଲ୍ଲାର ଶ୍ରମ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଂଶୁଘାତରେ ଶ୍ରମିକ ବିଶ୍ୱଜିତ୍‌ଙ୍କ ମୃତ୍ୟୁ ସନ୍ଦେହ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଝାଙ୍କରପାଲି ପଞ୍ଚାୟତ ଅନ୍ତର୍ଗତ ରସିଆପାଲି ଗ୍ରାମର ଶ୍ରମିକ ବିଶ୍ୱଜିତ୍ ସାହୁ(୪୪)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଯୁଯୋମୁରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି । ସୂଚନାଯୋଗ୍ୟ, ଶନିବାର ପୂର୍ବାହ୍ନ ସାଢେ ୯ଟାରେ ଶ୍ରମିକ ବିଶ୍ୱଜିତ୍ ରାସ୍ତା କଂକ୍ରିଟ୍ କାମ କରୁଥିଲେ । ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡି ଯାଇଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ଘରକୁ ନିଆଯାଇଥିଲା । ପରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପ୍ରବଳ ଖରା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ତେବେ ଏହା ଅଂଶୁଘାତ ଜନିତ ମୃତ୍ୟୁ କି ନୁହେଁ ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ । ଅନ୍ୟପଟେ ସମ୍ବଲପୁର ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ।

## ଖୋଲା ଟ୍ରକରେ ୮ଶହ କିଲୋମିଟର ଯାତ୍ରା କରୁଛନ୍ତି ଶ୍ରମିକ

ମାଲକାନଗିରି,(ସବ୍ୟୁ): ମାଲକାନଗିରିରୁ ଆସିଛି ଏକ କରୁଣ ତଥା ବିପଜ୍ଜନକ ଚିତ୍ର। ଯେଉଁଠି ମଣିଷପଣିଆ ହାର ମାନିଛି ଠିକାଦାରଙ୍କ ଲାଭଖୋର ମନୋଭାବ ପାଖରେ । ପାରଦ ଏବେ ୪୦ ଡିଗ୍ରି ଉପରେ, କିନ୍ତୁ ଏହି ପ୍ରଚଣ୍ଡ ଖରାରେ ଲୁହା ସାମଗ୍ରୀ ସହ ଖୋଲା ଟ୍ରକରେ ବୁହା ହେଉଛନ୍ତି ଶ୍ରମିକ। ଆନ୍ଧ୍ରପ୍ରଦେଶରୁ ଓଡ଼ିଶା, ପ୍ରାୟ ୮୦୦ କିଲୋମିଟର ଏହି ମରଣଯନ୍ତା ଭିତରେ କିଭଳି ନିର୍ଯ୍ୟାତିତ ହେଉଛନ୍ତି ଗରିବ ଶ୍ରମିକ। ଉଦୁଉଦିଆ ଖରା ସାଙ୍ଗକୁ ତତଲା ପବନଛ ତାତି ଏମିତି ଯେ ଘରୁ ବାହାରିବା ମୁସ୍କିଲ୍। କିନ୍ତୁ ଏହି ନିଆଁ ବର୍ଷା କରୁଥିବା ଆକାଶ ତଳେ, ଏକ ଖୋଲା ଟ୍ରକରେ ଜୀବନକୁ ବାଜି ଲଗାଇ ଯାତ୍ରା କରୁଛନ୍ତି ପ୍ରାୟ ୧୫ ଜଣ ଶ୍ରମିକ। ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ବଲାଙ୍ଗୀରଛ ଏହି ଦୀର୍ଘ ୮୦୦ କିଲୋମିଟର ପଥକୁ ଶ୍ରମିକମାନେ ଅତିକ୍ରମ କରୁଛନ୍ତି କେବଳ ଖଣ୍ଡେ ଖଣ୍ଡେ ବେଡସିଟକୁ ସାହାରା କରି। ମାଲକାନଗିରି ଜିଲ୍ଲାରେ ସାମନାକୁ ଆସିଛି ଏ ଚିତ୍ର। ବିଜୟୱାଡାରୁ ଶ୍ରମିକ ଓ ଲୁହା ସାମଗ୍ରୀ ଧରି ବଲାଙ୍ଗିର ଯାଉଥିବା ଏହି ଟ୍ରକଟିକୁ ଆରଟିଓ କର୍ମଚାରୀମାନେ ଯାଞ୍ଚ ବେଳେ ଅଟକାଇଥିଲେ। ହେଲେ ଭିତରେ ଦେଖିଲା ବେଳକୁ ସ୍ତବ୍ଧ ହୋଇଯାଇଥିଲେ। କାରଣ ଟ୍ରକ ଡାଲାରେ ଲୁହା ରଡ୍ ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ବସିଛନ୍ତି ଶ୍ରମିକ। ସାମାନ୍ୟ ଅସାବଧାନତା ହେଲେ ଯେକୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ପରିବହନ ପାଇଁ ଟ୍ରାଫିକ ଇନ୍ସପେକ୍ଟର ଟ୍ରକ ମାଲିକଙ୍କ ଉପରେ ୫,୦୦୦ ଟଙ୍କାର ଜୋରିମାନା ଲଗାଇଛନ୍ତି।

## ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ

ନର୍ଲା, (ସବ୍ୟୁ): ନର୍ଲା ବିଜେଡି ପକ୍ଷରୁ ବ୍ଲକ ସଭାପତି ନୀଳମଣି ସାହୁଙ୍କ ଅଧକ୍ଷତାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ନର୍ଲା ପ୍ରାଣୀଧନ ଚିକିତ୍ସାଳୟ ନିକଟସ୍ଥ ପଡିଆରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦାନ କରି ବିଜୁ ବାବୁଙ୍କ ଫଟୋଚିତ୍ରରେ ଧୂପ, ଦୀପ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ମ.ରାମପୁରର ବିଜେଡି ବ୍ଲକ ସଭାପତି ସତ୍ୟନାରାୟଣ ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ଯଶୋବନ୍ତ ସାହୁ, ନର୍ଲା ବ୍ଲକ ବିଜୁ ଛାତ୍ର ସଭାପତି ଘାସିରାମ ସାହୁ, ନର୍ଲା ବ୍ଲକ ମହିଳା ସଭାନେତ୍ରୀ ପ୍ରମିଳା ପଧାନ, ମ.ରାମପୁର ବ୍ଲକ ମହିଳା



ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ମନ୍ଦିରା ନାଏକ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଜୟନ୍ତ ଗଉଡ, ମାର୍କଫେଡ ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ଭବାନୀପାଣା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଦେବରାଜ ମାଝୀ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେର ପ୍ରମୁଖ ମଞ୍ଚାସୀନ ହୋଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ଉପସଭାପତି ସରୋଜ ରାଉତ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଜୁ ବାବୁଙ୍କ ପ୍ରତି କେବଳ ଉତ୍କଳ ପ୍ରଦେଶ ନୁହଁ ସାରା ଦେଶର ଲୋକଙ୍କ ଭଲ ପାଇବା ରହିଥିବା କହିଥିଲେ। ବିଜୁ ଛାତ୍ର ଜନତା ନର୍ଲାର ସମ୍ପାଦକ ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ ।

## ସିଏମ୍ ଟ୍ରଫି ଜୁନିୟର ଫୁଟବଲର ଦ୍ୱିତୀୟ ସଂସ୍କରଣ

ବରଗଡ,(ସବ୍ୟୁ): ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶା ପକ୍ଷରୁ ଶନିବାର ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ଅଷ୍ଟମ ଦିନରେ ବାଳିକା ମାନଙ୍କ ମ୍ୟାଚରେ କନବାର ଫୁଟବଲ୍ କ୍ଲବ୍ ଦଳ ଓ ଦ୍ୱିତୀୟ ମ୍ୟାଚରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ବିଜୟୀ ହୋଇଛନ୍ତି। କନବାର ଫୁଟବଲ୍ କ୍ଲବ୍ ଓ ଲେଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ରେ କାନବାର ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌କୁ ଶୁଭମ୍ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ ରେ ପିଙ୍କି ହଂସ ଓ ଅଜୟ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଆଦିତ୍ୟ ନାୟକ।



ସେହିପରି କଦଳୀ ପାଲି ଫୁଟବଲ୍ କ୍ଲବ୍ ଓ ସିଆଲଖଣ୍ଡହଟା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କଦଳୀ ପାଲି ଦଳ ୫ -୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ ରେ ଝସକେତନ ପ୍ରଧାନ ଓ ଉମାକାନ୍ତ ସାହୁ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପଞ୍ଚାନନ ପାତ୍ର।

## ବର୍ଦ୍ଧିତ ବକ୍ସାଇଟ ଖନନକୁ ତୀବ୍ର ବିରୋଧ

କୋରାପୁଟ/ରାୟଗଡ଼େ,(ସବ୍ୟୁ): କୋରାପୁଟ ଓ ରାୟଗଡ଼ା ଜିଲ୍ଲା ସୀମାନ୍ତରେ ଥିବା ଲକ୍ଷ୍ମୀପୁର ବ୍ଲକର କୋଡୀଙ୍ଗାମାଳି ପର୍ବତ ଏବେ ଅଶାନ୍ତ। ଓଏମସି ପକ୍ଷରୁ ବକ୍ସାଇଟ୍ ଖନନ ପରିମାଣ ବୃଦ୍ଧି ନିଷ୍ପତ୍ତିକୁ ନେଇ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବାର୍ଷିକ ୩ ମିଲିୟନ ଟନରୁ ୬ ମିଲିୟନ ଟନକୁ ଖନନ ବୃଦ୍ଧି କରାଯିବାନେଇ ସରକାରୀ ପ୍ରୟାସକୁ ବିରୋଧ କରି ଏକଜୁଟ୍ ହୋଇଛନ୍ତି ଶତାଧିକ ଗାଁ ଲୋକ । ଗତ ୧୦ ବର୍ଷ ଧରି ଲକ୍ଷ୍ମୀପୁର ବ୍ଲକର କୋଡ଼ିଙ୍ଗାମାଳି ପର୍ବତରୁ ବକ୍ସାଇଟ୍ ଉତ୍ତୋଳନ ଜାରି ରହିଛି । ଏବେ ଓଏମସି ପକ୍ଷରୁ ବାର୍ଷିକ ୩ ମିଲିଅନ୍ ଟନ୍ ବକ୍ସାଇଟ ଖନନ କରାଯାଉଛି। ମାତ୍ର ଏବେ ଏହି ପରିମାଣକୁ ଦ୍ୱିଗୁଣିତ କରି ୬ ମିଲିୟନ ଟନ୍ ବକ୍ସାଇଟ୍ ଖନନ ନେଇ ଯୋଜନା କରୁଛନ୍ତି ରାଜ୍ୟ ସରକାର। ବିରୀଗୁଡ଼ା ଗାଁରେ ଆଖପାଖ ୧୦ଟି ଗାଁର ଲୋକ ଏକାଠି ହୋଇ ଏହି ବର୍ଦ୍ଧିତ ଖଣି ଖନନ ପ୍ରକ୍ରିୟାକୁ ବିରୋଧ କରିଛନ୍ତି। କଂସାରୀଗୁଡ଼ାରେ ବକ୍ସାଇଟ୍ ରିଫାଇନାରି କାରଖାନା ପ୍ରତିଷ୍ଠା ନେଇ ଜୋରସୋରରେ କାମ ଆରମ୍ଭ ହୋଇଛିଛ। ଅଞ୍ଚଳରେ ଶିଳ୍ପାୟନ ହେଲେ ବେକାରୀ ସମସ୍ୟା ଦୂର ହେବ। ଏଥିପାଇଁ ବିରିଗୁଡ଼ା, ଭାଲୁଯୋଡ଼ି ଭଳି ଅନେକ ଗାଁର ଲୋକେ ନିଜ ଚାଷ ଜମିକୁ ସ୍ୱଳ୍ପ ମୂଲ୍ୟରେ କମ୍ପାନିକୁ ବିକ୍ରି କରିଦେଇଛନ୍ତି। ଏବେ ଖଣି ଖନନ ପରିମାଣ ବିଲେ ନୂଆ କମ୍ପାନିକୁ କଞ୍ଚାମାଲ ମିଳିବନି। ଫଳରେ ଅଧିକ ବର୍ଷ ତିଷ୍ଠି ପାରିବନି କମ୍ପାନିଛ ତେଣୁ କାରଖାନା ସମ୍ପୂର୍ଣ୍ଣ ହେବା ପୂର୍ବରୁ ଖଣି ଖନନର ପରିମାଣ ବୃଦ୍ଧି ସରକାରଙ୍କ ଏକ ଚକ୍ରାନ୍ତ ବୋଲି ଗାଁ ଲୋକ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳଙ୍କୁ ଅବଗତ ସରିଛି, ଯଦି ସରକାର ତୁରନ୍ତ ଏହି ବର୍ଦ୍ଧିତ ଖନନ ନିଷ୍ପତ୍ତିରୁ ନଓହରିବେ ତେବେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ ।

## ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ରାଜ୍ୟରେ ଶୀର୍ଷରେ ନୂଆପଡ଼ା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ କ୍ଷେତ୍ରରେ ସମଗ୍ର ଓଡ଼ିଶାରେ ନୂଆପଡ଼ା ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକରେ ଏହି ସଫଳତା ସମ୍ପର୍କରେ ସୂଚନା ଦିଆଯିବା ସହ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାର ତିନୋଟି ଏନଏସି ମଧ୍ୟରୁ ନୂଆପଡ଼ା ଓ ଖଡ଼ିଆଳ ରାଜ୍ୟସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ହୋଲ୍ଡିଂ ଟେକ୍ସ ସଂଗ୍ରହ କ୍ଷେତ୍ରରେ ନୂଆପଡା ଏନଏସି ରାଜ୍ୟରେ ପ୍ରଥମ ସ୍ଥାନ ଓ ଖଡିଆଳ ଏନଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ନୂଆପଡା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ନୂଆପଡ଼ା ଏନଏସିର ହୋଲ୍ଡିଂ ଟେକ୍ସ ସଂଗ୍ରହ ୩୯.୧୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୫୪.୧୬ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୮ ପ୍ରତିଶତ। ସେହିପରି, ଖରିଆର ଏନଏସିର ୩୫.୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୪୮.୫୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୩୫ ପ୍ରତିଶତ। ଖରିଆର ରୋଡ ଏନଏସି ମଧ୍ୟ ୬୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ସମସ୍ତ ତିନୋଟି ଏନଏସିର ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ଆଧାରରେ ନୂଆପଡା ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନଏସିର କାର୍ଯ୍ୟ ପ୍ରଗତି ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ କାର୍ଯ୍ୟକାରୀ କମିଟୀର ଜରୁରୀ ବୈଠକ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ କାର୍ଯ୍ୟକାରୀ କମିଟୀର ଏକ ଜରୁରୀ ବୈଠକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ବିଦ୍ୟାଳୟର ସାମୂହିକ ଉନ୍ନତି ସକାଶେ ବିଚାର ଆଲୋଚନା ହୋଇଥିଲା । ପ୍ରକାଶ ଥାଉ କି ସଂଘର ଆକାଉଣ୍ଟରୁ ପ୍ରଥମେ ଏକ ଲକ୍ଷ ଟଙ୍କା ବିଦ୍ୟାଳୟର ଏକ ସ୍ମାର୍ଟ କ୍ଲାସ ସକାଶେ ଡିପୋଜିଟ କରାଯାଇଥିଲା। ଯାହାର ମେଚିଂ ଗ୍ରାଣ୍ଟ ତିନି ଲକ୍ଷ ଟଙ୍କା ଆସିଛି , ଯାହା ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ପାରି ନାହିଁ । ତାପରେ ସଂଘର ଆକାଉଣ୍ଟରୁ ଚାରିଲକ୍ଷ ଟଙ୍କା ବିଦ୍ୟାଳୟର ଖୋଲାମଂଚ ସକାଶେ ଡିପୋଡିଟ ହୋଇଥିଲା ଯାହାର ମେଚିଂ ଗ୍ରାଣ୍ଟ ୧୨ ଲକ୍ଷ ଟଙ୍କା ମୋ ସ୍କୁଲ ଅଭିଯାନ ଯାହା ବର୍ତ୍ତମାନ ପଞ୍ଚସଖା ଶିକ୍ଷା ସେତୁ ଭାବେ ନାମିତ ହୋଇଛି ସେଥିରୁ ଆସିଥିଲା । ନିୟମିତ ପ୍ରଧାନ ଶିକ୍ଷକ ଅଭାବରେ ଉକ୍ତ ପାଣ୍ଠି ସବୁ କାମ ହୋଇ ନ ପାରି ପଡି ରହିଥିଲା । ବର୍ତ୍ତମାନ ତହିଁରୁ ଖୋଲା ମଂଚ ସକାଶେ ଆସିଥିବା । ୧୨ ଲକ୍ଷ ଟଙ୍କା ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଆଦେଶମତେ ସୋନପୁର ବ୍ଲକ ଏକାଉଣ୍ଟରେ ଜମା କରାଯାଇଛି । ବୈଠକରେ ଆସନ୍ତା ମେ ମାସ ୩ ତାରିଖ ରବିବାର ଦିନ ୯ ଘଣ୍ଟାରେ ବିଦ୍ୟାଳୟ ଶତାବ୍ଦୀ ହଲରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସକାଶେ ଦିନ ଧାର୍ଯ୍ୟ କରାଯାଇଛି ।

## ସମ୍ବଲପୁର ଜିଲ୍ଲାର ୨ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ଡ଼ଙ୍ଗରପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ କୁଚିଣ୍ଡା ବ୍ଲକର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୁଚିଣ୍ଡାକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ(ଏନ୍‌କ୍ୟୁଏଏସ୍) ମିଳିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗ ସହ ୧୨ଟି ସେବାକୁ ଜାତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବଳ କେନ୍ଦ୍ରର ଟିମ ମୂଲ୍ୟାଙ୍କନ କରିଥିଲା । ଏହି ସମ୍ମାନ ପାଇଁ ଯୁଯୋମୁରା ବ୍ଲକର ସିଏଚ୍‌ଓ ବିଳାସିନୀ ସାହୁ , ଏମ୍‌ପିଏଚ୍‌ଡବ୍ଲୁର ରୁକ୍ମଣୀ ସାହୁ ଓ କୁଚିଣ୍ଡା ବ୍ଲକର ସିଏଚ୍‌ଓ ସନ୍ତୋଷିନୀ ଚରଦିଆ , ଏମ୍‌ପିଏଚ୍‌ଡବ୍ଲୁର ସଂଯୁକ୍ତା ପଣ୍ଡାଙ୍କ ସମେତ ଜିଲ୍ଲାର ସିଡିଏମ୍‌ଓ ଡାକ୍ତର ପ୍ରଦୀପ କୁମାର ହୋତା, କ୍ୱାଲିଟି ନୋଡାଲ ଅଫିସର ଡାକ୍ତର ସୁଧାଂଶୁ ଶେଖର ପଣ୍ଡା, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲ୍ଲା କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ପ୍ରମୁଖ ରହିଛି।

## ଡ୍ୟାମ୍ ପାଇଁ ଭିଟାମାଟି ଛାଡ଼ିଥିଲେଜମି ଗଲା, ଜୀବିକା ବି ହରାଇଲେ

କୋରାପୁଟ,(ସବ୍ୟୁ) :ବିସ୍ଥାପିତ ହୋଇ ୪୬ବର୍ଷ ପୂରିଲା, ତଥାପି ମନରୁ ସରୁନି ବିସ୍ଥାପନର ଦୁଃଖ । କୋଲାବ୍ ଡ୍ୟାମ୍ ଯୋଗୁଁ ବିସ୍ଥାପିତ ହୋଇ ଟୋପେ ପିଇବା ପାଣି ପାଇଁ ସଂଘର୍ଷ କରୁଛନ୍ତି । ବାଧହୋଇ ନାଳି ପାଣି ପିଉଛନ୍ତି । କୋଲାବ ଡ୍ୟାମ୍ ପାଇଁ ଶାଗମାଛ ଦରରେ ସରକାର ବିକାଶର ସ୍ୱପ୍ନ ଦେଖାଇ ଜମି ନେଇଥିଲେ । ବାସସ୍ଥାନ ଛାଡ଼ିବା ପରେ ଜୀବିକା ବି ହରାଇଲେ । ଏହା ଭିତରେ ୪୬ ବର୍ଷ ବିତିଲାଣି । ନା ମୌଳିକ ସୁବିଧା ମିଳିଲା, ନା ମିଳିଲା ସରକାରୀ ଯୋଜନା । ପ୍ରତିଶ୍ରୁତିର ପ୍ରଲୋଭନରେ ଜୀବନ କଟୁଛି । ଗାଁ ପାଇଁ ନା ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଲା ନା

**ବିସ୍ଥାପନର ଦୁଃଖ**

ଲୋକଙ୍କୁ ମିଳିଲା ଘର ଦ୍ୱାର । ଟିଣ ଛପର ଘର, କବାଟ କହିଲେ ଖଣ୍ଡି ଏ ଶାଢ଼ୀ । ଜୀବିକା କହିଲେ କୁଲି କାମ। ଚାଷ କହିଲେ ଡଙ୍ଗର ଜମି । ନା ଗାଁରେ ପାଣିର ସୁବିଧା ରହିଛି ନା ମେଡିକାଲର ସୁବିଧା । ପିଇବା ପାଇଁ ଲାଲ୍ ପାଣି ଉପରେ ଭରସା । ଗାଁରେ ରହିଛି ୧୦୦ ପରିବାକୁ ୪ ଟି ନଳକୂପ । କିନ୍ତୁ ନଳକୂପରୁ ବାହାରୁଛି ଲାଲ୍ ପାଣି । ତାହା ପୁଣି ୫୦ ଥର ମାରିଲେ ଥରୁଟିଏ ବାହାରୁଛି ପାଣି । ଯାହାକି ପିଇବା ଯୋଗ୍ୟ ନୁହେଁ

ଦିନରେ ସବୁ ଘରେ ପଡ଼ି ଯାଏ ତାଟିକବାଟ । କାରଣ କୁଲି ପାଇଁ କୋଟପାଡ଼ ସହର ଉପରେ ନିର୍ଭର,ସନ୍ଧ୍ୟା ହେଲେ ଘର ବାହୁଡ଼ା । ନା ବୁଢ଼ା ବୁଢ଼ୀଙ୍କୁ ମିଳିଛି ବାର୍ଦ୍ଧକ୍ୟ ଭତ୍ତା ନା ଆବାସ ଘର । ଯନ୍ତ୍ରଣାରେ ଜର୍ଜରିତ ଜୀବନ । ୧୯୮୪ ମସିହାରେ କୋଲାବ ଡ୍ୟାମ୍ କାମ ଆରମ୍ଭ ହେଲା । ସେହି ସମୟରେ ଏମାନେ ବିସ୍ଥାପିତ ହୋଇଥିଲେ । ଆଜି ବି ସେଦିନର କଥା ମନେ ପକାଇ କହିଛନ୍ତି, ସେ ସମୟରେ ଏକ ଟ୍ରକରେ ଲଦି ନିଜ ଗାଁ କୋରାପୁଟ ବ୍ଲକର କେଚଲା ଗାଁ ରୁ ଆଣି କୋଟପାଡ଼ ବ୍ଲକର ଏକ ଜଙ୍ଗଲ ଭିତରେ ଛାଡି ଦେଲେ । ସବୁ ସୁବିଧା ମିଳିବ କହିଲେ । କିନ୍ତୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଛି । ଆଉ ବିସ୍ଥାପିତ ଦୁଃଖ ଆଜିବି ଭୋଗଛନ୍ତି ଲୋକେ ।

## ଅଂଶୁଘାତରେ କେନ୍ଦୁପତ୍ର ତୋଳାଳୀଙ୍କ ମୃତ୍ୟୁ ଅଭିଯୋଗ

କୋରାପୁଟ,(ସବ୍ୟୁ) : ଅଂଶୁଘାତରେ ଜଣେ ମହିଳା କେନ୍ଦୁପତ୍ର ତୋଳାଳୀଙ୍କ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତର ସଦରମହକୁମାର କସ୍ତୁରୀ ଗାଦବା(୫୭) ଆଜି କିଛି ମହିଳାଙ୍କ ସହ କେନ୍ଦୁପତ୍ର ତୋଳିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କେନ୍ଦୁପତ୍ର ତୋଳିବା ସମୟରେ ମଧ୍ୟାହ୍ନ ୧୨ଟା ବେଳେ ହଠା୍ ଅଚେତ ହୋଇ ତଳେ ପଡ଼ି ଅଚେତ ହୋଇଯାଇଥିଲେ। କସ୍ତୁରୀଙ୍କୁ ଅଚେତ ଅବସ୍ଥାରେ ଦେଖି ତୁରନ୍ତ ସାଥିରେ ଥିବା ମହିଳା ମାନେ ତାଙ୍କ ଘରକୁ ଆଣିଥିଲେ। ଘରେ ପହଞ୍ଚାଇବା ପରେ କସ୍ତୁରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନଥିବାରୁ ଚିକିତ୍ସା ପାଇଁ ବୈପାରିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣେଇ ଥିଲେ। ଖବର ପାଇ ବୈପାରିଗୁଡା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଛି। ସୂର୍ଯ୍ୟାସ୍ତ ହେବାରୁ ତାଙ୍କ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ପରିବାର ଲୋକେ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିବା ବେଳେ ଡାକ୍ତର ଶବ ବ୍ୟବଚ୍ଛେଦ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି ।

## ବାଇଲମା ସରକାରୀ ସ୍କୁଲ ରୋଷେଇ ଘରେ ଅଗ୍ନିକାଣ୍ଡ

ସୁନ୍ଦରଗଡ଼,(ସବ୍ୟୁ): ରୋଷେଇ ଘରେ ଶନିବାର ସକାଳେ ହଠାତ୍ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ସକାଳୁଆ ସ୍କୁଲ୍ ଚାଲିଥିବା ବେଳେ ପ୍ରତିଦିନ ପରି ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପହଞ୍ଚିବା ସମୟରେ ରୋଷେଇ ଘରରୁ ଧୁଆଁ ବାହାରୁଥିବା ଏବଂ ଭିତରେ ଭୟାବହ ଭାବେ ନିଆଁ ଜଳୁଥିବା ଦେଖିଥିଲେ। ଏହା ଦେଖି ସ୍କୁଲ୍ ପରିସରରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣା ସମ୍ବନ୍ଧରେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରିପାରିଥିଲେ। ତଥାପି ଏହି ଅଗ୍ନିକାଣ୍ଡରେ ରୋଷେଇ ଘରର ଅନେକ ସାମଗ୍ରୀ ପୁଡ଼ି ନଷ୍ଟ ହୋଇଥିବାରୁ ବିଦ୍ୟାଳୟର ବ୍ୟାପକ କ୍ଷତି ଘଟିଛି। ସ୍ଥାନୀୟ ଲୋକମାନଙ୍କ ମତାନୁସାରେ, କେହି ଦୁର୍ବୃତ୍ତ ଇଚ୍ଛାକୃତ ଭାବେ ରୋଷେଇ ଘରକୁ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ତେବେ କିଏ ଏବଂ କାହିଁକି ଏହି କାଣ୍ଡ ଘଟାଇଲା, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ଅଗ୍ନିକାଣ୍ଡରେ କାହାରି ପ୍ରାଣହାନି କିମ୍ବା ଆହତ ଘଟିନାହିଁ। ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନ ତଦନ୍ତ ଆରମ୍ଭ କରିଛି।

**AFFIDAVIT**

I, S. Jitendra Patra, Aged about 39 years, S/O S. Jahrulal Patra,resident of Po/Ps.-Village Attabira, Dist-Bargarh,Odisha declare by this affidavit CF.No.174 DT.18.4.2026 that SJitendra Patra and S.Jitendra Kumar Patra is the one and same person for all purposes.

# ମଳାଜହ୍ନ ଉପନ୍ୟାସ: ନାରୀମନର ଜୀବନ୍ତ ଆଲେଖ୍ୟ



ଭାସ୍କର ପରିଚ୍ଛା

'ମଳାଜହ୍ନ' ଉପେନ୍ଦ୍ର କିଶୋର ଦାସ (୧୯୦୧-୧୯୭୨)ଙ୍କ ରଚିତ ଏକମାତ୍ର ଉପନ୍ୟାସ, ଯାହା ୧୯୨୬ ମସିହାରେ ପ୍ରକାଶିତ ହୋଇଥିଲା । ଓଡ଼ିଆ ସାହିତ୍ୟରେ ଏହି କୃତିକୁ ଏକ ସମସ୍ୟାକେନ୍ଦ୍ରିକ, ମନସ୍ତତ୍ତ୍ୱଧର୍ମୀ ସାମାଜିକ ଉପନ୍ୟାସ ଭାବେ ହୁଆନ୍ତି । ସମାଜ ଓ ପରିବାରରେ ତାଙ୍କ ସ୍ଥାନ ଅସ୍ଥିର ହୋଇଯାଏ । ଏହା ପରେ ସେ ନାଥ ନନାଙ୍କ ସହ କଟକ ଓ ପରେ ଗାଁକୁ ଫେରନ୍ତି । ଗାଁରେ ମାତାପିତାଙ୍କ ମୃତ୍ୟୁ ସମ୍ବାଦ ତାଙ୍କୁ ଆଉ ଅଧିକ ଏକାକୀନୀ କରିଦିଏ ।

ନାଥ ନନାଙ୍କ ଘରେ ସତୀ ରହିବାକୁ ଲାଗନ୍ତି , କିନ୍ତୁ ଗ୍ରାମବାସୀ ଉଭୟଙ୍କ ସମ୍ପର୍କକୁ ନେଇ କୁତ୍ସା ରଟନା କରନ୍ତି । ସମାଜର ଏହି ଅସହିଷ୍ଣୁ ଓ ସନ୍ଦେହପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ନାଥ ନନାଙ୍କ ଚରିତ୍ରକୁ ଲାଞ୍ଛିତ କରେ । ଏହା ସତୀଙ୍କୁ ଗଭୀର ଭାବେ ପୀଡା ଦିଏ ଓ ଶେଷରେ ସେ ନିଜେ ସମସ୍ତଙ୍କ ଅଜାଣତରେ ଘର ଛାଡ଼ି ଚାଲିଯାନ୍ତି ।

ଉପନ୍ୟାସର ସବୁଠାରୁ ଜଟିଳ ଓ ସଜୀବ ପାତ୍ର ସତୀ । ତାଙ୍କ ମନରେ ସ୍ୱାଧୀନତାର ଆକାଂକ୍ଷା, ପ୍ରେମର ଆବେଗ ଓ ସମାଜର

**ଏହି ଉପନ୍ୟାସ ତାହାର ଭାବପ୍ରବଣ କଥନଶୈଳୀ, ଗଭୀର ମନୋବିଶ୍ଳେଷଣ, ସଜୀବ ପାତ୍ରଚିତ୍ରଣ ଓ କାବ୍ୟମୟ ଭାଷା ପାଇଁ ଆଜି ମଧ୍ୟ ପାଠକମାନଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ରଖିଛି । 'ମଳାଜହ୍ନ' କେବଳ ଏକ ଉପନ୍ୟାସ ନୁହେଁ, ବରଂ ଓଡ଼ିଆ ସମାଜ, ସଂସ୍କୃତି ଓ ନାରୀମନର ଏକ ସଜୀବ ଆଲେଖ୍ୟ ।**

ଗଣ୍ୟ କରାଯାଏ । ଏଥିରେ ସମାଜର ପରମ୍ପରା, ନାରୀର ସ୍ଥିତି, ବିବାହ ପ୍ରଥା ଓ ମାନବୀୟ ସମ୍ପର୍କର ଜଟିଳତାକୁ ଗଭୀର ଭାବେ ଉଦ୍ଘାଟିତ କରାଯାଇଛି । ବିଶେଷକରି ନାରୀମନର ସୂକ୍ଷ୍ମ ଅନୁଭୂତି ଓ ଅର୍ନ୍ତଦ୍ୱନ୍ଦ୍ୱକୁ ଯେପରି ଉପସ୍ଥାପନ କରାଯାଇଛି, ତାହା ଏହି ଉପନ୍ୟାସକୁ ଅନ୍ୟ ଉପନ୍ୟାସମାନଙ୍କଠାରୁ ସ୍ୱତନ୍ତ୍ର କରିଛି ।

ଉପନ୍ୟାସର କେନ୍ଦ୍ରବିନ୍ଦୁ ହେଲେ ନାୟିକା ସତୀ-ଜଣେ ସ୍ୱାଧୀନଚେତନା, ଅଭିମାନିନୀ ଓ ସ୍ନେହପ୍ରବଣ କିଶୋରୀ । ତାଙ୍କ ଜୀବନର ଦୁଃଖ ଆରମ୍ଭ ହୁଏ ଶୈଶବରୁ । ଦାରିଦ୍ର୍ୟର ପ୍ରତି ଅଭିମାନ ସ୍ପଷ୍ଟ । ସେ ଗୋଟିଏ ପକ୍ଷରେ ସମାଜର ବନ୍ଧନରେ ବନ୍ଧା, ଅନ୍ୟ ପକ୍ଷରେ ନିଜ ସ୍ୱତନ୍ତ୍ର ସ୍ୱଭାବକୁ ରକ୍ଷା କରିବା ପାଇଁ ଚେଷ୍ଟାଶୀଳ।

ନାଥ ନନା ପାତ୍ରଟି ମଧ୍ୟ ସଂବେଦନଶୀଳ । ସେ ସତୀଙ୍କ ପ୍ରତି ଆକର୍ଷିତ ହେଲେ ମଧ୍ୟ ସମାଜର ନିୟମ ଓ ନୈତିକତାକୁ ଲଂଘନ କରିବାରେ ଖୁବ୍ ସଚେତନ । ତାଙ୍କ ଚରିତ୍ରରେ ଉଭୟ ମାନବୀୟ ଦୂର୍ବଳତା ଓ ନୈତିକ ସଂକୋଚ ସ୍ପଷ୍ଟ ପ୍ରତିଫଳିତ ।

ଏହି ଉପନ୍ୟାସର ସବୁଠାରୁ ବଡ଼ ବିଶେଷତା ହେଉଛି ଏହାର ଆତ୍ମକଥନ

## ପୁନରାବଲୋକନ-୮

ଚାପରେ ପଡ଼ି ସେ ମାତ୍ର ୧୨ ବର୍ଷ ବୟସରେ ଜଣେ ପ୍ରୌଢ଼, ମୃତଦାର ଓ ସାମାଜିକ ପ୍ରଭାବଶାଳୀ ଜମିଦାରଙ୍କ ସହ ତାଙ୍କର ବିବାହ ହୁଏ ।

ସତୀଙ୍କ ମନ ତଥାପି ଏହି ବିବାହକୁ ଗ୍ରହଣ କରିପାରେ ନାହିଁ । ଶିଶୁ ବୟସରୁ ନାଥ ନନାଙ୍କ ପ୍ରତି ତାଙ୍କର ଏକ ସ୍ନିଗ୍ଧ ଆକର୍ଷଣ ଥିଲା । ଏହି ବିବାହକୁ ନାଥ ନନା ବିରୋଧ କରିଥିଲେ, କିନ୍ତୁ ସମାଜର ପ୍ରଭାବ ଓ ପରିସ୍ଥିତିରେ ସେ ଅସଫଳ ହୋଇ ଅପମାନିତ ହୁଅନ୍ତି ଏବଂ ଗାଁ ଛାଡ଼ି କଟକରେ ଆଶ୍ରୟ ନେଉଥାନ୍ତି ।

ବିବାହ ପରେ ସତୀଙ୍କ ଜୀବନ ଏକ ଅର୍ନ୍ତନିହିତ ଯନ୍ତ୍ରଣାରେ ପରିଣତ ହୁଏ । ସ୍ୱାମୀଙ୍କ ସହ ତାଙ୍କ ସମ୍ପର୍କ ଭାବନା ହୀନ ଓ ବାଧ୍ୟତାମୂଳକ ହୋଇପଡ଼େ । ମଧୁଶଯ୍ୟାର ଅନୁଭୂତି ସତୀଙ୍କ ପାଇଁ ଏକ ଅପ୍ରୀତିକର ଓ ମନୋବେଦନାଦାୟକ ଅଭିଜ୍ଞତା ହୋଇଯାଏ । ତଥାପି ସମାଜ ଓ ନିୟତିକୁ ମାନି ସେ ଜୀବନ କାଟିବାକୁ ଚେଷ୍ଟା କରନ୍ତି ।

କିନ୍ତୁ ପରିସ୍ଥିତି ଆହୁରି ଅଧିକ ଜଟିଳ



ହୋଇଯାଏ, ଯେତେବେଳେ ସତୀ ଜାଣିପାରନ୍ତି ଯେ ତାଙ୍କ ସ୍ୱାମୀ ଅନ୍ୟ ଜଣେ ନାରୀ ସହ ଆବେଗିକ ସମ୍ପର୍କରେ ଜଡିତ । ଏହା ସତୀଙ୍କ ମନକୁ ଗଭୀର ଭାବେ ଆଘାତ କରେ ଓ ତାଙ୍କ ଜୀବନରେ ଅସନ୍ତୋଷ ଓ ଦୁଃଖକୁ ବଢ଼ାଇଦିଏ । ଦିନେ ଏକ ମେଳାରେ ବର୍ଷା ଓ ଝଡ଼ରେ ବିଚ୍ଛିନ୍ନ ହୋଇ ସତୀ ପୁନର୍ବାର ନାଥ ନନାଙ୍କ ସହ ସାକ୍ଷାତରେ ଆସନ୍ତି । ସେ ତାଙ୍କ ଘରେ ରାତିଟିଏ ପାଇଁ ଆଶ୍ରୟ ନିଅନ୍ତି । ଏହି ଘଟଣା ସତୀଙ୍କ ଜୀବନରେ ଏକ ଟର୍ଣ୍ଣିଂ ପଏଣ୍ଟ ହେବା ସହିତ ସାମାଜିକ ଦୃଷ୍ଟିରୁ ମଧ୍ୟ ବିବାଦାସ୍ପଦ ହୋଇଯାଏ ।

ପରଦିନ ସେ ଘରକୁ ଫେରିବା ପରେ ସ୍ୱାମୀଙ୍କ ଦ୍ୱାରା ତିରସ୍କୃତ ଓ ପ୍ରତ୍ୟାଖ୍ୟାତ ଶୈଳୀ । ପ୍ରଥମ ପୁରୁଷରେ ଲିଖିତ ଥିବାରୁ ନାୟିକାର ଅନ୍ତର୍ଜଗତ ପାଠକଙ୍କ ସମ୍ମୁଖରେ ଖୋଲିଯାଏ । ଏହା ହିଁ ଉପନ୍ୟାସକୁ ଅଧିକ ସଜୀବ ଓ ସଂବେଦନଶୀଳ କରିଥାଏ ।

ଭାଷା କାବ୍ୟମୟ ଓ ଚିତ୍ରମୟ । ଲେଖକ ଶବ୍ଦଚୟନରେ ଏଭଳି ଚିତ୍ର ଆଙ୍କିଛନ୍ତି ଯାହା ପାଠକଙ୍କ ମନରେ ସ୍ପଷ୍ଟ ଭାବେ ଉଦ୍‌ବୋଧନ କରେ । ଉଦାହରଣ :ଅଗଣା ଭିତରେ ଯେଉଁ ଜହ୍ନ ଆଲୁଅ ଟିକେ ଅଣହସିଆରିରେ ଚାଳର ମଥାନ ଉପରୁ ଗଡ଼ିପଡ଼ି ଦାଣ୍ଡ ପିଣ୍ଡାର ଦାଢ଼ରେ ଅଚେତ ହୋଇ ଶୋଇଥିଲା, ବୋଉ ମୁହଁ ସେ ଆଲୁଅରେ ଅଳ୍ପ ଅଳ୍ପ ଦେଖାଯାଉଥିଲା ।

ଏହା ଉପେନ୍ଦ୍ର କିଶୋର ଦାସଙ୍କ ଗଦ୍ୟ ପ୍ରତିଭାକୁ ପ୍ରକାଶ କରେ ।

'ମଳାଜହ୍ନ'ରେ ଶିଶୁବିବାହ, ନାରୀର ଅଧିକାରହୀନତା, ସାମାଜିକ କୁସଂସ୍କାର ଓ ନୈତିକ ସଂକଟ ଭଳି ବିଷୟଗୁଡ଼ିକୁ ସାମ୍ନାକୁ ଆଣିଛନ୍ତି ଉପନ୍ୟାସକାର । ଏହା ମାତ୍ର ଜଣେ ନାରୀର କଥା ନୁହେଁ, ବରଂ ସେଇ ସମୟର ସମାଜର ଏକ ଆଇନା ।

ଉପନ୍ୟାସଟି ଦେଖାଏ ଯେ କିପରି ସମାଜର କଠୋର ନିୟମ ଓ ଲୋକମତ ଜଣେ ନାରୀର ଜୀବନକୁ ପ୍ରଭାବିତ କରେ । ସତୀଙ୍କ ଜୀବନ ମାଧ୍ୟମରେ ଲେଖକ ନାରୀ ମନର ଅସହାୟତା, ସଂଘର୍ଷ ଓ ସ୍ୱାଧୀନତାର ଆକାଂକ୍ଷାକୁ ଉଜ୍ଜୀବିତ କରିଛନ୍ତି ।

ଓଡ଼ିଆ ଉପନ୍ୟାସ ଇତିହାସରେ 'ମଳାଜହ୍ନ' ଏକ ସ୍ମରଣୀୟ ଓ କାଳଜୟୀ କୃତି । ଏହା ମାନବୀୟ ଭାବନା, ପ୍ରେମ, ତ୍ୟାଗ ଓ ଗ୍ରାମୀଣ ଜୀବନର ସଂଘର୍ଷକୁ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରେ ।

ଏହି ଉପନ୍ୟାସ ତାହାର ଭାବପ୍ରବଣ କଥନଶୈଳୀ, ଗଭୀର ମନୋବିଶ୍ଳେଷଣ, ସଜୀବ ପାତ୍ରଚିତ୍ରଣ ଓ କାବ୍ୟମୟ ଭାଷା ପାଇଁ ଆଜି ମଧ୍ୟ ପାଠକମାନଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ରଖିଛି । 'ମଳାଜହ୍ନ' କେବଳ ଏକ ଉପନ୍ୟାସ ନୁହେଁ, ବରଂ ଓଡ଼ିଆ ସମାଜ, ସଂସ୍କୃତି ଓ ନାରୀମନର ଏକ ସଜୀବ ଆଲେଖ୍ୟ ।

ଏହି ଉପନ୍ୟାସ ସର୍ବ ପ୍ରଥମେ କଟକ କଳିଙ୍ଗ ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶ କରାଯାଇଥିଲା । ପରେ ଫ୍ରେଣ୍ଡ୍ସ ପବ୍ଲିସର୍ସ ଏହାକୁ ପ୍ରକାଶ କରିଥିଲେ । ୨୦୨୧ ମସିହାରେ ବ୍ଲାକ୍ ଈଗଲ୍ ବୁକ୍ସ ଦ୍ୱାରା ଏହାର ପୁନଃପ୍ରକାଶନ ହୋଇଛି । 'ମଳାଜହ୍ନ'ର ଇଂରାଜୀ ଅନୁବାଦ ଏଯାଏଁ ହୋଇନାହିଁ । ଏହାକୁ ନେଇ ଏକ ଚଳଚିତ୍ର ନିର୍ମାଣ କରାଯାଇଛି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

## ମନୋମୁଗ୍ଧକର କବିତା ତିନୋଟି

### ତା' ଦୁଃଖରେ



ରକ୍ଷକ ନାୟକ

ସେ ସବୁ ନଦୀଙ୍କୁ ଡାକିଥିଲା
କି ସେମାନେ ଆପେ ଆପେ ଆସିଥିଲେ
ମତେ ଜଣାନାହିଁ
ତେବେ ସେମାନେ ଏକାଠି ହୋଇ
ପୁଣି ଦୁଇ ଭାଗରେ
ଦୁଇ ଆଖିରୁ ବହି ଚାଲିଥିଲେ ।
ସେ ଦୁଇଟି ଧାର
ନିଜକୁ ଉଜେଇଁବାକୁ କୋଉ
ସମୁଦ୍ର ଲୋଡ଼ୁ ନ ଥିଲେ
ତା ଦେହରେ ଲୀନ ହେଉଥିଲେ ।
ବୋଧେ ନାଭିରେ ।
ସେ ଧାରରେ ବହୁତ ବୋଇତ
ବହୁତ ଝଡ଼ ବହୁତ ବି ଗୀତ
କିଛି ଆଶ୍ଚର୍ଯ୍ୟ କିଛି ପରିଚିତ
ଯେତେ ସବୁ ବିସର୍ଜନକାମୀ ମୂର୍ତ୍ତି
ବାସି ଫୁଲ ବର୍ଜ୍ୟ ବୀର୍ଯ୍ୟ ମନ୍ତ୍ରାଦି
ସମୟ ପୋଛିପାଛି ଫିଙ୍ଗି ଦେଉଥିଲା
ସୁଅ କଣ ବା ଭେଦାଭେଦ ଜାଣେ
ସେ ତ ଅଟଳ ସ୍ୱଧର୍ମ ପାଳିବାରେ ।
ଏମିତି ଏକ ଘଟଣା ଘଟିଛି
କେହି କେମିତି ଜାଣିପାରୁନାହାନ୍ତି !
ଉଁଚୁ ସ୍ୱରଶବ୍ଦ ଶୁଭୁନି ତ
ସମସ୍ତେ କଣ ସୁଅରେ
ଭାସିଗଲେକି ଆଉ
ନା ଭାଷାସବୁ ମୂକ ହେଇଯାଇଛନ୍ତି
ନିରବତାର ନିଝାମ ମାଡ଼ରେ !
ହୁଏତ ଗାବ ମାରି ଥାଇପାରନ୍ତି
ପୁଣି ଉଠିବେ ଆଖି ମଳିମଳି
ଫିଙ୍ଗିଫିଙ୍ଗି ଯେତେ ସବୁ ସ୍ମୃତି ଓ ଶିକୁଳି ।
ଏ ଧାର ଶୁଖିବାର ନାହିଁ
କିନ୍ତୁ ଶୁଖିଯିବ ସସାଗରା ଧରା
ମତେ ଯାହା ପ୍ରତେ ହେଉଛି
ଆଉ ବେଶି ଦୂର ନୁହେଁ।
କଣ କରିପାରିବି
ଏ ସମୟକୁ ବଞ୍ଚାଇବା ପାଇଁ
ମତେ ପ୍ରାର୍ଥନା କରିବା ଛଡ଼ା
ଆଉ ତ କିଛି ଜଣାନାହିଁ ।

**ମୋ-୯୪୩୭୧୭୧୪୪୦**

**(ଶ୍ରୀ ନାୟକ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ପ୍ରତିଭାବାନ କବି)**

### କେହି ଜଣେ ସେ



ଡଃ ମମତାରାଣୀ ନାୟକ

ଦୂର ଦିଗ୍‌ବଳୟର ଖଣ୍ଡ ଖଣ୍ଡ ମେଘ କୋଣରୁ
ମୋ ଆକାଶିଆ ମନର ଓଦା ପଣ ହୋଇ
ଭାସି ଆସେ, କେହି ଜଣେ ସେ !
ମୋନାଲିସାର ହସରେ ଭରିଦିଏ, ମୋ ଛାତି ତଳ
କାଚକାନ୍ଥରେ ଦରଫୁଟା ପଦ୍ମଫୁଲର ମହକ,
ଫଗୁଣର ଫଗୁ ସହ, କବରୀର ଗୋଲାପିଆ
ସୁଗନ୍ଧିତ ଝୋଙ୍କେ ପବନ
ଛୁଇଁଯାଏ ମୋ ଉଦାସିଆ ଧଳାପଣକୁ,
ମୋ କଲମର ଥପ ଥପ କାଳିରେ
ଛାପି ହୋଇଯାଏ, ପୁରୁଣା ଦିନର
କାଗଜି ଫୁଲର ନାଲି ହସ,
ଜେ ଏନ ୟୁ ର ଚିକିଣିଆ ରାଜପଥ,
ଆଉ ଆକାଶଛୁଆଁ ପାଠାଗାର !
କେବେ ପୁଣି ଗୋଦାବରୀ ହଷ୍ଟେଲର ବାଲକୋନୀରୁ
ସ୍ମୃତିର ସେ ମୁହୂର୍ତ୍ତଗୁଡିକ,
ଝରି ଆସେ ଝରା ଫୁଲର ମହକ ହୋଇ
ଗୁଲଜାର ଶାଏରୀର ବନ୍ଧକ ସାଜେ,
ପୁଣି ପାର୍ଥସାରଥୀର ଖରାଟିଆ ଝାଞ୍ଜି,
ଶୀତଳ ଶିହରଣ ହୋଇ ଛୁଇଁ ଯାଏ ମନକୁ !
କେହି ଜଣେ ସେ , ଯିଏ
ଇନ୍ଦ୍ରଧନୁର ନୀରବତାରେ ଆଜି ବି
ନିଦୁଆ କୁହୁଡିରେ କବିତା ଲେଖାଏ,
ପୂର୍ଣ୍ଣିମା ଜହ୍ନକୁ ହାତ ପାପୁଲିରେ ରଖି
ତାରାମାନଙ୍କ ସହ ଲୁଚକାଳି ଖେଳେ,
ନୀଳ ଲଗ୍ନା ଶ୍ରାବଣୀର ସ୍ୱପ୍ନ ଦେଖାଏ, ଆଉ
ଆଖି ତଳ କଜଳଗାରରେ, ଆପେ ଆପେ
ଆଙ୍କି ହୋଇଯାଏ, କେହି ଜଣେ ସେ !

**ଜେନିଥ-୨୦୫,**
**ପ୍ରିଷ୍ଟିନ ଗ୍ରୀନ ସୋସାଇଟି,**
**କୋକିଳା ରିସୋର୍ଟ ନିକଟ,**
**ପୋଖରୀପୁଟ, ଭୁବନେଶ୍ୱର-୨୦,**
**ମୋ-୯୫୫୬୭୬୫୩୯୦୨**

**(ଡଃ ନାୟକ ଜଣେ ସୁପରିଚିତ ଲେଖିକା)**

### ସେହି ନିଘଞ୍ଚ ରାତ୍ରୀରେ



ସୁଶାନ୍ତ କିଶୋର ବଳ

ଓଃ ସେହି ନିଘଞ୍ଚ ଅଭିସାରୀ ରାତ୍ରୀ...
ଆଜିର ରାତ୍ରୀ ଯେ ଅଭିସାର ରାତ୍ରୀ...,
ଆଜିର ଏ ରାତ୍ରୀ କିପରି
ନିଦ ଜମା ଆସୁନାହିଁ
ହେ ପ୍ରିୟତମ, ବସ ମୋର ପାଶେ ।
ନିଦ ଜମା ଆସେ ନାହିଁ ।
ଆକାଶରେ ଅନ୍ଧାର ଚାନ୍ଦ୍ର ଯେ ମଳିନ ।
ନଉଡନ୍ତି ନଭେ ଆକାଶୀଆ ବିହାୟସ,
ହରାଇଛି ନିଦ, ବାଟ ଅନେକ
ମନେ ଘାରିଛି କେତେ ଯେ ଚିନ୍ତା !
ସତ କହୁଛି, ହଂ ହଂ ସତ କହୁଛି,
ତୁ ଥିଲେ,
ବିନା ବୋଇତେ, ବିନା ଆହୁଲାରେ
ମୁଁ କରିପାରେ ଜଳଯାତ୍ରା,
ନଗ୍ନପଦେ ଉନ୍ମୁକ୍ତ ବକ୍ଷେ
ଚାଲିଥାଏଁ ନିଘଞ୍ଚ ରାତ୍ରେ



ଭୂତ, ପ୍ରେତଙ୍କ ମେଳେ
ନିର୍ଜନ ପଥରେ ।
ଜଳୁଥାଉ ପଛେ ଶମଶାନେ ଜୁଇ
ବୁଦାମୂଳୁ ଚିତ୍କାର କରେ କୋକିଶିଆଳୀ,
ଆକାଶେ ଗରଜୁଥାଏ ପଛେ ଘନ,
ଭରାନଦୀରେ ଚବକୁଥାଉ ଫେଣ,
ତଡିତ୍ ସୌଦାମିନୀ ଚମାକୁଥାଏ ଘନ ଘନ,
ବିଳେ ଶରୀସୃପେ କରୁଥାନ୍ତି ସୁସୁ,
ବ୍ୟାଘ୍ର ଓ ଭଲ୍ଲୁକେ ଆସୁଥାନ୍ତୁ ପଛେ,
ବନ୍ୟା, ବତାସ ଆସୁଥାନ୍ତୁ ଏକ ସାଥେ,
ତା' ଲାଗି ନକରି କିଞ୍ଚିତ ଭ୍ରୁକ୍ଷେପ
ଚାଲିଥାଏ ତୁ ନଆସିବା ଯାଏଁ
ତୋ ପରଶ ନ ପାଇ
ଶିହରଣ ମୋ ନଆସିବା ଯାଏ
ହୋଇଥାଏଁ ଆନମନା ।

**ଡଗରପଡା, କଟକ-୨**

***(ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପୌତ୍ର ଶ୍ରୀ ବଳ ଇଂରାଜୀ ଓ ଓଡ଼ିଆ ଭାଷାର ଜଣେ କବି)***

# ସାହିତ୍ୟ ,ସଂସ୍କୃତି, ପରମ୍ପରାର ଅନ୍ତଃସ୍ୱର - ପାଲା



ଡଃ. ଚନ୍ଦ୍ରକଳା ନାୟକ

ବାଦ୍ୟ, ସଙ୍ଗୀତ, ନୃତ୍ୟର ତ୍ରିବେଣୀ ସଙ୍ଗମ ହେଉଛି, ଲୋକ ନାଟକ । ଯେଉଁଠି ସଙ୍ଗୀତର ପ୍ରାଧାନ୍ୟ ପରିଲକ୍ଷିତ ହୁଏ, ତାହା ସଙ୍ଗୀତ ଧର୍ମୀ ଲୋକ ନାଟକ । ଓଡ଼ିଆ ନାଟକର ଅନ୍ୟତମ ବଳିଷ୍ଠ ବିଭାଗ ହେଉଛି 'ପାଲା' । ପାଲା ହେଉଛି ଓଡ଼ିଶାର ଲୋକପ୍ରିୟ ସାଂସ୍କୃତିକ ଅନୁଷ୍ଠାନ । ଏହି ଅନୁଷ୍ଠାନ ପୁରପଲ୍ଲୀରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ନିଜର ଆଧିପତ୍ୟ ଜାହିର କରି ପାରିଛି। ଜନସାଧାରଣଙ୍କ ଚିତ୍ତକୁ ରସସିକ୍ତଆବରଣ ଅନ୍ତରାଳରେ ସାହିତ୍ୟାନୁରାଗୀ କରାଇବାରେ ପାଲାର ଏକ ସ୍ୱତନ୍ତ୍ର ଭୂମିକା ରହିଛି।

ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅସହିଷ୍ଣୁତା ଦେଖା ଦେଇଥିବା କାଳରେ 'ଦାସକାଠିଆ'ର ଜନ୍ମ ହୋଇଥିବା ସ୍ଥଳେ, ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଆସିବା ସମୟରେ 'ପାଲା'ର ସୃଷ୍ଟି ହୋଇଛି । ହିନ୍ଦୁ ମୁସଲମାନମାନଙ୍କ ଚିନ୍ତାଧାରର ମଧୁର ମିଳନରୁ ପାଲାର ଜନ୍ମ । ମୁସଲମାନମାନେ ହିନ୍ଦୁଙ୍କର ଧର୍ମ ସାଧନା ସହିତ ନିଜର ଧର୍ମୀୟ ଚିନ୍ତାଧାରାକୁ ମିଶାଇ ଦେଇଥିଲେ । ସେହି ସାଧକମାନେ ତାଙ୍କର ସାଧନା ସହ ସଂପୃକ୍ତଥାଇ ମଧ୍ୟ ହିନ୍ଦୁମାନଙ୍କର ଓଷାବ୍ରତ କରୁଥିବାର ପ୍ରମାଣ ରହିଛି ।

'ପାଲା' ଶବ୍ଦର ବ୍ୟୁତ୍ପତ୍ତି ସମ୍ପର୍କରେ କୁହାଯାଇଛି- 'ପାଲ୍ୟତେ୍ୟ' ସଂସ୍କୃତି ଶବ୍ଦରୁ ଅପଭ୍ରଂଶରେ 'ପାଲା' ହୋଇଅଛି । ଅନେକ ସମାଲୋଚକ ପାଞ୍ଚାଳି ଶବ୍ଦରୁ 'ପାଲା' ଶବ୍ଦର ଉତ୍ପତ୍ତି ହେବା କଥା କହିଛନ୍ତି । ଏପରି ବିଚାର କରିବାର ମୂଳ କାରଣଟି ହେଉଛି, ଗାୟକ ଗାନ କରିବା ପରେ ପାଳିଆମାନେ ପାଳି ଧରି ବୋଲୁଥିବାରୁ , ଏହାର ନାମ ପାଲା ହୋଇଛି । ପାଲା ଉଦ୍ଦେଶ୍ୟରେ ଯେଉଁ ଆସ୍ଥାନ ସ୍ଥାପନ କରାଯାଏ, ସେ ଆସ୍ଥାନରେ ଏକକାଳୀନ ପଞ୍ଚଦେବଙ୍କୁ ପୂଜା କରାଯାଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଚୈତନ୍ୟଙ୍କ ଓଡ଼ିଶା ଆଗମନ ବେଳକୁ ଓଡ଼ିଶା ଥିଲା ସ୍ୱାଧୀନ ରାଜ୍ୟ । ପରେ ଏହା ମୁସଲମାନ ଶାସନାଧୀନ ହେଲା । ବିଶେଷକରି ମୁସଲମାନ ରାଜୁତି ସମୟରେ ପାଲାର ସୃଷ୍ଟି ହୋଇଛି । ଏହାର କାରଣ ପାଲାର 'ସତ୍ୟପୀର' ଦେବତା ହିନ୍ଦୁ (ସତ୍ୟ) ଓ ମୁସଲମାନ (ପୀର)ଙ୍କ ସମନ୍ୱୟରେ ସୃଷ୍ଟି । ଏ ସଂପର୍କରେ କ୍ଷିତି ମୋହନ ସେନ କହିଛନ୍ତି- ପାଲାରେ ସତ୍ୟପୀରଙ୍କ ମହିମା ବର୍ଣ୍ଣନା ଓ ପୂଜା ପଦ୍ଧତିରେ ହିନ୍ଦୁ ମୁସଲମାନମାନଙ୍କ ପୂଜାର କେତେକ ସମନ୍ୱୟ ଓ ସାମଞ୍ଜସ୍ୟ ରହିଥିବାରୁ, ଏହି ପାଲା ମୁସଲମାନ ଏବଂ ହିନ୍ଦୁଙ୍କ ସୌହାଦ୍ୟପୂର୍ଣ୍ଣ ବନ୍ଧୁତାର ଏକ ନିଦର୍ଶନ ।

ପାଲାର ବିଷୟବସ୍ତୁ ପ୍ରାଚୀନ କବିମାନଙ୍କର ରଚନାକୁ ଗ୍ରହଣ କରାଯାଇ ବିଭିନ୍ନ ସାହିତ୍ୟିକ ଅଳଙ୍କାର ଓ ସଙ୍ଗୀତ ମାଧ୍ୟମରେ ଗାୟକ, ବାୟକ ଓ ପାଳିଆମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ବିଶେଷ କରି ଗାୟକ ବିଷୟବସ୍ତୁକୁ ଗାୟନ କରିବା ସମୟରେ ପାଳିଆମାନେ ବାଦ୍ୟର ତାଳେ ତାଳେ ପାଳି ଧରିଥାନ୍ତି । ବାୟକ ବାଦ୍ୟ ଦ୍ୱାରା ଏହାକୁ ଅଧିକ ରୁଚିକର କରିଥାଏ । ପାଲାରେ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ଅଭିନୟର ମିଶ୍ରିତ ରୂପରେଖ ଦେଖିବାକୁ ମିଳିଥାଏ । ପ୍ରଥମେ ପାଲା ମଞ୍ଚରେ ବାୟକ ମୃଦଙ୍ଗର ବିଭିନ୍ନ ତାଳକୁ ପରିବେଷଣ କରିଥାନ୍ତି । ଏହାପରେ ପାଳିଆମାନେ କ୍ରମାନ୍ୱୟରେ ଆସି ବିଭିନ୍ନ ଭକ୍ତିମୂଳକ ଭଜନ ପରିବେଷଣ କରନ୍ତି । ଶେଷରେ ଗାୟକ ଆସି ମଙ୍ଗଳା ଚରଣ ପୂର୍ବକ ବିଷୟବସ୍ତୁକୁ ଉପସ୍ଥାପନ କରନ୍ତି । ଗାୟକ ଓ ବାୟକ ବ୍ୟତୀତ ପାଲା ମଞ୍ଚରେ ଆଉ ୪ ଜଣ ପାଳିଆ ରହିଥାନ୍ତି । ଏହି ପାଳିଆମାନଙ୍କ ମଧ୍ୟରେ ଜଣେ ଶ୍ରୀପାଳିଆ ଥାନ୍ତି । ସେ ଗାୟକଙ୍କ ପ୍ରଧାନ ସହକାରୀ ।

ଉପରୋକ୍ତ ଶୈଳୀର ପାଲାକୁ ଠିଆ ପାଲା କୁହା ଯାଇଥାଏ । ତେବେ ବୈଠକି ପାଲା ନାମରେ ଆଉ ଏକ ପ୍ରକାର ପାଲା କରାଯିବାର ପରମ୍ପରା ରହିଛି । ବୈଠକି ପାଲାରେ ଯଜମାନ ତାର ଅଗଣାରେ ଛୋଟ ଛାମୁଡିଆ କରେ । ସତ୍ୟ ନାରାୟଣ ଠାକୁରଙ୍କୁ ଉକ୍ତବୈଠକରେ ସ୍ଥାପନ କରି ବେଦୀ ଚାରିପଟେ କାଣ୍ଡ, ତୀର, ଚାମର, କଟାରୀ, ମୟୁର ଚନ୍ଦ୍ରିକା ମଣ୍ଡନ କରାଯାଏ । ଏହି ବୈଠକି ପାଲାରେ ପୁରୋହିତ ହିଁ ଗାୟକ ସାଜେ । ଏହା କେବଳ ଯଜମାନର ମନସ୍କାମନା ପୂର୍ଣ୍ଣ ନିମିତ୍ତ କରାଯାଇ ଥାଏ ।

ଠିଆ ପାଲା ସଂପୂର୍ଣ୍ଣ ଭାବେ ସ୍ୱତନ୍ତ୍ର । ସନ୍ତାନସନ୍ତତିଙ୍କ ଜନ୍ମୋତ୍ସବ ପାଳନ ନିମନ୍ତେ ନିମନ୍ତ୍ରିତ ପାଲା ଦଳଙ୍କ ଦ୍ୱାରା ହେଉଥିବା ପାଲାକୁ ଠିଆପାଲା କୁହାଯାଏ । ସେହିପରି ବିଭିନ୍ନ ପ୍ରକାରର ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲାର ବିଶେଷ ଗୁରୁତ୍ୱ ରହିଛି । ଠିଆପାଲା କହିବାର କାରଣ ଏହି ପାଲା ଦଳର ଗାୟକ, ବାୟକ ଓ ଅନ୍ୟ ପାଳିଆମାନଙ୍କ ଦ୍ୱାରା କୌଣସି ଏକ ବିଷୟବସ୍ତୁକୁ ମଞ୍ଚ ଉପରେ ଠିଆ ହୋଇ ଏହା ପରିବେଷଣ କରାଯାଇ ଥାଏ । ଗାୟକ ହେଉଛନ୍ତି ଏଥିରେ ମୁଖ୍ୟ । ଜଣେ ଶ୍ରୀପାଳିଆ ଏବଂ ଡାହାଣ ପାଳିଆ ଥାନ୍ତି । ଡାହାଣ ପାଳିଆ ଜଣେ ପ୍ରବୀଣ ବ୍ୟକ୍ତି ହୋଇଥିବା ଆବଶ୍ୟକ । ଗାୟକ ଗୀତ ବୋଲୁ ବୋଲୁ କୌଣସି କାରଣରୁ ଅଟକି ଗଲେ ଶ୍ରୀପାଳିଆ ପଦ ସ୍ମରଣ କରାଇ ଦିଏ । ମୃଦଙ୍ଗର ତାଳେ ତାଳେ ଗାୟକ ଓ ପାଳିଆମାନଙ୍କ ସୁମଧୁର ଭକ୍ତି ସଙ୍ଗୀତ ଜନମାନସକୁ ଆନନ୍ଦ ପ୍ରଦାନ କରିଥାଏ । ଏହା ବ୍ୟତୀତ ପାଳିଆମାନେ ପାଲାର ବିଷୟବସ୍ତୁ ମଧ୍ୟରେ ପ୍ରସଙ୍ଗ ଆଧାରିତ ହାସ୍ୟରସର ଉପସ୍ଥାପନ କରିଥାନ୍ତି । ଭଜନ ଓ ସ୍ତୁତି ମଧ୍ୟ ଏଠାରେ ଗାନ କରାଯାଇଥାଏ । ପାଲା ବିଷୟରେ ଏମାନଙ୍କ ପ୍ରସଙ୍ଗ ଆଧାରିତ ଅଙ୍ଗାଭିନୟ ଦର୍ଶକମାନଙ୍କ ମନୋରଞ୍ଜନ କରିଥାଏ ।

**ପାଲା ହେଉଛି ବିଦଗ୍ଧ ଓ ଲୋକ ସାହିତ୍ୟର ମିଶ୍ରିତ କଳା । ଲୋକ ସାହିତ୍ୟର ସରଳ ହୃଦୟସ୍ପର୍ଶୀ କାହାଣୀଗୁଡିକରେ ଗାୟକମାନେ ବିଦଗ୍ଧତାର ପ୍ରଲେପ ଦେଇ ଏକ ଅଭିନବ ରୂପରେ ପ୍ରକାଶ କଲାବେଳେ ଉଭୟ ପଣ୍ଡିତ ଓ ଅଶିକ୍ଷିତ ଗୋଷ୍ଠୀ ଭାବ ବିହ୍ୱଳ ହୋଇଥାନ୍ତି ।**

ପାଲାର ସମସ୍ତ ସଦସ୍ୟ ରଙ୍ଗୀନ ପୋଷାକ ପରିଧାନ କରିଥାନ୍ତି । ଗାୟକଙ୍କ ପୋଷାକ ପାଳିଆମାନଙ୍କ ଠାରୁ ସ୍ୱତନ୍ତ୍ର ଅଟେ । ଗାୟକ ବାମ ହାତରେ ଚାମର, କାନରେ କୁଣ୍ଡଳ, ଦୁଇହାତରେ ମୋଟା ରୂପା ଖଡୁ, ଅନନ୍ତ ବ୍ରତ, ଅଣ୍ଟାରେ ରୂପା ଅଣ୍ଟା ସୂତା, କପାଳରେ ସିନ୍ଦୁର ଟୋପା, ଆଖିରେ କଳା, କାନ୍ଧରେ ପାଟ ଚାଦର, ମସ୍ତକରେ ଜରିଶିଖ ଟୋପି ପରିଧାନ କରିଥାନ୍ତି । ପାଳିଆମାନେ ପାଦରେ ଘାଗୁଡି ବାଜେଣୀ ବଳା ପିନ୍ଧଥାନ୍ତି ।

ପାରମ୍ପରିକ ବାଦ୍ୟ ପାଲାରେ ବ୍ୟବହାର ହୋଇଥାଏ । ଯଥା ମୃଦଙ୍ଗ, ଗିନି, ଝାଞ୍ଜ । ଗାୟକ ଦକ୍ଷିଣ ହସ୍ତ ଅଙ୍ଗୁଳିରେ ଦୁଇଟି ଛୋଟ ଛୋଟ ଗିନି ସଂଯୁକ୍ତ କରିଥାଏ । ଏଥିରେ ଗାୟକ ଗୀତ ସହ ତାଳ ଦେଇଥାନ୍ତି । ମୃଦଙ୍ଗ ପାଲାର ମୁଖ୍ୟ ବାଦ୍ୟ । ଯାହା ବାୟକ ଦ୍ୱାରା ବାଦନ କରାଯାଏ । ଅନ୍ୟ ପାଳିଆମାନେ ଝାଞ୍ଜର ସାହଯ୍ୟ ନେଇଥାନ୍ତି ।

ପାଲାର ବିଷୟବସ୍ତୁକୁ ପର୍ଯ୍ୟାଲୋଚନା କଲେ, ଲୋକ ସାହିତ୍ୟ ଅପେକ୍ଷା ବିଧଗ୍ଧ ସାହିତ୍ୟର ପ୍ରଭାବ ପରିଲକ୍ଷିତ ହୁଏ । ପାଲାର ଗାୟକ ବିଷୟବସ୍ତୁ ଉପସ୍ଥାପନ କଲାବେଳେ ବହୁ ବାଗ୍ମୀ, ପଣ୍ଡିତ, କବି, ଋଷିମାନଙ୍କର ଆପ୍ତକାବ୍ୟ, ଆର୍ଷକାବ୍ୟ ଓ ନୀତି ଉପଦେଶକୁ ଛଦାହରଣ ଛଳରେ ବର୍ଣ୍ଣନା କରିବା ସହିତ ଗାଁ ବା ଲୋକ ସାହିତ୍ୟକୁ ଏପରି ତୁଳନାତ୍ମକ ଭାବେ ପରିବେଷଣ କରନ୍ତି, ତାହା ଏକାଧାରାରେ ପଣ୍ଡିତ ଓ ସାଧାରଣ ଲୋକଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ପାଲା ହେଉଛି ବିଦଗ୍ଧ ଓ ଲୋକ ସାହିତ୍ୟର ମିଶ୍ରିତ କଳା । ଲୋକ ସାହିତ୍ୟର ସରଳ ହୃଦୟସ୍ପର୍ଶୀ କାହାଣୀଗୁଡିକରେ ଗାୟକମାନେ ବିଦଗ୍ଧତାର ପ୍ରଲେପ ଦେଇ ଏକ ଅଭିନବ ରୂପରେ ପ୍ରକାଶ କଲାବେଳେ ଉଭୟ ପଣ୍ଡିତ ଓ ଅଶିକ୍ଷିତ ଗୋଷ୍ଠୀ ଭାବ ବିହ୍ୱଳ ହୋଇଥାନ୍ତି । ପାଲା ସାହିତ୍ୟିକ ଭାବଧାରାରୁ ବିଚ୍ଛିନ୍ନ ନୁହେଁ । ସାହିତ୍ୟ ସହ ଓତଃପ୍ରୋତ ଭାବେ ପାଲା ଜଡିତ । ଏହା ପରିବେଷଣ ସମୟରେ ପ୍ରସଙ୍ଗକ୍ରମେ ସନ୍ଧ୍ୟା, ପ୍ରଭାତ, ରାତ୍ରୀ, ମଧ୍ୟାହ୍ନ, ନଗର, ପର୍ବତ, ନଦନଦୀ, ଷଡଋତୁ ପ୍ରଭୃତି ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟ ଓ ନାୟକ ନାୟିକାମାନଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ସାହିତ୍ୟିକମାନଙ୍କ ରଚନାରୁ ଉଦ୍ଧାର କରାଯାଇ ଥାଏ । ସଙ୍ଗୀତ ବିନା ପାଲା ଗତିଶୀଳ ହୁଏନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗାୟକ, ବାୟକ ଓ ପାଳିଆମାନେ ସଙ୍ଗୀତ ଦ୍ୱାରା ଜନସାଧାରଣଙ୍କୁ ବିଷୟବସ୍ତୁ ସହ ବାନ୍ଧି ରଖିଥାନ୍ତି । ସଙ୍ଗୀତ ହେଉଛି ପାଲାର ପ୍ରାଣ । ଜଣେ ଗାୟକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଇଛା କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ସ୍ୱର ସାଧନା କରିବାକୁ ପଡୁଥିଲା । ସଙ୍ଗୀତ ଶାସ୍ତ୍ରରେ ପ୍ରବେଶ ନଥିଲେ ଜଣେ ଗାୟକ ଗୀତ ଗାଇବାର ଭଙ୍ଗୀକୁ ସହଜରେ ଆୟତ୍ତ କରି ପାରିବ ନାହିଁ । ପାଲା ଗାୟକଟିଏ ତାଳ, ଲୟ, ମାନ ଆଦିରେ ନିପୁଣତା ହାସଲ କରିଥିବା ଆବଶ୍ୟକ ।

ଓଡ଼ିଆ ସାହିତ୍ୟରେ ପରିଚିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ପ୍ରଭୃତି ଯୋଗଜନ୍ମା କବିମାନଙ୍କର ବିଭିନ୍ନ ପୁସ୍ତକରୁ ବିଷୟବସ୍ତୁ ଆଧାରିତ ସଙ୍ଗୀତମାନ ସଂଗ୍ରହ କରି ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯାଇଥାଏ । ପୌରାଣିକ ବିଷୟବସ୍ତୁର ବିଭିନ୍ନ ଚରିତ୍ର ଯଥା- ଦାନବୀର ହରିଶ୍ଚନ୍ଦ୍ର, ସତୀ ସାବିତ୍ରୀ, ସତୀ ଅନସୂୟା, ମେଘନାଦ ବନ୍ଧ, କୃଷ୍ଣଲୀଳା, ରାମାୟଣ, ମହାଭାରତର ଆଦର୍ଶ ଚରିତ୍ରମାନଙ୍କର ତ୍ୟାଗପୂତ ଜୀବନକୁ ସୁନ୍ଦର ଭାବେ ପାଲାର ବିଷୟବସ୍ତୁ ଅନ୍ତର୍ଭୁକ୍ତ କରାଯାଇ ଥାଏ । ପାଲା ପରିବେଷଣ ସମୟରେ ଶୃଙ୍ଗାର, ବୀର, କରୁଣ, ବିଭତ୍ସ, ଅଦ୍ଭୁତ, ବାତ୍ସଲ୍ୟ ରସର ଅବତାରଣ କରାଯାଇ ଥାଏ । ସମୟେ ସମୟେ ଦର୍ଶକଙ୍କ ମନରେ ସୃଷ୍ଟି ହେଉଥିବା ବିଷୟବସ୍ତୁ ପ୍ରସଙ୍ଗ ଆଧାରିତ କୌଣସି ପ୍ରଶ୍ନର ସମାଧାନ ମଧ୍ୟ ଗାୟକ ମହାଶୟ କରିଥାନ୍ତି । ଏପରି ପ୍ରଶ୍ନ ଉତ୍ତର ପ୍ରଦାନର ଚାତୁରୀ ଗାୟକଙ୍କ ପାଣ୍ଡିତ୍ୟର ପରିପ୍ରକାଶ ହୋଇଥାଏ ।

ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟରେ ସୃଷ୍ଟି ହୋଇଥିବା ଲୋକକଳା ପାଲା ପରେ ହିନ୍ଦୁ ସଂସ୍କୃତିର ବାର୍ତ୍ତାବହ ସାଜିଛି । ପାଲା ସର୍ବଦା ତାର ମୌଳିକତା ଏବଂ ଗ୍ରହଣୀୟତା ବଜାୟ ରଖିଛି । ତାର ମୂଳ ଆଧ୍ୟାତ୍ମିକ ଦିଗରୁ କେବେ ବି ବିଚ୍ୟୁତ ହୋଇ ନାହିଁ । ପ୍ରତ୍ୟେକ ସମୟରେ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ନିଜର ଜୟଯାତ୍ରା ଅବ୍ୟାହତ ରଖିଛି ।

ପାଲା ଉତ୍କଳୀୟ ସଂସ୍କୃତିର ଏକ ବିକଶିତ ରୂପରେଖ । ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ଭାବରେ ପାଲା ଅକଳଙ୍କ ଯଶର ଅଧିକାରୀ । ଛାନ୍ଦ, ରସ ,ଲୟ , ତାଳ ଓ ଭାବର ମଧୂର ମୂର୍ଚ୍ଛନାରେ ଅନୁରଣିତ ହୋଇ ଓଡ଼ିଆ ସାହିତ୍ୟକୁ ସରସ ଓ ଜୀବନ୍ତ କରିପାରିଛି । ଗାୟକର ପାଣ୍ଡିତ୍ୟପୂର୍ଣ୍ଣ ବକ୍ତବ୍ୟ, ବାୟକର ବିଭିନ୍ନ ତାଳର ପଟୁତା ଏବଂ ପାଳିଆମାନଙ୍କର ପୁଲକିତ କଣ୍ଠରୁ ଝରି ଆସୁଥିବା ବିଭିନ୍ନ ଚମ୍ପୁ, ଚୌପଦୀ, ଚୌତିଶା, ବୋଲି ମାଧ୍ୟମରେ ପାଲା ଜନତାଙ୍କ ହୃଦୟକୁ ରସାଣିତ ଓ ଆଧ୍ୟାତ୍ମିକ ଦିଗରେ ଟାଣିନେବା ସହ ଏକ ପାରମ୍ପରିକ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛି ।

ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ଧର୍ମ, ଚେତନା ଓ ସ୍ୱାଭିମାନକୁ ଜାଗରଣ କ୍ଷେତ୍ରରେ ପାଲାର ବିକଳ୍ପ ନାହିଁ । ବିପଥଗାମୀ ବ୍ୟକ୍ତି ଚରିତ୍ର ଉଭୟ ସମାଜ ଓ ରାଷ୍ଟ୍ର ପାଇଁ ଚିନ୍ତାଜନକ ହୋଇ ପଡିଛି । ବ୍ୟକ୍ତି ଚରିତ୍ର ଗଠନ ସହ ଭଲ ମଣିଷ ଗଢିବା ପାଲାର ମୂଳ ଲକ୍ଷ୍ୟ । ଭଲ ମଣିଷ ହିଁ ପରିବାର, ସମାଜ ତଥା ରାଷ୍ଟ୍ର ପାଇଁ ମଙ୍ଗଳମୟ ଓ ଅତ୍ୟାବଶ୍ୟକ । କେବଳ ଭଲ ମଣିଷ, ପରିବାର, ସମାଜ ଓ ରାଷ୍ଟ୍ର ଗଠନରେ ପାଲାର ପ୍ରତ୍ୟେକ ମୁହୂର୍ତ୍ତ ସମର୍ପିତ । ଉତ୍କଳୀୟ ସଂସ୍କୃତିର ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ନିହାତି ଆବଶ୍ୟକ । ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଏହି ପାଲା ଅଧିକ ଲୋକଭିମୁଖୀ ହେବାପାଇଁ ପ୍ରତ୍ୟେକ ଓଡିଆ ଏବଂ ସରକାର ଯତ୍ନବାନ ହେବା ଆବଶ୍ୟକ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**

**ମୋ-୯୪୩୭୯୫୭୬୧୭**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀ...

କଂଗ୍ରେସ ଓ ଏହାର ସହଯୋଗୀମାନେ ଚାହାଁନ୍ତି ନାହିଁ ମହିଳାମାନେ ଆଗକୁ ଉଠନ୍ତୁ । ବିଲ୍ କାଟ୍ ଖାଇଲା ପରେ ସେମାନେ ଉତ୍ସବ ମନାଇଛନ୍ତି । ଏହି ବିଲ୍‌ଟି ଆମର ଶ୍ରେୟ ପାଇଁ ନଥିଲା । ମୁଁ ସଂସଦରେ କହିଥିଲି ବିରୋଧୀଙ୍କୁ ଏହାର ଶ୍ରେୟ ଦେବି । ଆମେ ୬୬% ମହିଳା ଭୋଟ୍ ପାଉଥିଲୁ । ଏବେ ଶତ ପ୍ରତିଶତ ମହିଳା ଆମକୁ ସମର୍ଥନ କରିବେ । ଆମର ଗତକାଲି ସଂଖ୍ୟା ନଥିଲା । ତେବେ ଆମେ ଲଢ଼େଇ ଜାରି ରଖିବୁ । ଏକବିଂଶ ଶତାବ୍ଦୀର ଆବଶ୍ୟକ ବିକାଶକୁ କଂଗ୍ରେସ ବିରୋଧ କରୁଛି । ବଂଶବାଦ ରାଜନୀତିରେ ବାଧା ଆସିବ ବୋଲି ବିରୋଧୀ ଦଳ ଗୁଡ଼ିକ ଏହାକୁ ବିରୋଧ କରିଛି । ଦେଶ ଏମାନଙ୍କୁ କ୍ଷମା ଦେବନାହିଁ । ମହିଳା ସଶକ୍ତିକରଣକୁ ସେମାନେ ସର୍ବଦା ବିରୋଧ କରି ଆସୁଛନ୍ତି । ଦେଶ ସେମାନଙ୍କର ଅସଲ ମୁଖା ଦେଖିଛି । ମୁଁ ଆଶା କରିଥିଲି ଅତିତରେ କଂଗ୍ରେସ ଯେଉଁ ଭୁଲ୍ କରିଥିଲା ତାହାକୁ ସଂଶୋଧନ କରିବ । ମାତ୍ର ସେମାନେ ସୁଯୋଗ ହରାଇଲେ । ଏହି ବିଲ୍‌ଟି ସବୁ ରାଜ୍ୟର ଅଭିବୃଦ୍ଧିକୁ ସମାନ କରିଥାନ୍ତା । ମହିଳାମାନଙ୍କୁ ନ୍ୟାୟ ଓ ସଶକ୍ତ କରିବା ଏହି ବିଲ୍‌ର ଲକ୍ଷ୍ୟ ଥିଲା । ଆମର ଆତ୍ମ ବଳ ଅଜୟ । ମୋ ସରକାର ଏ ପର୍ଯ୍ୟନ୍ତ ହାର ମାନିନାହିଁ । ଭବିଷ୍ୟତରେ ଆମକୁ ଅନେକ ସୁଯୋଗ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ପ୍ରାୟ ୩୦ ମିନିଟ୍ ଧରି ରାଷ୍ଟ୍ର ଉଦ୍ଦେଶ୍ୟରେ ଏହି ଅଭିଭାଷଣ ରଖିଛନ୍ତି ।

## ହରମୁଜ୍...

ସମାନ କରାଯାଇଛି । ଏଥିରୁ ଜଣାପଡୁଛି ଯେ, ଇରାନ ଏବେ ବି ହରମୁଜ ପ୍ରଣାଳୀ ନେଇ ସ୍ଥିତି ସ୍ପଷ୍ଟ କରୁନାହିଁ । ଏହା ପୂର୍ବରୁ ଇରାନ ଘୋଷଣା କରିଥିଲା ଯେ, ହରମୁଜ ପ୍ରଣାଳି ଉପରେ ତାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି । ଇରାନ ବନ୍ଦର ଗୁଡ଼ିକୁ ଆମେରିକାର ନୌସେନ ଅବରୋଧ କରିବା ପରେ ଇରାନ ଏହି ନିଷ୍ପତ୍ତି ନେଇଛି । ଗତକାଲି ଇରାନ ପକ୍ଷରୁ ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ପରେ ଯୁଦ୍ଧ ବିରତି ଘୋଷଣା କରାଯାଇଥିଲା । ତେବେ ଆଜି ସକାଳୁ ଇରାନର କେନ୍ଦ୍ରୀୟ ସାମରିକ କମାଣ୍ଡ କହିଥିଲେ ଯେ, ଏହାର ଜବାବରେ ସେମାନେ ପୁଣି ହରମୁଜ ପ୍ରଣାଳୀକୁ ବନ୍ଦ କରୁଛନ୍ତି । ଏହି ସଙ୍କୀର୍ଣ୍ଣ ଜଳପଥ ଦେଇ ବିଶ୍ୱକୁ ସର୍ବାଧିକ ତୈଳ ଜାହାଜ ଯାଇଛନ୍ତି । ଇରାନର ଓ ଆମେରିକା ମଧ୍ୟରେ ଗତସପ୍ତାହରେ ଇସ୍ରାଏଲ ଆଲୋଚନା ପରେ ଏହି ପଦକ୍ଷେପ ତେବେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

## ଗ୍ରୀଷ୍ମପ୍ରବାହ...

ସିନଟେକ୍ସ ଟାଙ୍କି ଏବଂ ପାନୀୟ ଜଳର ସୁବିଧା କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ ଶ୍ରୀ ମୟଙ୍କ ଚତୁର୍ବେଦୀ, ଏମସିଏଲର ସିଏମଡି ଶ୍ରୀ ଉଦୟ ଏ. କାଓଲେ ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ଲ ଝାରସୁଗୁଡ଼ା ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ଏବଂ ଗ୍ରୀଷ୍ମ ପ୍ରବାହ ଅଞ୍ଚଳରେ ବିଶେଷ ନଜର ରଖାଯାଇଛି । ସେହିପରି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଚତୁର୍ବେଦୀ ଚାଳକମାନଙ୍କ ସଚେତନତା ଓ ସୁରକ୍ଷା କରିଡର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ । ଏନ୍‌ଏଚ୍‌ଏଆଇ ଏବଂ ପିଡବ୍ଲ୍ୟୁଡି ବିଭାଗ ସହାୟତାରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ ସାଇନ ବୋର୍ଡ ଲଗାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ।

ଗ୍ରୀଷ୍ମପ୍ରବାହର ମୁକାବିଲା ଏବଂ ଚାଳକମାନଙ୍କ ସୁରକ୍ଷା ପାଇଁ ଏହି ସମନ୍ୱୟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏପ୍ରିଲ ଏବଂ ମେ ମାସରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନନ୍-ଏସି ପରିବହନ ଯାନ ଚଳାଚଳ ଉପରେ କଟକଣା ଲଗାଯିବା ସହ ଶ୍ରମିକମାନଙ୍କ ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧାଦେଶ ଜାରି କରାଯାଇଛି । ପରିବହନ ଯାନଗୁଡ଼ିକର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଓ ହାଇଡ୍ରେସନ କିଓସ୍କ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ମୋବାଇଲ୍ ୱାଟର କିଓସ୍କ ବ୍ୟବସ୍ଥା କରାଯିବ । ଟ୍ରକ୍ ପାର୍କିଂ ଅଞ୍ଚଳରେ ପର୍ଯ୍ୟାପ୍ତ ଛାଇ, ପାନୀୟ ଜଳ, ବିଶ୍ରାମ କକ୍ଷ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଶିଳ୍ପ ଓ ପରିବହନ ସଂସ୍ଥାଗୁଡ଼ିକୁ କୁହାଯାଇଛି । ଏହା ବ୍ୟତୀତ ରାସ୍ତାରେ ୱାଟର ସ୍ପ୍ରିଙ୍କଲର୍ ବ୍ୟବହାର ଏବଂ ଜରୁରୀକାଳୀନ ସ୍ଥିତି ପାଇଁ ଜାତୀୟ ରାଜପଥ ୪୯ ର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ କରିବାକୁ ନିଷ୍ପତ୍ତି ହୋଇଛି । ମଣିଷଙ୍କ ସହ ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳକୁଣ୍ଡର ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଶେଷରେ ଚାଳକମାନଙ୍କ ସୁରକ୍ଷା ପାଇଁ ଯାନବାହନ ବୀମା ସହିତ ସେମାନଙ୍କ ଜୀବନ ବୀମାକୁ ସଂଯୋଗ କରିବା ପାଇଁ ପରିବହନ କମିଶନରଙ୍କ ପରାମର୍ଶ ଲୋଡ଼ିବାକୁ ସ୍ଥିର କରାଯାଇଛି ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଉଭୟ ଜିଲ୍ଲାର ଶ୍ରମ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ । ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

## ଇମ୍ରାନ...

ତିଆରି କରିବା ପାଇଁ ଯୋଜନା କରୁଥିଲେ । ଯାହା ଏକ ବଡ ଧରଣର ଆତଙ୍କୀବାଦୀ ଆକ୍ରମଣ ପାଇଁ ଉଦ୍ଦିଷ୍ଟ ଥିଲା । ସେହିପରି ଜଣେ ଅଭିଯୁକ୍ତ କ୍ୟୁଆର କୋଡ ଓ ବ୍ୟାଙ୍କ ଆକାଉଣ୍ଟରେ ଜିହାଦି କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରୁଥିଲା । ଏଥିସହ ଅସ୍ତ୍ରଶସ୍ତ୍ର ଯୋଗାଇବା ଓ ଶାରୀରିକ ପ୍ରଶିକ୍ଷଣର ପ୍ରତିଶ୍ରୁତି ଦେଇଥିଲେ । ୨୨ ବର୍ଷୀୟ ଇମ୍ରାନଙ୍କୁ ୧୦ ତାରିଖରେ ଉଠାଇନେଇଥିଲା ଦିଲ୍ଲୀ ପୋଲିସ ଓ ସ୍ପେଶାଲ ସେଲ୍ । ଏଥି ପ୍ରଶ୍ନ ଉଠୁଛି ଓଡିଶାରେ ରହି ଆତଙ୍କୀ କାର୍ଯ୍ୟକଳାପରେ ଲିପ୍ତ ଥିଲା ଇମ୍ରାନ । ଦେଶ ବିରୋଧରେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ପୋଷ୍ଟ କରୁଥିଲା । କିନ୍ତୁ ଓଡିଶା ପୋଲିସ ତାକୁ କାହିଁକି ଟ୍ରାକ କରିପାରୁନଥିଲା । ସେଥିଲାଗି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଇମ୍ରାନ ଗତିବିଧି ଉପରେ କୌଣସି ସୂଚନା ପାଇପାରୁନଥିଲା କମିଶନରେଟ୍ ପୋଲିସ । କିନ୍ତୁ ଦିଲ୍ଲୀ ପୋଲିସ ଇମ୍ରାନକୁ ଟ୍ରାକ କରି ଧରିବାରେ ସକ୍ଷମ ହେଲା ।

## ଅନିର୍ଦ୍ଦିଷ୍ଟକାଳ...

ସମ୍ବିଧାନ ସଂଶୋଧନ ବିଲ କାଟ୍ ଖାଇଲା ପରେ ଅନ୍ୟ ଦୁଇ ବିଲକୁ ସରକାର ଫେରାଇ ନେଇଥିଲେ । କୌଣସି କାର୍ଯ୍ୟ ନଥିବାରୁ ଆଜି ଲୋକସଭାକୁ ମୁଲତବୀ କରାଯାଇଥିଲା । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି । ମିଳିତ ବିରୋଧୀ ଦଳ ଗଣତାନ୍ତ୍ରକୁ କ୍ଷତି ପହଞ୍ଚାଇବା ପାଇଁ ହେଉଥିବା ଉଦ୍ୟମ ସମ୍ବିଧାନ ଓ ସଙ୍ଘୀୟ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ଯେଉଁ ପ୍ରୟାସ ହୋଇଥିଲା ତାକୁ ସଫଳ କରିବାକୁ ଦେଇନାହାନ୍ତି । ଏଥିଲାଗି ସବୁ ବିରୋଧୀ ଦଳ ନେତାଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି । ସୋନିଆ ଗାନ୍ଧି ମଧ୍ୟ ଇଣ୍ଡିଆ ବ୍ଲକର ସବୁ ଅଂଶୀଦାର ଦଳକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଗଣତନ୍ତ୍ର...

ଇନ୍ଦିରା ଗାନ୍ଧି ଓ ଅଟଳ ବିହାରୀ ବାଜପେୟୀ ସୀମା ନିର୍ଦ୍ଧାରଣ ଲାଗୁ କରିଥିଲେ । ମାତ୍ର ଆସନ ସଂଖ୍ୟାକୁ ସ୍ଥିର ରଖିଥିଲେ । ୨୦୨୩ରେ ମହିଳା ସଂରକ୍ଷଣ ବିଲ ପାରିସ ହୋଇଛି । ବର୍ତ୍ତମାନ ତାହାକୁ ଏବେ ଥିବା ଆସନ ସଂଖ୍ୟାରେ ଲାଗୁ କରାଯାଉ । ଉନ୍ନାଓ, ହତ୍ରସ, ମଣିପୁର ଘଟଣାକୁ ସମସ୍ତେ ଦେଖିଛନ୍ତି । ମହିଳାଙ୍କ ପାଇଁ କିଏ କହୁଛି ବୋଲି ପ୍ରଶ୍ନ କରିଥାନ୍ତି । ଯଦି ସେମାନେ ମହିଳାଙ୍କ ପାଇଁ କରିବାକୁ ଚାହୁଁଛନ୍ତି ୨୦୨୩ର ବିଲ୍‌କୁ ଆଣନ୍ତୁ । ଆମେ ସମର୍ଥନ କରିବୁ ବୋଲି ପ୍ରିୟଙ୍କା କହିଛନ୍ତି ।

## ଯୋଜନା...

ଏସ୍‌ଆଇଟିଆଇ ଓଡ଼ିଶା ମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ: ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ଚିନ୍ତାଧାରା ଓ ଇନୋଭେସନ, ଶକ୍ତି ପରିବର୍ତ୍ତନ, ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ । ଏସ୍‌ଆଇଟିଆଇ ଓଡ଼ିଶାର ଏକ ଗଭର୍ଣ୍ଣିଙ୍ଗ କାଉନସିଲ୍ ରହିବ । ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ । ଏଥିସହ ଜଣେ ଉପାଧ୍ୟକ୍ଷ, ଚାରିଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ନଅଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ । ଏହି ପରିଷଦ ବର୍ଷକୁ ଅତିକମରେ ଥରେ ବୈଠକ କରିବେ । ସିଟି ଓଡିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ । ବିଭିନ୍ନ କ୍ଷେତ୍ରର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ । ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ । ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ । ମୁଖ୍ୟମନ୍ତ୍ରୀ ଜଣେ ଚିଫ ଏକ୍‌ଜିକ୍ୟୁଟିଭ୍ ଅଫିସର ବା ସିଇଓ ନିଯୁକ୍ତ କରିବେ । ସିଇଓ ଆଇଏଏସ୍ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ । ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ ।

ଏସ୍‌ଆଇଟିଆଇ ଓଡ଼ିଶା ଅଧୀନରେ ଷ୍ଟେଟ ମନିଟରିଂ ଆଣ୍ଡ ଇଭାଲ୍ୟୁଏସନ ଅଫିସ ମଧ୍ୟ ରହିବ । ଏହା ଏଭିଡେନ୍ସ ଡ୍ରାଇଭେନ୍ ଗଭର୍ଣ୍ଣାନ୍ସ ପାଇଁ ଏକ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରିବ । ଏସ୍‌ଆଇଟିଆଇ ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ ।

# ମିଳିତ ଭାବେ ଗଣିତ ବୃତ୍ତି ପରୀକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ

ବାଲେଶ୍ୱର,(ସବ୍ୟୁ): ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ , ବାଲେଶ୍ୱର ଓ ପ୍ରମୁଖ ନୃତ୍ୟ ପ୍ରତିଷ୍ଠାନ "ନାଚ୍'ର ମିଳିତ ସହଭାଗିତାରେ ଗଣିତ ବୃତ୍ତି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର ଉଦ୍‌ଯାପନୀ ସଭା ନାଚ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କର ୧୧୨ତମ ଜନ୍ମଜୟନ୍ତୀ ମଧ୍ୟ ପାଳିତ ହୋଇଛି । ପର୍ଯ୍ୟାୟକ୍ରମେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ଗାୟନ ଓ ଭଜନ ଆଧାରିତ ନୃତ୍ୟ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଏହି ସଭାରେ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରସାଳପୁର କଲେଜର ପୂର୍ବତନ ପ୍ରଧାନାଚାର୍ଯ୍ୟା ଯୋଗାଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅରୁଣାଂଶୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । 'ନାଚ୍' ଡାନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶିକା ଓ ନୃତ୍ୟଶିଳ୍ପୀ ଶ୍ରୀମତୀ ରୋନାଲିସା ପଣ୍ଡା ସୁଚାରୁରୂପେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଥିଲେ ।

# ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ପକ୍ଷରୁ ବିଦାୟ ଉତ୍ସବ

ବୁଗୁଡ଼ା ,(ସବ୍ୟୁ): : ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ବିନୋଦ କୁମାର କର, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ, ଆଡମିନିଷ୍ଟ୍ରେସନ ବରସର ଡ.ପ୍ରଦୀପ କୁମାର ଦାଶ, ଅଧ୍ୟାପକ ଦିନେଶ ଚୌଧୁରୀ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ସାଙ୍ଗକୁ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଏ ଅବସରରେ ଶେଷ ବର୍ଷର ବିଦାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ ଏବଂ ସେମାନଙ୍କୁ ବିଭାଗ ପକ୍ଷରୁ ଉପହାର ପ୍ରଦାନ କରିଯାଇଥିଲା ।

# ଓଡ଼ିଶା ମୋଟର ଚାଳକ ସଂଘ ଫରେଷ୍ଟପାର୍କ ଶାଖାର ପଞ୍ଚମ ବାର୍ଷିକ ଉତ୍ସବ ଆଜି

ଭୁବନେଶ୍ୱର (ସବ୍ୟୁ): ୧୯ତାରିଖ ରବିବାର ସକାଳ ୯ଟା ୩୦ମିନିଟ୍ ସମୟରେ ଓଡ଼ିଶା ମୋଟର ଚାଳକ ସଂଘ ଫରେଷ୍ଟପାର୍କ ଶାଖାର ପଞ୍ଚମ ବାର୍ଷିକ ଉତ୍ସବ ପାଳନ କରାଯିବ । ଭୁବନେଶ୍ୱର ୯ନମ୍ବର ୟୁନିଟ୍ ସ୍ଥିତ ଲୋହିୟା ଏକାଡେମୀ (ଚିତ୍ରକୂଟ ମଠ) ଠାରେ ଏହି ଉତ୍ସବ ପାଳନ କରାଯିବ । ଏଥି ସହିତ ଶାଖାରେ ଜଡିତ ହେବା ଚାଳକ ଭାଇମାନଙ୍କ ପାଇ ଜଣଙ୍କ ପିଛା ୧୦ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ପଲିସି ପ୍ରଦାନ କରାଯିବା ସହିତ ୬୦ବର୍ଷରୁ ଊର୍ଦ୍ଧ୍ୱ ଚାଳକ ବନ୍ଧୁମାନଙ୍କୁ ଶାଖା ତରଫରୁ ଭତା ପ୍ରଦାନର ଶୁଭାରମ୍ଭ ଓ ଟ୍ରାଫିକ୍ ସଚେତନ ବାର୍ତ୍ତା ପ୍ରଦାନ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜୀତା ଷଡଙ୍ଗୀ ମୁଖ୍ୟ ଅତିଥି ଏବଂ ବାଣିଜ୍ୟ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦାନ କରିବେ ।

# ପ୍ରେମକୁ ନେଇ ଝିଅର ବାପାଙ୍କୁ ଭୁଜାଲି ମାଡ଼

ବାଲେଶ୍ୱର (ସବ୍ୟୁ): ଏକ ତରଫା ପ୍ରେମକୁ ନେଇ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଶ୍ରୀରାମପୁରରେ ତୁମୁଳ କାଣ୍ଡ ଘଟିଯାଇଛି । ଝିଅକୁ ଏକ ତରଫା ଭଲ ପାଉଥିବା ଯୁବକ ଜଣଙ୍କ ତାଙ୍କ ବାପାଙ୍କୁ ଭୁଜାଲି ମାଡ଼ କରିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।ଅଭିଯୁକ୍ତ ଯୁବକ ଜଣଙ୍କ ଏକ ତରଫା ଭଲ ପାଇ ଝିଅକୁ ବାହା ହେବାକୁ ଚାହୁଁଥିଲାବେଳେ କିନ୍ତୁ ଏଥିପାଇଁ ଝିଅର ପରିବାରର ସମ୍ମତି ନାହିଁ। କିନ୍ତୁ ଯୁବକ ଜଣଙ୍କ ଜୋରଜବରଦସ୍ତି ବାହା ହେବାକୁ ପୂର୍ବରୁ ଥରେ ସେ ଝିଅକୁ ଉଠାଇ ନେବାକୁ ପ୍ରୟାସ କରିଥିଲା । ସେଥିପାଇଁ ମାମଲା ଥାନାକୁ ଯାଇଥିଲା । ଥାନାରେ ଆପୋଷ ବୁଝାମଣାରେ ଏହି ସମସ୍ୟାର ସମାଧାନ କରାଯାଇଥିଲା ।

# ଜେଲରେ ଥିବା ଅଭିଯୁକ୍ତ ଦମ୍ପତିଙ୍କ ଘରେ ଲାଗିଲା ନିଆଁ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରେଡିକା ସାହିରେ କେ. ଭଗବାନ ରେଡ୍ଡୀଙ୍କୁ ହତ୍ୟା ମାମଲାରେ ଗିରଫ ହୋଇ ଶୁକ୍ରବାର ଜେଲ ଯାଇଥିବା କେ. ଲିଙ୍ଗା ରେଡ୍ଡୀଙ୍କ ଘରେ ନିଆଁ ଲାଗିଯାଇଛି । ସାହିରେ ଅପ୍ରିତିକର ସ୍ଥିତି ଉପୁଜିବା ଅନୁମାନ କରି ଅଭିଯୁକ୍ତଙ୍କ ଘର ନିକଟରେ ପୋଲିସ ମୁତୟନ ରହିଥିଲେ । ଶନିବାର ଅପରାହ୍ନ ୨ଟା ବେଳେ ଲିଙ୍ଗା ରେଡ୍ଡୀଙ୍କ ଘରେ ନିଆଁ ଲାଗିବା ଯୋଗୁ ସମସ୍ତ ଆସବାବପତ୍ର, ଗୋଟିଏ ସ୍କୁଟି, ସାଇକଲ ଆଦି ପୋଡି ପାଉଁଶ ହୋଇଯାଇଛି । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଛନ୍ତି । ଲିଙ୍ଗା ଓ ତାଙ୍କ ସ୍ତ୍ରୀ ଜେଲରେ ଥିବା ବେଳେ ତାଙ୍କ ମାଆ ଓ ୩ ଝିଅ ସରକାରୀ ଆଶ୍ରୟସ୍ଥଳରେ ରହିଛନ୍ତି । ଏଭଳି ସ୍ଥିତିରେ ତାଙ୍କ ଘରେ ନିଆଁ ଲାଗିବା ଘଟଣା ଏବେ ନାନା ପ୍ରଶ୍ନ ଛିଡା କରିଛି । ଅନ୍ୟପକ୍ଷରେ ଘର ଭିତରେ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ପ୍ରକାଶଥାଉକି, ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ସ୍ତ୍ରୀ କେ. ଲକ୍ଷ୍ମୀରେଡ୍ଡୀ ମିଳିତଭାବେ ବୃଦ୍ଧା ମା' ପାରୁ ରେଡ୍ଡୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ଏହାକୁ ଲିଙ୍ଗାଙ୍କ ପଡୋଶୀ କେ. ଭଗବାନ ରେଡି ବିରୋଧ କରୁଥିଲେ । ଘଟଣାକୁ ନେଇ ଉଭୟ ପରିବାର ମଧ୍ୟ କଳହ ଲାଗି ରହିଥିଲା । ତେବେ ପ୍ରତିଶୋଧ ପରାୟଣ ହୋଇ ଲିଙ୍ଗା ରେଡି ନିଜ ସହଯୋଗୀଙ୍କୁ ଧରି ଗୁରୁବାର କେ. ଭଗବାନଙ୍କୁ ଛୁରୀରେ ଆକ୍ରମଣ କରିବା ଯୋଗୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏ ନେଇ ବଡ଼ବଜାର ଥାନାରେ ଏକ ହତ୍ୟା ମାମଲା ରୁଜୁ ହେବା ସହ ପୋଲିସ ଲିଙ୍ଗା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବର୍ତ୍ତମାନ ଉଭୟ ଜେଲରେ ରହିଛନ୍ତି । ଏଭଳି ସ୍ଥିତିରେ ଘରେ ଥିବା ଲିଙ୍ଗାଙ୍କ ବୃଦ୍ଧା ମାଆ ଏବଂ ତାଙ୍କ ୩ ଝିଅ ଅସହାୟ ହୋଇପଡିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରି ସରକାରୀ ଆଶ୍ରୟସ୍ଥଳ ଯଥା ସଖୀ ସେଣ୍ଟରରେ ରଖାଯାଇଥିଲା । ଘରେ କେହି ନଥିବାରୁ ତାଲା ପଡିଥିଲା ।କେ. ଭଗବାନଙ୍କ ମୃତ୍ୟୁ ପରେ ସାହିରେ ଉତ୍ତେଜନା ଲାଗି ରହିଥିଲା । ସେହିକ୍ରମରେ ପୋଲିସ ମଧ୍ୟ ମୁତୟନ କରାଯାଇଥିଲା । ହେଲେ ଲିଙ୍ଗାଙ୍କ ବନ୍ଦ ଘର ଭିତରେ ଘରେ ହଠାତ ନିଆଁ ଲାଗି ଯାଇଥିଲା । ଘରେ ଥିବା ଟିଭି, ଖଟ, ଆଲମୀରା ଭଳି ସମସ୍ତ ଆସବାବପତ୍ର ପୋଡିଯାଇଥିଲା ।ଖବରପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘର ଭିତରେ ପଶି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ କଣ କଣ କ୍ଷତି ହୋଇ ତାହାର ଆକଳନ କରାଯାଉଛି ବୋଲି ବ୍ରହ୍ମପୁର ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ ସୂଚନା ଦେଇଛନ୍ତି ।

# ଅସହ୍ୟ ଗୁଳୁଗୁଳି: ଡାକ୍ତରଖାନାରେ ହାଇସ୍କୁଲର ୭ ଅନ୍ତେବାସୀ

କୁଳିଅଣା , (ସବ୍ୟୁ): :ମୟୂରଭଞ୍ଜଜିଲ୍ଲା କୁଳିଅଣା ବ୍ଲକ ଚାନ୍ଦୁଆସ୍ଥିତ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ୭ ଜଣ ଅନ୍ତେବାସୀ ଅସୁସ୍ଥ ହେବା ଘଟଣା ସାମ୍ନାକୁ ଆସିଛି । ଶନିବାର ପୂର୍ବାହ୍ନରେ ଅନ୍ତେବାସୀମାନେ ଅସୁସ୍ଥ ହେବାରୁ ଏଠାରେ ଥିବା ଜଣେ ଶିକ୍ଷୟିତ୍ରୀ ପ୍ରଥମେ ଏମାନଙ୍କୁ ଚାନ୍ଦୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।କାର୍ଯ୍ୟରତ ଡାକ୍ତର ସୌରଭ କୁମାର ନାୟକ ଓ ଆୟୁଷ ଡାକ୍ତର ଚିନ୍ମୟ କୁମାର ନାୟକ ଅନ୍ତେବାସୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପରେ ପର୍ଯ୍ୟାୟ କ୍ରମେ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦେଇଥିଲେ । ଅସୁସ୍ଥ ଛାତ୍ରୀମାନେ ହେଲେ ଶ୍ରଦ୍ଧା ନାଏକ, ଧାନୀ ହାଁସଦା, ସିନଗୋ ମାରାଣ୍ଡି, ରଇବାରୀ ସୋରେନ, ସଞ୍ଜିତା ମାରାଣ୍ଡି, ସଂଗୀତା ସେଠୀ ଏବଂ ଲିଜା ସିଂ ପିଆରଏମ ରେ ଚିକିତ୍ସିତ ହେଉଛନ୍ତି ୫ ସମସ୍ତ ଛାତ୍ରୀଙ୍କର ବାନ୍ତି ମୁଣ୍ଡବୁଲା, ମୁଣ୍ଡ ବିନ୍ଧା ଓ ବାତ ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । । କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଟିମ ଚାନ୍ଦୁଆ ଏସଏସଡି ଉଚ୍ଚ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆଶୁ ଚିକିତ୍ସା ପ୍ରଦାନ କରିଥିଲେ ।କ୍ଷେତ୍ର ପରିଦର୍ଶନ କରିଥିବା ମେଡିକାଲ ଟିମ ଠାରୁ ଜଣାପଡେ ଯେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ୭୧ ଜଣ ଅନ୍ତେବାସୀ ଛାତ୍ରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି । ତାର କାରଣ ଉପର ମହଲା କାମ ସରିନାହିଁ । କେଉଁ କାରଣରେ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ ହେଲେ ତାହା ଜଣାପଡ଼ି ନାହିଁ ।

# ଏମ୍‌କେସିଜିର ୯ ସୁପରସ୍ପେସିଆଲିଟି ବିଭାଗ ଡାକ୍ତରଙ୍କ ତାଲିକା ମାଗିଲେ ସରକାର

ବ୍ରହ୍ମପୁର,(ସବ୍ୟୁ) : ଚଳିତମାସ ଠାରୁ ରାଜ୍ୟରେ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା । ସେହିକ୍ରମରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି )ମେଡିକାଲ କଲେଜ ଓ ହସପିଟାଲରେ ଥିବା ୯ଟି ସୁପରସ୍ପେସିଆଲିଟି ବିଭାଗରେ କେତେ ଜଣ ଡାକ୍ତର ରହିଛନ୍ତି ତାହାର ତାଲିକା ପ୍ରଦାନ କରିବାକୁ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ହୋଇଛି । ଏହି ସୁପରସ୍ପେସିଆଲିଟି ବିଭାଗ ଗୁଡ଼ିକରେ କେତେ ଜଣ ଲେଖାଏଁ ରେସିଡେଣ୍ଟ ଡାକ୍ତର ରହିଛନ୍ତି ଏବଂ କେତେ ଜଣ ଫାକଲଟି ରହିଛନ୍ତି ତାହା ଜଣାଇବାକୁ କୁହାଯାଇଛି । ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଅଧିନରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସପିଟାଲର ସୁପରସ୍ପେସାଲଟି ବିଭାଗରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଗଠିତ ଟିମ ଫ୍ଲାଇଟରେ ମାଲକାନଗିରି, ନୂଆପଡା, ନବରଙ୍ଗପୁର ଭଳି ଜିଲାକୁ ନିର୍ଦ୍ଧାରିତ ଦିନରେ ଯାଇ ସେଠାକାର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ତେବେ ଡିଏମଇଟିଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଏମକେସିଜି ଅଧ୍ୟକ୍ଷା ତଥା ଡିନ୍ୟୁରୋଲାଜି, କାର୍ଡିଓଲୋଜି, ନେଫ୍ରୋଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟୋଲୋଜି, ସର୍ଜରୀ, ନିଓନେଟୋଲୋଜି ଏଣ୍ଡୋକ୍ରାଇନଲୋଜି ଭଳି ୯ଟି ସୁପରସ୍ପେସିଆଲିଟି ବିଭାଗର ମୁଖ୍ୟଙ୍କୁ ଚିଠି ଲେଖି ତାଲିକା ପ୍ରସ୍ତୁତ କରିବାକୁ କହିଛନ୍ତି । ଏମକେସିଜିରେ କିଛି ସୁପରସ୍ପେସିଆଲିଟି ବିଭାଗରେ ଏମସିଏଚ ପାଠ୍ୟକ୍ରମ ରହିଥିବା ବେଳେ ଏଣ୍ଡୋକ୍ରାଇନଲୋଜି ଭଳି ବିଭାଗରେ ଡିଏମ ପାଠ୍ୟକ୍ରମ ରହିଛି । ପ୍ରତ୍ୟେକ ଦିନ ଶହଶହ ରୋଗୀ ଏହି ସୁପରସ୍ପେସିଆଲିଟି ବିଭାଗରୁ ଚିକିତ୍ସା ସେବା ପାଉଛନ୍ତି ।ଯଦି ଏଠାକାର ଡାକ୍ତର ବାୟୁ ସ୍ୱାସ୍ଥ୍ୟସେବାରେ ସାମିଲ ହେବେ ତେବେ ଏମକେସିଜିରେ ରୋଗୀ ସେବା ପ୍ରଭାବିତ ହେବାର ଆଶଙ୍କା ରହିଥିବା ଆଲୋଚନା ହେଉଛି ।

# ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହାରରେ ଗଞ୍ଜାମ ଜିଲ୍ଲା ଶୀର୍ଷରେ

ବ୍ରହ୍ମପୁର, (ସବ୍ୟୁ) : ଓଡ଼ିଶାର ୨୦୨୫ ବର୍ଷ ପାଇଁ ଅପରାଧିକ ମାମଲାର ଫଇସଲା ଏବଂ ଦୋଷୀ ସାବ୍ୟସ୍ତ ହାରରେ ଗଞ୍ଜାମ ଜିଲା ପ୍ରଥମ ସ୍ଥାନରେ ରହିଛି । ଏହି ଜିଲାରେ ୨୦୨୫ରେ ମୋଟ ୧୬୧୫ ଟି ଅପରାଧିକ ମାମଲାର ବିଚାରଣ ହୋଇଥିବା ବେଳେ ସେଥିରୁ ୧୦୪୯ଟି ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଯାହା ମୋଟ ମାମଲାର ୬୪.୯୫% । ସେହିପରି ରାଜ୍ୟରେ ଦୋଷୀସାବ୍ୟସ୍ତ ହାରରେ ଗଞ୍ଜାମ ପଛକୁ ଖୋର୍ଦ୍ଧା (୩୯.୭୬%) ଏବଂ କେନ୍ଦୁଝର (୩୪.୮୧%) ଜିଲା ରହିଛନ୍ତି । ସବୁଠୁ ପଛରେ ରହିଛି ବାଲେଶ୍ୱର ଜିଲା । ବାଲେଶ୍ୱରରେ ୨୦୨୫ରେ ମୋଟ ୧୪୦୧୬ଟି ଅପରାଧିକ ମାମଲା ବିଚାରଣ କରାଯାଇଥିବା ବେଳେ ସେଥିରୁ ମାତ୍ର ୩୦ଟି ମାମଲାରେ ଦୋଷୀସାବ୍ୟସ୍ତ ହୋଇପାରିଛି । ଏଠାରେ ସଫଳତା ହାର ମାତ୍ର ୦.୨୧% । ଯାହା ରାଜ୍ୟରେ ସବୁଠାରୁ କମ । ସେହିପରି ଭଦ୍ରକ (୦.୮୦%) ଏବଂ କନ୍ଧମାଳ (୧.୧୨%) ଜିଲାରେ ମଧ୍ୟ ସ୍ଥିତି ନୈରାଶ୍ୟଜନକ ରହିଛି । ୨୦୨୫ରେ ସାମଗ୍ରିକ ଭାବେ ରାଜ୍ୟର ଦୋଷୀ ସାବ୍ୟସ୍ତ ହାର ମାତ୍ର ୭ ପ୍ରତିଶତ ରହିଥିବା ତଥ୍ୟ କହୁଛି । ରାଜ୍ୟରେ ମୋଟ ୯୪,୫୫୧ ମାମଲାର ବିଚାର ଶେଷ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୬,୬୨୪ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ରାଜ୍ୟର କିଛି ନିର୍ଦ୍ଦିଷ୍ଟ ଜିଲାରେ ନୂତନ ଆଇନ ବିଏନଏସ ଲାଗୁ ହେବା ପରେ ପୋଲିସ ଏବଂ ପ୍ରସିକ୍ୟୁସନ ମାମଲା ପରିଚାଳନାରେ ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ଅନେକ ଜିଲାରେ ପ୍ରମାଣ ଅଭାବ ଏବଂ ବିଭିନ୍ନ କାରଣରୁ ଦୋଷୀ ସାବ୍ୟସ୍ତ ହାର ଅତି ନଗଣ୍ୟ ରହିଚ୍ଛି ।

# ମାଙ୍କଡ଼ ଆକ୍ରମଣରେ ବୃଦ୍ଧ ଗୁରୁତର

ଭଦ୍ରକ ,(ସବ୍ୟୁ): ମାଙ୍କଡ଼ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି । ଆହତ ବ୍ୟକ୍ତିଜଣକ ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ତାଳପଦା ଗ୍ରାମର ଦାମୋଦର ବାରିକ (୫୮) । ଶୁକ୍ରବାର ଦିନ ଦାମୋଦର ନିଜ ଗ୍ରାମର କେତେକ ସାଙ୍ଗସାଥୀଙ୍କ ସହ ନିକଟସ୍ଥ ଚକ୍ରତୀର୍ଥ ବୁଲିବାକୁ ଯାଇଥିଲେ । ସେଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ବସି ସମସ୍ତେ ଖାଦ୍ୟ ଖାଉଥିବା ସମୟରେ ହଠାତ ଏକ ମାଙ୍କଡ଼ ସେଠାକୁ ଆସି ଖାଦ୍ୟ ଝାମ୍ପି ନେବାକୁ ଚେଷ୍ଟା କରିଥିଲା । ଏହି ସମୟରେ ଦାମୋଦର ବାଧା ଦେବାରୁ ମାଙ୍କଡ଼ଟି ହିଂସ୍ର ହୋଇ ତାଙ୍କୁ ଆକ୍ରମଣ କରିଥିଲା । ମାଙ୍କଡ଼ଟି ତାଙ୍କ ଅଣ୍ଟାକୁ ଏଭଳି ଭାବେ କାମୁଡ଼ି ଧରିଥିଲା ଯେ, ସେଠାରୁ ରକ୍ତସ୍ରାବ ହୋଇଥିଲା ସାଙ୍ଗରେ ଥିବା ଅନ୍ୟ ବ୍ୟକ୍ତିମାନେ ଦାମୋଦରଙ୍କୁ ମାଙ୍କଡ଼ ମୁହଁରୁ ଉଦ୍ଧାର କରି ତୁରନ୍ତ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।


**AFFIDAVIT**

By virtue of an affidavit sworn before The Notary public Bhadrak dated 18.04.2026. I PITABAS BARIK, S/o-Hadibandhu Barik, Village/Po-Marjitapur, Dist -Jajpur, Odisha,Pin-755023 declare that I have changed my daughter's name from TAPASWINI BARIK to JHILI BARIK. Henceforth she shall be known as TAPASWINI BARIK for all purpose.

PITABAS BARIK

**AFFIDAVIT**

By virtue of an affidavit sworn before The Notary public Bhadrak dated 18.04.2026. I DEBASHRITA NAYAK,d/o-Rajanikanta Nayak,Vill-Mirjapur, P.O/P.S -Tihidi, Dist -Bhadrak, Pin-756130 declare that I have changed my name from RINKULATA NAYAK to DEBASHRITA NAYAK. Henceforth I shall be known as DEBASHRITA NAYAK for all purpose.

DEBASHRITA NAYAK

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
e-mail ID: rw_rayagada@yahoo.co.in
GEPNIC e-Procurement Notice
**Bid Identification No: EERWRGD - Online - 01/2026-27**
Letter No- 1470 Date. 15.4.2026

25001/32/2627

1. Name of the Work : Construction of Building works
2 Total No. of Works : 55 Nos (Percentage Rate Tender)
3 Estimated Cost : Varies from 20.13 lakh to 47.95 lakh
4 Class of Contractor : "B" or "C" Class
5 Time of Completion : Specified in DTCN.
6 Mode of submission of tender : Tender should be submitted only in online https://www.tendersodisha.gov.in
7 Other details : Detailed tender condition specified in DTCN.

| Procurement Officer | Bid Identification No. | No. of works | Availability of Tender online for Bidding From | Availability of Tender online for Bidding To | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online-01/2026-27 | 55 (Fifty five) Nos. | 22.04.2026 at 11.00 A.M. | 06.05.2026 upto 5.00 P.M. | 05.05.2026 upto 5.00 P.M. | 07.05.2026 at 11.00 A.M. |

Further details can be seen from the website : www.tendersodisha.gov.in

Sd/- Executive Engineer
Rural Works Division, Rayagada

OIPR : 25001/25072/1/26-27/0001

**ODISHA CONSTRUCTION CORPORATION LTD.**
(A Govt, of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha), Tel- 0674:2580107,
Email: smppmcws@gmail.com (GSTIN-21AAACO2571K2ZM)
**Tender call Notice No. OCC/CWS/PROC/Misc.-53/ 04 /2026-27 dtd.18.04.2026.**

34001/84/2627

Type of work : Supply of Zinc Ingot for Kanupur Irrigation Project.
Total No. of work : OI(One).
Period of supply : 30 (Thirty) days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/ Misc.-53/04/ 2026-27 dtd. 18.04.2026 | Rs.7080/- (Non-refundable) | 20.04.2026 10.00 AM to 28.04.2026 1.00 PM | 20.04.2026 11.00 AM to 28.04.2026 3.30 PM |

Date of opening of the Tender 28.04.2026 at 4.00 P.M.
Further details can be seen from the website (www.odishaconstruction.com)
**Amendment/corrigendum/cancellation, if any shall be posted on-line only (OCCL website).**

Sd/- Senior Manager (Mech.)-I
OCC Ltd., Bhubaneswar

OIPR : 34001/34163/1/26-27/0003

**ଶ୍ରୀ ଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ**
**ସିଲ୍‌ଡ୍ ଟେଣ୍ଡର ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା-ବାଲୁଖଣ୍ଡ-୧୦୯ (ଚକ୍ରତୀର୍ଥ) ସ୍ଥିତ ଶ୍ରୀ ଦରିଆ ମହାବୀର ଦେବ, ଶ୍ରୀ ଚକ୍ର ନୃସିଂହ ଦେବ ଓ ଶ୍ରୀ ପଞ୍ଚବଟି ମହାଦେବଙ୍କ ମନ୍ଦିରରେ ଯାତ୍ରୀମାନେ ଭେଟି ଆକାରରେ ଦାନ କରୁଥିବା ଅର୍ଥ ଓ ପାରୀମାଣିକ ଦର୍ଶନ ଫିସ୍ ଅସୁଲ ନିମନ୍ତେ ତା.୦୧.୦୫.୨୦୨୬ ରିଖ ଠାରୁ ତା. ୩୦.୦୪.୨୦୩୧ ରିଖ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ନିଲାମ ଦିଆଯିବା ପାଇଁ ଟ୍ରଷ୍ଟ ବୋର୍ଡ ଏବଂ ଦେବୋତ୍ତର କମିଶନରଙ୍କ ଆଦେଶ ସଂଖ୍ୟା ୪୪୦୨ ତା. ୧୩.୦୪.୨୦୨୬ ଦ୍ୱାରା ସ୍ଥିର କରାଯାଇ ନିଲାମର ସର୍ବନିମ୍ନ ମୂଲ୍ୟ ଟ. ୨,୩୧,୪୭,୪୪୫.୦୦ (ଦୁଇ କୋଟି ଏକ ତିରିଶ ଲକ୍ଷ ସତଚାଳିସ ହଜାର ଚାରିଶହ ପଞ୍ଚଚାଳିସ) ଟଙ୍କା ମାତ୍ର ଏବଂ ଅମାନତ ବାବଦକୁ ଟ.୨୩,୧୪,୭୪୫.୦୦ (ତେଇଶି ଲକ୍ଷ ଚଉଦ ହଜାର ସାତଶହ ପଞ୍ଚଚାଳିଶି) ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଉକ୍ତ ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ଅମାନତ ବାବଦ ଅର୍ଥ Executive Officer, Sri Jagannath Ballav Endowments, Puri ଙ୍କ ନାମରେ ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ A/C payee Bank Draft କରି ଅନୁଷ୍ଠାନର ଦରଖାସ୍ତ ଫର୍ମ ଗ୍ରହଣ କରି ଦରଖାସ୍ତ ସହିତ A/C payee Bank Draft, ନିଜର ଆଧାର କାର୍ଡ କପି ଓ ଏକ ପାସପୋର୍ଟ ସାଇଜ ଫଟୋ ସଲଗ୍ନ କରି ଜଉମୁଦା ଲଫାପାରେ ସହକାରୀ ଦେବୋତ୍ତର କମିଶନର, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ସିଲ୍‌ଡ ବାକ୍ସରେ ତା.୨୭.୦୪.୨୦୨୬ ରିଖ ଅପରାହ୍ନ ଘ.୧.୩୦ମି. ମଧ୍ୟରେ ପକାଇ ପାରିବେ । ସେହି ଦିନ ଅପରାହ୍ନ ଘ. ୨.୦୦ ମି. ସମୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସିଲ୍‌ଡ ଟେଣ୍ଡରଗୁଡ଼ିକ ଖୋଲାଯିବ । ସରକାରୀ ମୂଲ୍ୟ ଠାରୁ ସର୍ବାଧିକ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଫଇସଲା କରାଯିବ ଓ ସେହି ବ୍ୟକ୍ତି ତା.୨୯.୦୪.୨୦୨୬ ରିଖ ଅପରାହ୍ନ ଘ.୨.୦୦ ମି ସୁଦ୍ଧା ଅନୁଷ୍ଠାନ ନିର୍ବାହୀ ଅଧିକାରୀଙ୍କ ନିକଟରେ ଆକାଉଣ୍ଟ ପେୟୀ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ନିଲାମ ବାବଦ ଟଙ୍କ ସର୍ତ୍ତ ଅନୁସାରେ ଦାଖଲ କରିବେ । ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ନିଲାମ ଟଙ୍କା ଦାଖଲ ନ କଲେ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଅନୁଷ୍ଠାନର ତହବିଲରେ ଜମା କରାଯିବ । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ପାରିବେ । ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ ଅନୁଷ୍ଠାନର କାର୍ଯ୍ୟାଳୟରୁ ସଂଗ୍ରହ କରି ପାରିବେ ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀ ଜଗନ୍ନାଥ ବଲ୍ଲଭ ଏଣ୍ଡାଓମେଣ୍ଟ, ପୁରୀ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ମେଗା ରିଟେଲ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଦେଶର ଅଗ୍ରଣୀ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ପକ୍ଷରୁ ଏକ ରିଟେଲ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଆଦିତ୍ୟ କୁମାର ପାଢୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ମନୋଜ କୁମାର ସେଠ ମୂଲ୍ୟବାନ ଗ୍ରାହକ ଓ ଟିମ୍ ସମ୍ବଲପୁରର ସଦସ୍ୟମାନଙ୍କୁ ସ୍ୱାଗତ କରି ତାଙ୍କ ସମ୍ବୋଧନରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବୃତ୍ତିଧାରୀ ଓ ଉଦ୍ୟମୀମାନଙ୍କୁ ସହଜ ଓ ଗ୍ରାହକ ଅନୁକୂଳ ସୁବିଧା ପ୍ରଦାନ କରିବା ପାଇଁ ସର୍ବଦା ପ୍ରତିବଦ୍ଧ ବୋଲି କହିଥିଲେ। ମହାପ୍ରବନ୍ଧକ ଶ୍ରୀ ପାଢୀ ଏହି କାର୍ଯ୍ୟକ୍ରମ ପିଏନ୍‌ବିର ଦେଶବ୍ୟାପି ଗ୍ରାହକ-କୈନ୍ଦ୍ରିକ ପଦକ୍ଷେପର ଏକ ଅଂଶ ବିଶେଷ ଯାହା ଗ୍ରାହକମାନଙ୍କୁ ଗୋଟିଏ ସ୍ଥାନରେ ସେମାନଙ୍କର ଆବଶ୍ୟକତା ମୁତାବକ ରିଟେଲ୍ ଋଣ ସମ୍ବନ୍ଧୀୟ ପରାମର୍ଶ, ଯୋଗ୍ୟତା ଯାଞ୍ଚ ଓ ସୈଦ୍ଧାନ୍ତିକ ଅନୁମୋଦନ ପ୍ରଦାନ କରିଥାଏ ବୋଲି କହିଥିଲେ। ବ୍ୟାଙ୍କ ପାଖରେ ପ୍ରତ୍ୟେକ ଆୟ ବର୍ଗ ପାଇଁ ଶ୍ରେଷ୍ଠ ବ୍ୟାଙ୍କ ଉତ୍ପାଦ ଉପଲବ୍ଧ ରହିଛି ଏବଂ ନିଜ ନିଜର ଆବଶ୍ୟକତା ଅନୁଯାୟୀ ଏହାର ଲାଭ ଉଠାଇବା ଉଚିତ୍ ବୋଲି ସେ କହିଥିଲେ। ମୁଖ୍ୟ ପ୍ରବନ୍ଧକ ରବୀନ୍ଦ୍ର ରାୟ ଉପସ୍ଥିତ ଗ୍ରାହକମାନଙ୍କୁ ବ୍ୟାଙ୍କର ବିଭିନ୍ନ ରିଟେଲ୍ ଋଣ ଯୋଜନାଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ଅବସରରେ ୧୬୬ଜଣ ଗ୍ରାହକଙ୍କ ଠାରୁ ଭିନ୍ନ ଭିନ୍ନ ରିଟେଲ ସ୍କିମ୍ ଅନ୍ତର୍ଗତ ୪୩କୋଟି ଟଙ୍କାର ଲିଡ୍ ମିଳିଥିଲା। କିଛି ଗ୍ରାହକଙ୍କୁ ସେମାନଙ୍କ ଯୋଗ୍ୟତା ଅଧାରରେ ତୁରନ୍ତ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏଚ୍‌ପିଏଲ୍‌ପି ମୁଖ୍ୟ କେ.ପି. ସାମନ୍ତରାୟ ଉପସ୍ଥିତ ଗ୍ରାହକ, ମହାପ୍ରବନ୍ଧକ ଶ୍ରୀ ପାଢୀ, ମଣ୍ଡଳ ମୁଖ୍ୟ ଶ୍ରୀ ସେଠଙ୍କ ସମେତ ସମସ୍ତ ଷ୍ଟାଫ୍ ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପଥର ଗାଡ଼ିଆରୁ ୭୦ ଗ୍ୟାସ୍ ସିଲିଣ୍ଡର ଜବତ

ଭୁବନେଶ୍ୱର, (ସବ୍ୟୁ) : ପଥରଗାଡ଼ିଆରେ ଯୋଗାଣ ବିଭାଗ ଟିମ୍ ପହଞ୍ଚି ସୂଚନା ଅନୁଯାୟୀ ନିର୍ଦ୍ଦିଷ୍ଟ ଏକ ଘରୁ ୭୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି । ଗଚ୍ଛିତ ରଖି ଲୋକଙ୍କୁ ଅଧିକ ପଇସା ବିତରଣ କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଥାନାରେ ଏତଲା କରାଯିବ ବୋଲି ସୂଚନା ମିଳିଛି । କେବଳ ପଥରଗାଡ଼ିଆ ନୁହେଁ, ସାଁପୁର ଉଚ୍ଛେଦ ସ୍ଥଳରୁ ମଧ୍ୟ ଗଚ୍ଛିତ ଥିବା ବହୁ ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଗ୍ୟାସ୍ ସିଲିଣ୍ଡରର ଦାମ ୮୪୦ ଟଙ୍କା ହୋଇଥିବାବେଳେ ତାହା ଚୋରାରେ ୩ହଜାର ଓ ୩,୫୦୦ ଲେଖାଏଁ ଦାମରେ ବିକ୍ରି କରାଯାଉଛି । ପଥରଗାଡ଼ିଆରୁ ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର ମଧ୍ୟରେ କମର୍ସିଆଲ ଓ ଡୋମେଷ୍ଟିକ୍ ସିଲିଣ୍ଡର ଅଛି । କେତେକ ୫ କେଜିଆ ଟାଙ୍କି ମଧ୍ୟ ଜବତ ହୋଇଛି । କମର୍ସିଆଲ ସିଲିଣ୍ଡରରୁ ଗ୍ୟାସ୍ କାଢ଼ି ଡୋମେଷ୍ଟିକ୍ ସିଲିଣ୍ଡରରେ ଲୋଡ଼ କରି ସେହି ଅସାଧୁ ବ୍ୟବସାୟୀ ଲୋକଙ୍କୁ ଚଢ଼ା ଦାମରେ ଯୋଗାଉଥିଲା । ଏହି ଖବର ନିର୍ଭରଯୋଗ୍ୟ ସୂତ୍ରରୁ ଯୋଗାଣ ବିଭାଗ ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ପହଞ୍ଚି ସିଲିଣ୍ଡରଗୁଡ଼ିକୁ ଜବତ କରିନେଇଛି । ସେହିପରି ସାଁପୁରରେ ଉଚ୍ଛେଦ ସ୍ଥଳରୁ ମିଳିଥିବା ଗ୍ୟାସ୍ ସିଲିଣ୍ଡରକୁ ବିଭାଗୀୟ ଲୋକଙ୍କୁ ଡାକି ଦିଆଯାଇଥିବା ଉଚ୍ଛେଦରେ ସାମିଲ ଥିବା ଜଣେ ଅଫିସର କହିଛନ୍ତି । ଗ୍ୟାସ୍ ସିଲିଣ୍ଡର ପାଇଁ ଲୋକେ ନାହିଁ ନଥିବା ହିନସ୍ଥା ହେଉଥିବାବେଳେ ଅସାଧୁ ବ୍ୟବସାୟୀ ମାଲାମାଲ ହେଉଛନ୍ତି ।

# ମହିଳା ସଂରକ୍ଷଣ ପାଇଁ କଂଗ୍ରେସର ଅବଦାନ ରହିଛି : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ମହିଳା ସଂରକ୍ଷଣ ବିଲ ଆଢୁଆଳ ନାମରେ କେନ୍ଦ୍ର ସରକାର କିଭଳି ନାଗରିକଙ୍କ ସହିତ ପ୍ରବଞ୍ଚନା କରୁଛି ଏହାକୁ ନେଇ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ସେଲ ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ମହିଳା ସଂରକ୍ଷଣ ନାମରେ ବିଜେପି ସରକାରର ପ୍ରବଞ୍ଚନାପୂର୍ଣ୍ଣ ଯୋଜନା ଗୁଡ଼ିକୁ ଉଜାଗର କରିଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ ମହିଳା ସଂରକ୍ଷଣ ବିଲକୁ ନେଇ କିଭଳି ବିଜେପି ଦେଶବାସୀଙ୍କ ସହ ଧୋକାବାଜି କରୁଛି ତାହାର ସଂପୂର୍ଣ୍ଣ ତଥ୍ୟ ଦେବା ସହ ବିଜେପି ସରକାରକୁ ଅନେକ ପ୍ରଶ୍ନ କରିଥିଲେ ।

ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ଯଦି ୨୦୧୧ ଜନଗଣନା ଅନୁସାରେ ମହିଳା ସଂରକ୍ଷଣ କରିବାର ଥିଲା । "ନାରୀଶକ୍ତି ବନ୍ଦନ ଅଧିନୟମ' ଯାହା ସେପଟମ୍ବର ୨୦୨୩ରେ ପାରିତ ହୋଇଥିଲା, ସେହି ଅନୁସାରେ ୨୦୨୪ ମସିହାରେ କାର୍ଯ୍ୟକାରୀ କରାଗଲାନି କାହିଁକି । ଏଣେ ମହିଳା ସଂରକ୍ଷଣ କଥା କହୁଛନ୍ତି, ତେଣେ ନିଜ ମର୍ଜି ଅନୁସାରେ ଡିଲିମିଟେସନ କରାଇନେଇ ସବୁଦିନ କ୍ଷମତାରେ ରହିବାର ଅଭିସନ୍ଧି କରୁଛନ୍ତି ବୋଲି ଶ୍ରୀ ଦାସ କହିଥିଲେ । ବିମୁଦ୍ରୀକରଣ ପରି ତରବରରେ ଏହା କରାଇନେବାର ଅଭିପ୍ରାୟ କ'ଣ ବୋଲି ପ୍ରଶ୍ନ କରିଥିଲେ ।

ଶୁକ୍ରବାର ସଂସଦରେ ବିତର୍କ ଓ ଭୋଟିଂ




ରଖି ଗୁରୁବାର ବିଳମ୍ବିତ ରାତିରେ ଗେଜଟ୍ ନୋଟିଫିକେସନ୍ ପ୍ରକାଶ କରିବାର କାରଣ କ'ଣ ବୋଲି ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ସଂସଦରେ ୧୩୧ତମ ସମ୍ବିଧାନ ସଂଶୋଧନ ଆଇନ ପାରିତ ହେବାକୁ ହେଲେ ଦୁଇ-ତୃତୀୟାଂଶ ସଦସ୍ୟଙ୍କର ସମର୍ଥନ ଲୋଡ଼ା । ବିଜୁବାବୁ ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ିଦେଇଥିଲେ ବି ଓଡ଼ିଶାରେ ପଂଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ୩୩% ପ୍ରତିନିଧିତ୍ୱର ଶ୍ରେୟ ଆମେ ତାଙ୍କୁ ଦେବାରେ କାର୍ପଣ୍ୟ କରୁନା । ଆପଣମାନେ କାହିଁକି କଂଗ୍ରେସକୁ ଶ୍ରେୟ ଦେବାରେ ଏତେ କୁଣ୍ଠିତ କାହିଁକି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ମହିଳା ସଂରକ୍ଷଣ ବିଲ ଉପରେ ନିଜର ବଳିଷ୍ଠ ଆଭିମୁଖ୍ୟ ପ୍ରକାଶ କରିଥିଲେ । ସାଥିରେ କଂଗ୍ରେସ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

# ନାରୀ ଶକ୍ତି ବିକଶିତ ଭାରତ ରନ୍ କାର୍ଯ୍ୟକ୍ରମ

କଟକ, (ସବ୍ୟୁ): ମାଇଁ ଭାରତ- ଓଡ଼ିଶା ପକ୍ଷରୁ କଟକ ଜିଲ୍ଲା ପ୍ରଶାସନର ସହାୟତାରେ 'ନାରୀ ଶକ୍ତି ବିକଶିତ ଭାରତ ରନ' କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି ।କଟକ ସହରର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେଇ ନୂଆପାଟଣାସ୍ଥିତ ସହିଦ୍ ପାର୍କ ଠାରୁ ନେତାଜୀ ସୁଭାଷ ବୋଷଙ୍କ ଜନ୍ମ ପୀଠ ପର୍ଯ୍ୟନ୍ତ ଦୌଡ଼ିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ନାରୀ ଶକ୍ତି ବନ୍ଦନ ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନମିତା ମିଶ୍ର ଓ ସମ୍ମାନିତ ଅତିଥିଭାବେ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ପତାକା ଦେଖାଇ ଦୌଡ଼ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ଅଧିକାରୀ ନିଖିଲ କୋକୁଲା ଓ ରୋଶନ କୁମାର,ମାନସୀ ଦାସ, ଆଇନଜୀବୀ ପ୍ରତିମା ମିଶ୍ର, ଅମ୍ବିକା ଦାସ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ବେହେରା ସହଯୋଗ କରିଥିଲେ। ଶେଷରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ।

# ପାତ୍ରପଡ଼ାରେ ୫୨ ବର୍ଷ ପୂର୍ତ୍ତି ସାରସ୍ୱତ ବାଦୀ ପାଲା

ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ା ଗ୍ରାମରେ ସବୁବର୍ଷ ପରି ଚଳିତବର୍ଷ ୫୨ତମ ବାର୍ଷିକ ସାରସ୍ୱତ ବାଦୀ ପାଲା ଆସନ୍ତା ୨୦ ତାରିଖ ସୋମବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଗାୟିକା ଜୈମିନୀ ମହାନ୍ତି (କେନ୍ଦୁଝର) ଓ ଗାୟିକା ଗୌରିବାଳା ସ୍ୱାଇଁ (ଜଗତ୍‌ସିଂହପୁର) ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟହ ସନ୍ଧ୍ୟା ୭ ଘଟିକାଠାରୁ ପାଲାମଣ୍ଡପଠାରେ ପାଲା ପରିବେଷଣ ଆରମ୍ଭ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି ।

# ମଧୁଜ୍ୟୋତି ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଜଟଣୀ, (ସବ୍ୟୁ) : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପବିତ୍ର ଜନ୍ମ ବାର୍ଷିକୀ ଅବସରରେ ଚଳିତ ମାସ ଏପ୍ରିଲ ୨୮ ତାରିଖ ଦିନ ମଧୁ ଜ୍ୟୋତି ରଥଯାତ୍ରା ଜଟଣୀ ନିକଟସ୍ଥ ଗଡ଼ ରଥିପୁର ଠାରୁ ସାଲେପୁର ନିକଟସ୍ଥ ସତ୍ୟଭାମାପୁରକୁ ଯାତ୍ରା କରିବ ବୋଲି "ମଧୁସୂଦନ ବିଚାର ମଞ୍ଚ "ଓଡିଶା ପକ୍ଷରୁ ସ୍ଥାନୀୟ ଗଡ଼ ରଥିପୁର ଠାରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି,ପ୍ରଦେଶ ଓ ଅର୍ଥନୀତି ଆଦି ବିବିଧ କ୍ଷେତ୍ରରେ କାର୍ଯ୍ୟକରି ନିଜ ଜୀବନର ସବୁକିଛି ଉତ୍ସର୍ଗ କରିଦେଇଥିବା ମଧୁବାବୁଙ୍କ ପୂର୍ବ ପୁରୁଷଙ୍କ ଜନ୍ମସ୍ଥଳୀ ଜଟଣୀ ନିକଟସ୍ଥ ଗଡ଼ରଥିପୁର ବୋଲି ସମସ୍ତଙ୍କୁ ଜଣାଅଛି । ମଧୁବାବୁଙ୍କ ପୂର୍ବ ପୁରୁଷ ଗଜପତିଙ୍କ ଦୁର୍ଗ ସୁରକ୍ଷା ନିମନ୍ତେ ଦାୟିତ୍ୱ ନେବାପରେ ତାଙ୍କ ପରିବାର ସାଲେପୁର ନିକଟସ୍ଥ ସତ୍ୟଭାମାପୁରରେ ଅବସ୍ଥାନ କରିବାକୁ ବାଧ ହୋଇଥିଲେ କ୍ଷ ମଧୁବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ଏହି ଦୁଇଟି ସ୍ଥାନର ଗୁରୁତ୍ୱକୁ ସମସ୍ତଙ୍କ ନିକଟରେ ପରିଚିତ କରିବା ପାଇଁ "ମଧୁସୂଦନ ଦାସ ବିଚାର ମଞ୍ଚ" ଓଡିଶା ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି । ୨୮ ଏପ୍ରିଲ ପୂର୍ବାହ୍ନରେ "ମଧୁ ଜ୍ୟୋତି ରଥ" ଗଡ଼ରଥିପୁରରୁ ବାହାରି ଭୁବନେଶ୍ୱର କଟକ ବାଟ ଦେଇ ସତ୍ୟଭାମାପୁର ଠାରେ ସେହିଦିନ ଅପରାହ୍ନରେ ପହଂଚିବ ।ମଧୁବାବୁଙ୍କ ଜନ୍ମସ୍ଥଳୀଠାରେ ଅପରାହ୍ନରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ଏବଂ ମଧୁସୂଦନ ବିଚାର ମଞ୍ଚ ପକ୍ଷରୁ ଏକ ଇଂରାଜୀ ପୁସ୍ତକର ଉନ୍ମୋଚିତ ହେବ। ଏହି ଜ୍ୟୋତି ଯାତ୍ରାର ମାର୍ଗରେ ସର୍ବସାଧାରଣ ଏବଂ ଓଡିଆ ପ୍ରେମୀ ସଂଗଠନଗୁଡିକ ସାମିଲ ହୋଇ ଜ୍ୟୋତିକୁ ସ୍ୱାଗତ କରିବା ପାଇଁ ସମସ୍ତଙ୍କୁ "ମଧୁସୂଦନ ବିଚାର ମଞ୍ଚ" ପକ୍ଷରୁ ଅନୁରୋଧ କରାଯାଇଛି । ସ୍ଥାନୀୟ ସାକ୍ଷୀ ଗୋପୀନାଥ ମନ୍ଦିର ପରିସରରେ ମଧୁ ଜ୍ୟୋତି ରଥଯାତ୍ରା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉତ୍କଳ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିଅରିଙ୍ଗ ଏଣ୍ଡ ଟେକନୋଲୋଜି ର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ସାମନ୍ତରାୟ, "ମଧୁସୂଦନ ବିଚାର ମଞ୍ଚ" ଓଡିଶାର ସଭାପତି ଡ. ବାୟାମନୁ ଚର୍ଚ୍ଚି, ଗଡ଼ରଥିପୁରର ମୁରବିମାନଙ୍କ ମଧ୍ୟରୁ ଗଦାଧର ପାତ୍ର, ରମାକାନ୍ତ ହରିଚନ୍ଦନ, ହଟ୍ଟ କିଶୋର ପ୍ରଧାନ, ପଦ୍ମ ଚରଣ ସୁବୁଦ୍ଧି, ଗାନ୍ଧୀ ପରିଡା, ବୈକୁଣ୍ଠନାଥ ସ୍ୱାଇଁ, ସତ୍ୟଧର ଜେନା, ଶତ୍ରୁଘ୍ନ ବେହେରା ଓ "ମଧୁସୂଦନ ବିଚାର ମଞ୍ଚର" କାର୍ଯ୍ୟକର୍ତ୍ତା ସୁକାନ୍ତ କିଶୋର ସାମନ୍ତରାୟ, ସୌମେନ୍ଦ୍ର ଜେନା, ବିରେନ ରାୟ ଓ ଦାମୋଦର ବୁଡ଼େକଙ୍କ ସମେତ ଅନେକ ମଧୁପ୍ରେମୀ ବ୍ୟକ୍ତିମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଲୋକ ଭବନରେ ୨ ଆଇଆର୍‌ଏସ୍ ଅଧିକାରୀଙ୍କୁ

# ଦୁର୍ବ୍ୟବହାର ଘଟଣାକୁ ନିନ୍ଦା କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାର କ୍ଷମତାସୀନ ହେବା ପରେ ରାଜଭବନରେ ଜଣେ ଓଡ଼ିଆ ଏଏସଓ ଅଧିକାରୀଙ୍କୁ ମାଡ଼ମାରି ଜୋତା ଚାଟିବାକୁ ବାଧ୍ୟ କରାଯାଇଥିବା ଘଟଣା ଜନମାନସରେ ଏବେବି ସତେଜ ଥିଲାବେଳେ ନାମ ପରିବର୍ତ୍ତନ ହୋଇ ବର୍ତ୍ତମାନର ଲୋକ ଭବନ ପରିସରରେ ଜଣେ ଓଡ଼ିଆଙ୍କ ସମେତ ୨ ଜଣ ଆଇଆରଏସ ଅଧିକାରୀଙ୍କ ସହିତ ସେଠାକାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଦୁର୍ବ୍ୟବହାର ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଏହି ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିବା ସହିତ ରାଜ୍ୟର ଆଇନ ବ୍ୟବସ୍ଥା ଓ ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ କରିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଚିନ୍ମୟ ଦାସ, ସେକ୍ରେଟାରୀ ଜେନେରାଲ ରକି ଦାସ ଘଟଣାଟିକୁ ଗୁରୁତର ସହିତ ନେଇ ଅତ୍ୟାଚାରର ଶିକାର ହୋଇଥିବା ୨ ଅଧିକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟପାଳଙ୍କ ଭବନ ପୂର୍ବରୁ ରାଜଭବନ ନାମରେ ପରିଚିତ ଥିଲାବେଳେ କିଛି ମାସ ତଳେ ତାର ନାମ ପରିବର୍ତ୍ତନ କରି ଲୋକ ଭବନ କରାଯାଇଛି । ଲୋକ ଭବନରେ ଲୋକଙ୍କ ପ୍ରତି ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି । କିନ୍ତୁ ଏହି ଲୋକ ଭବନ ଭିତରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଦ୍ୱାରା ଜଣେ ଓଡ଼ିଆଙ୍କ ସମେତ ୨ ଜଣ ଆଇଆରଏସ ଅଧିକାରୀଙ୍କ ଉପରେ ଅତ୍ୟାଚାର ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ରାଜ୍ୟର ପ୍ରିନ୍ସିପାଲ ଚିଫ୍ ଇନ୍‌କମ୍ ଟ୍ୟାକ୍ସ କମିସନର ଡି ସୁଧାକର ରାଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଏପ୍ରିଲ ୧୬ ତାରିଖ ଦିନ ତାଙ୍କର ଓ ତାଙ୍କ ବିଭାଗର କିଛି ଉଚ୍ଚ ଅଧିକାରୀଙ୍କ ସହିତ ରାଜ୍ୟପାଳଙ୍କ ସହିତ ଏକ ସାକ୍ଷାତ ପାଇଁ ନିର୍ଦ୍ଧାରିତ ହୋଇଥିଲା । ସେହି ଅନୁସାରେ, ସେ ଓ ତାଙ୍କର କିଛି ଅଧିକାରୀ ଲୋକ ଭବନରେ ପହଞ୍ଚିଥିଲେ । ସେମାନେ ଗେଟ୍ ନମ୍ବର ୩ ଦେଇ ଭିତରେ ପ୍ରବେଶ କରିଥିଲେ । ଗେଟ ନମ୍ବର ୨ ନିକଟରେ ପହଁଞ୍ଚିବା ପରେ, ସେଠାରେ ଥିବା ସୁରକ୍ଷା ଅଧିକାରୀ ମାନେ ଶ୍ରୀ ରାଓଙ୍କ ସମେତ କେବଳ ୫ ଜଣ ଅଧିକାରୀ ରାଜ୍ୟପାଳଙ୍କୁ ଭେଟି ପାରିବେ ବୋଲି କହିବା ପରେ ସେମାନଙ୍କ ସହିତ ଥିବା ୨ ଜଣ ଆଇଆରଏସ ଅଧିକାରୀ ଯଥା ମନୀଷ କୁମାର ଓ ସତ୍ୟ ପ୍ରକାଶ ମିଶ୍ରଙ୍କୁ ଅତିଥି ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତୀକ୍ଷାଳୟରେ ଅପେକ୍ଷା କରିବାକୁ କୁହାଯାଇଥିଲା ।

ଶ୍ରୀ ରାଓ ଓ ଅନ୍ୟ ଅଧିକାରୀ ମାନେ ରାଜ୍ୟପାଳଙ୍କ ନିକଟକୁ ଚାଲିଯିବା ପରେ ସୁରକ୍ଷା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଆସି ପ୍ରତୀକ୍ଷାଳୟରେ ଅପେକ୍ଷାରତ ଥିବା ୨ ଅଧିକାରୀଙ୍କୁ ସେମାନେ ଲୋକ ଭବନ ଭିତରେ ଅନଧିକାର ପ୍ରବେଶ କରିଛନ୍ତି ଅଭିଯୋଗ କରି ସେମାନଙ୍କ ସହିତ କ୍ୟାପିଟାଲ ଥାନାକୁ ଯିବାକୁ ହେବ ବୋଲି କହିଥିଲେ । ସେହି ୨ ଅଧିକାରୀ ରାଜ୍ୟପାଳଙ୍କ ଅଫିସ୍‌ର ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ଆମେ ଏଠାରେ ଅପେକ୍ଷା କରିଛୁ ବୋଲି କହିବା ପରେ ମଧ୍ୟ ସେମାନେ କିଛି ଶୁଣି ନଥିଲେ । ସେମାନଙ୍କୁ ସେଠାର ସୁରକ୍ଷା ଦାୟିତ୍ୱରେ ଥିବା ଏଡିସି କୁଲଦୀପ ମିନାଙ୍କ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ । ଏହାପରେ ଦୁହିଁଙ୍କୁ ପୋଲିସ ଗାଡ଼ିରେ ବସାଇ କ୍ୟାପିଟାଲ ଥାନାକୁ ନିଆଯାଇଥିଲା । ସେହି କାରଣରୁ, ରାଜ୍ୟପାଳଙ୍କୁ ଭେଟିବାକୁ ଆସିଥିବା କମିସନର ଓ ଅନ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ପୋଲିସ ଅଧିକାରୀଙ୍କ ସମ୍ମାରେ ସେମାନେ ସମସ୍ତ ବିଷୟବସ୍ତୁ ବର୍ଣ୍ଣନା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିଲା । ପରେ ରାଜ୍ୟପାଳଙ୍କ ଅଫିସ୍‌ରୁ ସ୍ପଷ୍ଟୀକରଣ ଯିବାପରେ ସେମାନଙ୍କୁ ଛଡା ଯାଇଥିଲା । ଡ଼ ମହାନ୍ତି କହିଥିଲେ, ଏହି ଘଟଣାର ଅଭିଯୋଗ ପାଇବା ପରେ ପୋଲିସ ଡିଜି ଏକ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶୁଣିବାକୁ ମିଳିଛି । ଲୋକ ଭବନରେ ଲୋକଙ୍କ ପ୍ରତି ପୁଣି ଜଣେ ଓଡ଼ିଆ ଅଧିକାରୀଙ୍କ ପ୍ରତି ଏଭଳି ଅତ୍ୟାଚାର ହେବା ସାଙ୍ଘାତିକ କଥା । ରକି ଦାସ ଓ ଚିନ୍ମୟ ଦାସ ମଧ୍ୟ ନିଜ ବକ୍ତବ୍ୟରେ ଘଟଣାର ନିନ୍ଦା କରିବା ସହିତ ଅତ୍ୟାଚାରର ଶିକାର ହୋଇଥିବା ଅଧିକାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି ।

# ପୁଲିସ ପକ୍ଷରୁ ଖୋଲିଲା ଜଳଛତ୍ର

ଖୋର୍ଦ୍ଧା, (ସବ୍ୟୁ): ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ଏହି ସମୟରେ ତୃଷାର୍ତ୍ତଙ୍କ ଶୋଷ ମେଂଟାଇବା ଲାଗି ବିଭିନ୍ନ ସ୍ଥାନରେ ଜଳଛତ୍ର କରିବାକୁ ପ୍ରଶାସନ ଅଂଟାଭିଡିଛି। ଏହି କ୍ରମରେ ଆଜି ଜିଲ୍ଲା ପୁଲିସ ପକ୍ଷରୁ ସଦର ଥାନା ଅନ୍ତର୍ଗତ କେତକିଝର ନିକଟରେ ଆରମ୍ଭ ହୋଇଛି ଜଳଛତ୍ର ସେବା। ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଅତିରିକ୍ତ ଏସ୍‌ପି ତଥା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ବାଟରେ ଯାଉଥିବା ପଥିକ, ବାଇକ୍ ଆରୋହୀ ସମସ୍ତଙ୍କୁ ଦହିପଣା ଅତିରିକ୍ତ ଏସ୍‌ପି ସେଠୀ ବଂଟିଥିଲେ। ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଏହିଭଳି ଶିବିର ଖୋଲାଯାଇ ଖରାରେ ଯାଉଥିବା ତୃଷାର୍ତ୍ତ ଲୋକମାନଙ୍କୁ ଜଳ ସେବା ପ୍ରଦାନ କରାଯିବ ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଥାନାଅଧିକାରୀ ବାସୁଦେବ ଜୟସିଂ, ଏସ୍‌ଆଇ ସୁଜାତା ପଲ୍ଲେଇ, ଏଏସ୍‌ଆଇ ମନଜିତ୍ ଏକ୍କା, ସିଏସଆଇ ଦିଜେନ୍ଦ୍ର ମହନ୍ତ, କନେଷ୍ଟବଳ ସୁଶାନ୍ତ ସୁନ୍ଦରାୟ ପ୍ରମୁଖ ଜଳଛତ୍ର ସେବାକୁ ପରିଚାଳନା କରିଥିଲେ।

# ୯୭.୮ ପ୍ରତିଶତ ମାର୍କ ରଖି ସ୍କୁଲ ଓ ତାଙ୍କ ଅଞ୍ଚଳ ପାଇଁ ଗୌରବ ଆଣିଲେ ଆଦ୍ୟାଶା

ଭୁବନେଶ୍ୱର, (ସବ୍ୟୁ) : ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ କଟକ ସ୍ଥିତ ଫୁଲନଖରା ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ ଆଦ୍ୟାଶା ସ୍ୱାଇଁ ୯୭.୮ ପ୍ରତିଶତ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି ଓ ସଫଳତା ଅର୍ଜନ କରିଛନ୍ତି। କଟକ ଜିଲ୍ଲା ବାଲିପଡ଼ା, ଗୋବିନ୍ଦପୁର ଗ୍ରାମର ବାପା ପ୍ରଶାନ୍ତ କୁମାର ସ୍ୱାଇଁ ମାଆ ସୋନି ତ୍ରିବେଦୀଙ୍କ ଝିଅ ଆଦ୍ୟାଶା ସ୍ୱାଇଁ । ଏହି ସଫଳତାରେ ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରୋ ଭାଇସ ଚେୟାରପର୍ସନ ମାଳା ମିଶ୍ର, ଏକ୍ଜିକ୍ୟୁଟିଭ ଟ୍ରଷ୍ଟି ସୁନୈନା ପାତ୍ରୋ, ପ୍ରିନ୍ସିପାଲ ସୁଭବ୍ରତ ମୁଖାର୍ଜୀଙ୍କ ସମେତ



ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ତାଙ୍କର ଏହି ସଫଳତା ପରେ ପରିବାର ସହ ତାଙ୍କ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ଆଦ୍ୟାଶା ସ୍ୱାଇଁ ବାପା ମାଆଙ୍କ ପ୍ରେରଣା ଓ ଜେଜେ ବାପା-ଜେଜେ ମା, କାକା-କାକି ଙ୍କ ପାଇଁ ଏହି ସଫଳତା ପାଇଛି। ଆଗକୁ ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ ଅଛି ବୋଲି ଆଦ୍ୟାଶା ସ୍ୱାଇଁ କହିଛନ୍ତି ।

# ହିଣ୍ଡାଲ୍‌କୋ ପକ୍ଷରୁ "ଜଳଛତ୍ର ଓ ଘୋଳଦହି" କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦର ଜନସାଧାରଣ ଓ ପଥଚାରୀଙ୍କ ନିମନ୍ତେ ଏକ ଥଣ୍ଡା ପାନୀୟ ଜଳ ଓ ମାନବ ସମ୍ବଳ ମୁଖ୍ୟ ଡକ୍ଟର କ୍ରୀଷ୍ଣା ପାଢ଼ୀ, ଏବଂ ହୀରାକୁଦ କଂପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ମିଳିତ ଭାବେ ଉଦ୍ଘାଟନ କରିଥିଲେ ଓ ଉକ୍ତ ଉଦ୍ଘାଟନେ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ନରସିଂହ ମିଶ୍ର,ଏସ.ଆର ସୁଶ୍ରୀ ନିକିତା ତ୍ରିପାଠୀ, ବହୁ ପୋଲିସ କର୍ମଚାରୀ ର ହିଣ୍ଡାଲକୋର ସି.ଏସ.ଆର ମୁଖ୍ୟ ଶ୍ରୀ ଆନନ୍ଦ ଚକ୍ରବର୍ତ୍ତୀ, ବହୁ କର୍ମଚାରୀ, ସ୍ୱେଚ୍ଛାସେବୀ, ହୀରାକୁଦ ବରିଷ୍ଠ ନାଗରିକ ସଂଘର ସଦସ୍ୟଗଣ ଓ




ଘୋଳଦହି କେନ୍ଦ୍ର ଖୋଲା ଯାଇଛି ହୀରାକୁଦ ପୋଲିସ ଷ୍ଟେସନ ସମ୍ମୁଖସ୍ଥ ହୀରାକୁଦ - ରେମେଡି ମୁଖ୍ୟ ରାସ୍ତାରେ ଏହି କେନ୍ଦ୍ର ଚଳିତ ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ଓ ଏହି କେନ୍ଦ୍ରକୁ ହିଣ୍ଡାଲକୋ, ଓଡିଶା କ୍ଲଷ୍ଟର ଓ ଖଣି, ଅଗ୍ରୱାଲ, ମନୋହର ଚୌହାନ ତଥା ହିଣ୍ଡାଲକୋର ସି.ଏସ.ଆର ଉପଦେଷ୍ଟା ସୁକାନ୍ତ ମହାପାତ୍ର, ମୁଖ୍ୟ ପ୍ରଶାସକ ଏବଂ ନିରାପତା କର୍ଣ୍ଣଲ ମାର୍କ ଆରଲାଣ୍ଡ, ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରବୀଣ ଯାଦବ ଏଚ ଆର ଅଧିକାରୀ ଜ୍ୟୋତି ମହିଳା ସ୍ୱୟଂ ସହାୟତା ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ସି.ଏସ. ଆର ବିଭାଗର କର୍ମକର୍ତ୍ତା ଶ୍ରୀମତୀ ଜୟଶ୍ରୀ ରାଓ, , ମିଳନ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

## ଛତିଶଗଡ଼ର ବଏଲର ବିସ୍ଫୋରଣ ତଦନ୍ତରେ

# ଅନିଲ ଅଗ୍ରୱାଲଙ୍କ ବିରୋଧରେ ଏଫ୍‌ଆଇଆର୍‌କୁ ନବୀନ ଜିନ୍ଦଲଙ୍କ ନିନ୍ଦା

ଭୁବନେଶ୍ୱର (ସବ୍ୟୁ): ଲୋକସଭା ସାଂସଦ ଏବଂ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ଦୃଢ଼ ଏବଂ ସ୍ପଷ୍ଟ ବିବୃତ୍ତିରେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କୁ ସମର୍ଥନ କରି, ଛତିଶଗଡ଼ର ସିଙ୍ଘିତାରାଇରେ ସମ୍ପ୍ରତି ଘଟିଥିବା ବଏଲର ବିସ୍ଫୋରଣ ଦୁର୍ଘଟଣାର ଯଥାର୍ଥ ପ୍ରକ୍ରିୟା ଏବଂ ପରିଚାଳନା ପଦ୍ଧତି ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଜିନ୍ଦଲ କହିଛନ୍ତି: "ଛତିଶଗଡ଼ର ଦୁଃଖଦ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ ଆଲୋଚନା କରାଯାଇପାରିବ ନାହିଁ।

ସେହି ସମୟରେ, ତଥ୍ୟ ପ୍ରମାଣିତ ହେବା ପୂର୍ବରୁ ଶ୍ରୀ ଅଗ୍ରୱାଲଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା ନିଷ୍ପତ୍ତି ଉପରେ ସେ କଡ଼ା ପ୍ରଶ୍ନ ଉଠାଇଥିଲେ:"କିନ୍ତୁ କୌଣସି ତଦନ୍ତ ପୂର୍ବରୁ ଅନିଲ ଅଗ୍ରୱାଲଜୀଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା



ଗୁରୁତର ଚିନ୍ତା ସୃଷ୍ଟି କରେ। ସେ ଜଣେ ନମ୍ର ଏବଂ ପଛୁଆ ସମ୍ପ୍ରଦାୟ ପୃଷ୍ଠଭୂମିରୁ ଆସିଥିବା ଜଣେ ସ୍ୱ-ନିର୍ମିତ ବ୍ୟକ୍ତି ଯିଏ ମୂଳରୁ ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ନିର୍ମାଣ କରିଥିଲେ। ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନଥିଲା।

ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ହେଉଥିବା ମାନଦଣ୍ଡରେ ଅସଙ୍ଗତିକୁ ଉଜାଗର କରି ଶ୍ରୀ ଜିନ୍ଦଲ ସୂଚାଇଥିଲେ: "ଯେତେବେଳେ ପିଏସୟୁ ପ୍ଲାଣ୍ଟ କିମ୍ବା ରେଳବାଇରେ ଦୁର୍ଘଟଣା ଘଟେ, ଆମେ କ'ଣ ଅଧ୍ୟକ୍ଷଙ୍କ ନାମ ନେବୁ? ଆମେ ନୁହେଁ। ସମାନ ମାନଦଣ୍ଡ ଘରୋଇ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବା ଉଚିତ। ସେ ଯଥାର୍ଥ ପ୍ରକ୍ରିୟାର ଗୁରୁତ୍ୱ ଉପରେ ଆହୁରି ଗୁରୁତ୍ୱାରୋପ କରିଥିଲେ:"ପ୍ରଥମେ ତଦନ୍ତ କର। ପ୍ରମାଣ ଉପରେ ଆଧାରିତ ଦାୟିତ୍ୱ ସ୍ଥାପନ କର। ତା'ପରେ କାର୍ଯ୍ୟ କର। ଦେଶର ବ୍ୟାପକ ଅର୍ଥନୈତିକ ଦୃଷ୍ଟିକୋଣ ସହିତ ଏହି ପ୍ରସଙ୍ଗକୁ ଯୋଡ଼ି ସେ ଆହୁରି କହିଥିଲେ: "ଭାରତର ବିକଶିତ ଭାରତ ଦୃଷ୍ଟିକୋଣକୁ ନିବେଶ ଏବଂ ନିର୍ମାଣ ଜାରି ରଖିବା ପାଇଁ ଅନିଲ ଅଗ୍ରୱାଲ ଭଳି ଲୋକଙ୍କ ଆବଶ୍ୟକତା ଅଛି। ଏହା ସେତେବେଳେ ଘଟେ ଯେତେବେଳେ ନିବେଶକମାନେ ବ୍ୟବସ୍ଥା ଉପରେ ବିଶ୍ୱାସ କରନ୍ତି।

ଶ୍ରୀ ଅଗ୍ରୱାଲଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ଶ୍ରୀ ଜିନ୍ଦଲ ସମର୍ଥନ ସଂଗ୍ରହ କରି ପ୍ରମୁଖ ଶିଳ୍ପ ସଂଗଠନଗୁଡ଼ିକୁ ନିବେଦନ କରିଛନ୍ତି: " ସିଆଇଆଇ,ଆସୋଚାମ, ଫିକି ଇଣ୍ଡିଆ, ପିଏଚଡି ଚାମ୍ବର, ଆଇସିସି ଚାମ୍ବର ସମ୍ମିଳନୀ ଏବଂ ନୀତି ପତ୍ର ବ୍ୟତୀତ ଆପଣଙ୍କର ଏକ ଦାୟିତ୍ୱ ଅଛି। ଯେତେବେଳେ ଯଥାର୍ଥ ପ୍ରକ୍ରିୟାକୁ ଏଡାଇ ଦିଆଯାଏ ଏବଂ ନିବେଶକଙ୍କ ବିଶ୍ୱାସକୁ ବିପଦରେ ଦିଆଯାଏ, ଯେପରି ଅନିଲ ଅଗ୍ରୱାଲ ଜୀଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଭିତିହୀନ ଏଫଆଇଆର ମାମଲାରେ, ଆପଣଙ୍କର ନୀରବତା ନିରପେକ୍ଷତା ନୁହେଁ। ଏହା ଆପଣଙ୍କ ମୂଳ ଆଦେଶର ବିଫଳତା। ନ୍ୟାୟ ଏବଂ ଯାହା ଠିକ୍ ତାହା ପାଇଁ କଥା ହୁଅନ୍ତୁ। ଏଥିପାଇଁ ଆପଣ ଅସ୍ତିତ୍ୱ ରଖିଛନ୍ତି।" ଶ୍ରୀ ଜିନ୍ଦଲଙ୍କ ମନ୍ତବ୍ୟ ଦାୟିତ୍ୱ, ନ୍ୟାୟ ଏବଂ ଯଥାର୍ଥ ପ୍ରକ୍ରିୟାକୁ ବଜାୟ ରଖିବାର ଆବଶ୍ୟକତା ବିଷୟରେ ଚାଲିଥିବା ବିତର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ଯୋଡିଛି, ବିଶେଷକରି ଭାରତର ନିବେଶ ପରିବେଶ ଏବଂ ସାଂସ୍ଥାଗତ ବିଶ୍ୱସନୀୟତା ପାଇଁ ସୁଦୂରପ୍ରସାରୀ ପ୍ରଭାବ ପକାଇଥିବା ପ୍ରସଙ୍ଗରେ।

# ସୋମବାର ପୁଣି ଆମେରିକା-ଇରାନ ଶାନ୍ତି କଥାବାର୍ତ୍ତା

## ହରମୁଜ ପରେ ଇରାନର ଆଉ ଏକ ବଡ଼ ନିଷ୍ପତ୍ତି

**ୱାସିଂଟନ/ତେହେରାନ:** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଏକ କୂଟନୈତିକ ସମାଧାନ ଖୋଜିବା ପାଇଁ ପ୍ରୟାସ ପୁଣି ଥରେ ଆରମ୍ଭ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ପ୍ରସଙ୍ଗରେ ଏକ ନୂତନ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନର ରାଜଧାନୀ ଇସଲାମାବାଦ ଏହି ଆଲୋଚନାର ଆୟୋଜନ କରିବାର ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ ଉଭୟ ଦେଶର ପ୍ରତିନିଧି ରବିବାର ସୁଦ୍ଧା ସେଠାରେ ପହଞ୍ଚିପାରନ୍ତି। ସୋମବାରଠାରୁ ଆନୁଷ୍ଠାନିକ ଆଲୋଚନା ଆରମ୍ଭ ହେବାର ଆଶା କରାଯାଉଛି। ଯଦିଓ ଆମେରିକା କିମ୍ବା ଇରାନ ଉଭୟ ଆନୁଷ୍ଠାନିକ ଭାବରେ ବୈଠକକୁ ନିଶ୍ଚିତ କରିନାହାନ୍ତି, ତଥାପି ସୂଚନା ମିଳୁଛି ଯେ, ପରଦା ପଛରେ ପ୍ରସ୍ତୁତି ଜୋରସୋର୍ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହି ସାରିଛନ୍ତି, ଆଲୋଚନା ଶୀଘ୍ର ଆରମ୍ଭ ହୋଇପାରେ। ଏହି ସମୟରେ, କିଛି ଅନ୍ତର୍ଜାତୀୟ ଗଣମାଧ୍ୟମ ଇରାନୀ ସୂତ୍ରକୁ ଉଦ୍ଧୃତ କରି ଦାବି କରିଛନ୍ତି ଯେ, ପରବର୍ତ୍ତୀ ପର୍ଯ୍ୟାୟ ଚୂଡ଼ାନ୍ତ ହୋଇଛି। ଏହା ସ୍ପଷ୍ଟ କରୁଛି, ଉଭୟ ପକ୍ଷ ଉତ୍ତେଜନା ହ୍ରାସ ପାଇଁ ଆଲୋଚନା ବଜାୟ ରଖିବାକୁ ଚାହୁଁଛନ୍ତି।

ଇରାନ ଦେଶର କିଛି ଅଂଶରୁ ବିମାନ ଚଳାଚଳ ପାଇଁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛି। ଇରାନର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଶନିବାର ଏହା ଘୋଷଣା କରିଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଯେ, ଇରାନ ଏହାର ପୂର୍ବ ଭାଗ ଦେଇ ଯାଉଥିବା ଅନ୍ତର୍ଜାତୀୟ ବିମାନ ପାଇଁ ଆଂଶିକ ଭାବରେ ନିଜର ଆକାଶ ମାର୍ଗ ଖୋଲି ଦେଇଛି। ଫେବ୍ରୁଆରି ୨୮ ତାରିଖରେ ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ଆକ୍ରମଣ ପରେ ଆରମ୍ଭ ହୋଇଥିବା ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବିମାନ ପାଇଁ ଆକାଶ ମାର୍ଗ ବନ୍ଦ କରାଯାଇଥିଲା।



କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି, ଇରାନର ଆକାଶ ମାର୍ଗର ପୂର୍ବ ଭାଗରେ ଥିବା ବିମାନ ମାର୍ଗଗୁଡ଼ିକ ଅନ୍ତର୍ଜାତୀୟ ବିମାନ ପାଇଁ ଖୋଲା ଅଛି। ଅନେକ ବିମାନବନ୍ଦର ମଧ୍ୟ ଖୋଲାଯାଇଛି। ଇରାନ ଦ୍ୱାରା ଆକାଶ ମାର୍ଗ ଖୋଲିବା ସତ୍ତ୍ୱେ, ବିମାନ କମ୍ପାନିଗୁଡ଼ିକ ଏହି ମାର୍ଗ ଗ୍ରହଣ କରିବାରେ ସତର୍କତା ଅବଲମ୍ବନ କରୁଛନ୍ତି। ଫ୍ଲାଇଟ୍ ଟ୍ରାକର ୱେବସାଇଟ୍ ରିପୋର୍ଟ କରିଛି ଯେ, ଆକାଶ ମାର୍ଗ ପୁନଃ ଖୋଲିବାର ପ୍ରାରମ୍ଭିକ କିଛି ଘଣ୍ଟା ମଧ୍ୟରେ କୌଣସି ଅନ୍ତର୍ଜାତୀୟ ବିମାନ ଇରାନ ଦେଇ ଯାଇ ନଥିଲା।

## ଇରାନକୁ ବୁଧବାର ଯାଏ ମହଲତ



**ୱାଶିଂଟନ:** ଯୁଦ୍ଧ ବିରତି ଲାଗୁ ହୋଇଥିବା ବେଳେ ଆସନ୍ତା ସୋମବାର ଇରାନ ଓ ଆମେରିକା ପୁଣି ଶାନ୍ତି ଆଲୋଚନା କରିବାକୁ ଯାଉଛନ୍ତି। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଦେଇଛନ୍ତି ଧମକ। ବୁଧବାର ସୁଦ୍ଧା ଯଦି ଉତ୍ତେଜନା ହ୍ରାସ କରିବା ପାଇଁ କୌଣସି ଡିଲ୍ ଚୂଡ଼ାନ୍ତ ନ ହେବ, ତା'ହେଲେ ସେ ଇରାନ ସହ ଲାଗୁ ହୋଇଥିବା ସମସ୍ତ ଯୁଦ୍ଧ ବିରତିକୁ ରଦ୍ଦ କରିଦେବେ। ସେହିପରି ଇରାନ ଉପରେ ବୋମା ବର୍ଷା କରିବେ ବୋଲି ଟ୍ରମ୍ପ ଧମକ ଚେତାବନୀ ଦେଇଛନ୍ତି। ଫୋନେକ୍ସକୁ ଫେରିବା ପରେ ଏୟାର ଫୋର୍ସ ୱାନରେ ଟ୍ରମ୍ପ ଯୁଦ୍ଧ ବିରତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ଇଙ୍ଗିତ କରିଛନ୍ତି। ସେ କହିଛନ୍ତି, "ସମ୍ଭବତଃ ମୁଁ ଏହାକୁ ବିସ୍ତାର କରି ନପାରେ। କିନ୍ତୁ ଅବରୋଧ(ଇରାନୀୟ ବନ୍ଦର) ବଳବତ୍ତର ରହିବ। ତେଣୁ ଆପଣ ଗୋଟିଏ ଅବରୋଧ ମଧ୍ୟରେ ରହିଛନ୍ତି। ଦୁର୍ଭାଗ୍ୟବଶତଃ ଆମେ ପୁଣିଥରେ ବୋମା ବର୍ଷଣ ଆରମ୍ଭ କରିପାରୁ। ବୁଧବାର ସୁଦ୍ଧା ଇରାନ ଡିଲ୍ ଚୂଡ଼ାନ୍ତ କରୁ। ନଚେତ ଏହାର ପରିଣାମ ଭୟଙ୍କର ହେବ।" ଫେବୃଆରୀ ୨୮ରୁ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୨ରୁ ଇରାନ ଷ୍ଟ୍ରେଟ ଅଫ ହର୍ମୁଜ ଅବରୋଧ କରିଥିଲା। ଏପ୍ରିଲ ୮ରେ ଇରାନ ଓ ଆମେରିକା ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧ ବିରତି ଲାଗୁ ହୋଇଥିଲା। ତଥାପି ଇରାନ ହର୍ମୁଜ ଖୋଲି ନଥିଲା। କିନ୍ତୁ ୩ ଦିନ ତଳେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ୧୦ ଦିନର ଯୁଦ୍ଧ ବିରତି ଲାଗୁ ହୋଇଛି। ଏହାପରେ ଶୁକ୍ରବାର ଇରାନ ହର୍ମୁଜକୁ ସମସ୍ତ ବ୍ୟବସାୟିକ ଜାହାଜ ପାଇଁ ସଂପୂର୍ଣ୍ଣ ଖୋଲି ଦେଇଛି। ହେଲେ ଇରାନ ବନ୍ଦରକୁ ଯାଉଥିବା କିମ୍ବା ସେଠାରୁ ଆସୁଥିବା ସମସ୍ତ ଜାହାଜ ଉପରେ ଆମେରିକା ପୂର୍ବଭଳି ରୋକ ଲଗାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ପୁଣି ତିକ୍ତତା ଆରମ୍ଭ ହୋଇ ଯାଇଛି। ଇରାନ ହର୍ମୁଜ ଖୋଲିଥିବା ବେଳେ ଆମେରିକା ଇରାନୀୟ ବନ୍ଦରକୁ ଅବରୋଧ କରିବା ଘଟଣାକୁ ତେହରାନ ସହଜରେ ଗ୍ରହଣ କରିନି।

## କେନ୍ଦ୍ର କର୍ମଚାରୀଙ୍କ ଡିଏ ବଢ଼ିଲା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର)ର ଅତିରିକ୍ତ କିସ୍ତି ପ୍ରଦାନ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି । ବର୍ଦ୍ଧିତ ଡିଏ ଓ ଡିଆର ଜାନୁଆରୀ ପହିଲା ୨୦୨୬ ଠାରୁ ପିଛିଲା ଭାବେ ଲାଗୁ ହେବ । ମୂଲ୍ୟବୃଦ୍ଧି ବିରୁଦ୍ଧରେ କ୍ଷତିପୂରଣ ଦେବା ପାଇଁ ମୂଳ ଦରମା/ପେନସନ ଉପରେ ବର୍ତ୍ତମାନର ୫୮% ହାର ଉପରେ ୨% ଅତିରିକ୍ତ ଡିଏ ଓ ଡିଆର କିସ୍ତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ହେତୁ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୬୭୯୧.୨୪ କୋଟି ଟଙ୍କାର ଚାପ ପଡ଼ିବ । ତେବେ ଏହାଦ୍ୱାରା ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନସନଭୋଗୀ ଉପକୃତ ହେବେ । ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସରେ ଗୃହୀତ ସୂତ୍ର ଆଧାରରେ ଏହି ବୃଦ୍ଧି କରାଯାଇଛି ।

## କୁକି ଉଗ୍ରବାଦୀଙ୍କ ହମଲା: ଜଣେ ମୃତ

**ନୂଆଦିଲ୍ଲୀ:** ମଣିପୁରରେ ଶନିବାର ସନ୍ଦିଗ୍ଧ କୁକି ଉଗ୍ରବାଦୀ ଆକ୍ରମଣ ଘଟଣାରେ ଭାରତୀୟ ସେନାର ନାଗା ରେଜିମେଣ୍ଟର ଜଣେ ପୂର୍ବତନ ସେନା କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ମଣିପୁରର ଉଖରୁଲ ଜିଲ୍ଲାର ଲିଟନ୍ ଗାଁ ନିକଟରେ ଚାରିଟି ଗାଡ଼ି ଉପରେ ଉଗ୍ରବାଦୀ ଆକ୍ରମଣ ହୋଇଥିଲା। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ମୃତ ପୂର୍ବତନ ସେନା କର୍ମଚାରୀ ଏସ୍ଡବ୍ଲ୍ୟୁ ଚିନାଓସାଙ୍ଗ ବୋଲି ଜଣାପଡ଼ିଛନ୍ତି। ଏହି ଘଟଣା ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ ସମୟରେ ଉଖରୁଲର ଲିଟନ୍ ପୁଲିସ ଷ୍ଟେସନ ଅନ୍ତର୍ଗତ ଲିଟନ୍ ଏବଂ ଟିଏମ୍ କାସୋମ୍ ଗାଁ ମଧ୍ୟରେ ଘଟିଥିଲା। ପୁଲିସ କହିଛି ଯେ, ଇମ୍ଫାଲରୁ ଉଖରୁଲ୍ ଯାଉଥିବା ଚାରିଟି ଗାଡ଼ି ଉପରେ ସନ୍ଦିଗ୍ଧ କୁକି ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେମାନେ ଗାଡ଼ି ଉପରକୁ ଗୁଳି ଚଳାଇ ଖସି ପଳାଇ ଯାଇଥିଲେ। ଉଗ୍ରବାଦୀ ଆକ୍ରମଣ ଘଟଣାରେ ଆହତ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ଉଖରୁଲ୍ ଜିଲ୍ଲା ହସ୍ପିଟାଲରେ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ସୁରକ୍ଷାବାହିନୀ ମୁତୟନ ହୋଇଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ୟୁମ୍ନାମ୍ ଖେମଚାନ୍ଦ ସିଂହ ଶାନ୍ତି ଯାତ୍ରାରେ ଉଖରୁଲ ଗସ୍ତ କରିଥିବାବେଳେ ଏହି ଉଗ୍ରବାଦୀ ଆକ୍ରମଣ ଘଟଣା ଘଟିଛି।

## ବସ୍ ଧକ୍କାରେ ଚାଲିଗଲା ୮ ପର୍ଯ୍ୟଟକଙ୍କ ଜୀବନ

**ତିରୁଭାନ୍ତପୁରମ୍:** ନିୟନ୍ତ୍ରଣ ହରାଇ ଏକାଧିକ ଗାଡ଼ିକୁ ଧକ୍କା ଦେଇଛି ରାଜ୍ୟ ପରିବହନ ନିଗମର ଗୋଟିଏ ଯାତ୍ରୀବାହୀ ବସ୍। ଏଥିରେ ୮ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ତାମିଲନାଡୁର ସାଲେମ-କୋଏମ୍ବାଟୁର ଜାତୀୟ ରାଜପଥରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜିଲ୍ଲାପାଳ ଅଫିସରୁ ଜାରି ବିବୃତି ଅନୁସାରେ, ବସ୍ଟି ଲୋକଙ୍କୁ ଧରି କୋଏମ୍ବାଟୁରରୁ ସାଲେମ ଯାଉଥିଲା। କିନ୍ତୁ ହଠାତ ଗାଡ଼ିଟି ରାସ୍ତାରେ ସ୍ଲିପ କରି ଯାଇଥିଲା। ଏଥିଯୋଗୁ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ବସ୍ଟି ଦ୍ରୁତ ଗତିରେ ପ୍ରଥମେ ଦୁଇଟି ବାଇକ ଓ ପରେ ଗୋଟିଏ ଅଟୋକୁ ଧକ୍କା ଦେଇଥିଲା। ଅଟୋରେ ୧୦ ଜଣ ଲୋକ ରହିଥିଲେ। ତଥାପି ବସ୍ ଧକ୍କାରେ ବାଇକ କିମ୍ବା ଅଟୋରେ ଥିବା ଲୋକଙ୍କର ବିଶେଷ କିଛି କ୍ଷୟକ୍ଷତି ହୋଇ ନାହିଁ। ଏକାଧିକ ଗାଡ଼ିକୁ ଧକ୍କା ଦେବା ପରେ ଶେଷରେ ବସ୍ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବସ୍ରେ କେରଳର ପେରିନଥାଲମାନ୍ନାର ୧୩ ଜଣ ପର୍ଯ୍ୟଟକ ରହିଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ହୋଇଛନ୍ତି। ମୃତକ ମଧ୍ୟରେ ଜଣେ ପୁରୁଷ ଓ ୭ ଜଣ ମହିଳା ରହିଛନ୍ତି। ବସ୍ରେ ଥିବା ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଘଟଣା ସ୍ଥଳରୁ ଉଦ୍ଧାର କରି ପୋଲ୍ଲାଚି ସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ବସ୍ ଡ୍ରାଇଭର ଅଛନ୍ତି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଦୁଇ ଜଣ ବରିଷ୍ଠ ପୁଲିସ୍ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଅଗ୍ନିଶମ ଓ ଉଦ୍ଧାରକରୀ ଦଳ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ମୃତାହତଙ୍କୁ ହସ୍ପିଟାଲ ନେଇଥିବା ଜିଲ୍ଲାପାଳ ଅଫିସ ପକ୍ଷରୁ କୁହାଯାଇଛି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେରଳ ମୁଖ୍ୟମନ୍ତ୍ରୀ ପନରାୟୀ ବିଜୟନ ଗଭୀର କ ପ୍ରକାଶ କରିଛନ୍ତି। ସେମାନେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତହାତମାନେ ମାଲାପୁରମ ସ୍ଥିତ ପାଙ୍ଗ-ପାଲ୍ଲିପାରାମ୍ବା ସରକାରୀ ଲୋୟର ପ୍ରାଇମେରୀ ସ୍କୁଲର। ତେଣୁ ସେଠାରେ ମଧ୍ୟ ଶୋକର ପରିବେଶ ସୃଷ୍ଟି ହୋଇଛି।

## ଦଳୀୟ ନେତାଙ୍କୁ ନୂଆ ଦାୟିତ୍ୱ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ମହିଳା ସଂରକ୍ଷଣ ବିଲ୍ ଉପରେ ସଂସଦରେ ଚାଲିଥିବା ରାଜନୈତିକ ଲଢ଼େଇ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ ବୈଠକରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ବିଲ୍କୁ ସମର୍ଥନ ନକରି ଏକ ବଡ଼ ରାଜନୈତିକ ଭୁଲ୍ କରିଛନ୍ତି। ସେମାନେ ଭବିଷ୍ୟତରେ ଏହାର ପରିଣାମ ଭୋଗିବେ। ସଂସଦ ଭବନରେ ଅନୁଷ୍ଠିତ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଲୋକସଭାରେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ପାସ୍ ନହେବା ନେଇ ନିରାଶା ପ୍ରକାଶ କରିଛନ୍ତି।



ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତି ପାଇଁ ପଶ୍ଚାତାପ କରିବେ ଏବଂ ଭବିଷ୍ୟତରେ ଏଥିପାଇଁ ମୂଲ୍ୟ ଦେବେ। ବୈଠକରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଏବଂ ଦଳୀୟ ନେତାମାନଙ୍କୁ ଏକ ନୂତନ ରାଜନୈତିକ କାର୍ଯ୍ୟର ଦାୟିତ୍ୱ ମଧ୍ୟ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି, ମହିଳାଙ୍କ ପ୍ରତି ବିରୋଧୀଙ୍କ ମନୋଭାବ ନକାରାତ୍ମକ ବୋଲି ବାର୍ତ୍ତା ଦେଶର ପ୍ରତ୍ୟେକ ଗାଁରେ ପହଞ୍ଚିବା ଉଚିତ। ତାଙ୍କ ମତରେ, ଏହି ପ୍ରସଙ୍ଗ କେବଳ ସଂସଦରେ ସୀମିତ ରହିବା ଉଚିତ ନୁହେଁ, ବରଂ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ବିରୋଧୀ ଦଳ ଏବେ ନିଜର ମତକୁ ଯଥାର୍ଥ କରିବା ପାଇଁ ବିଭିନ୍ନ ଯୁକ୍ତି ପ୍ରଦାନ କରୁଛନ୍ତି, କିନ୍ତୁ ଜନସାଧାରଣ ସବୁକିଛି ବୁଝୁଛନ୍ତି। ସେ ଅଭିଯୋଗ କରିଛନ୍ତି, ମହିଳା ସଶକ୍ତିକରଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀଙ୍କ ମନୋଭାବ ସେମାନଙ୍କର ପ୍ରକୃତ ଚିନ୍ତାଧାରା ପ୍ରକାଶ କରିଛି। ଏହା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଦେଶର ଅଧା ଜନସଂଖ୍ୟାର ଅଧିକାର ସହିତ ଜଡ଼ିତ ଏକ ପ୍ରସଙ୍ଗ, ଏବଂ ଏହାକୁ ରାଜନୀତିକରଣ କରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ବିରୋଧୀ ଦଳ କହିଛନ୍ତି ଯେ ସେମାନେ ମହିଳା ସଂରକ୍ଷଣର ବିରୋଧ କରୁନାହାଁନ୍ତି, କିନ୍ତୁ ସୀମା ନିର୍ଦ୍ଧାରଣ ଏବଂ ଜନଗଣନା ସହିତ ସେମାନଙ୍କୁ ଯୋଡ଼ା ହେବାକୁ ବିରୋଧ କରୁଛନ୍ତି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି, ସରକାର ଏହି ବିଲ୍ ମାଧ୍ୟମରେ ନିର୍ବାଚନୀ ସମୀକରଣକୁ ବଦଳାଇବାକୁ ଚାହୁଁଥିଲେ।

## ରୁଷୀୟ ତୈଳ କ୍ରୟ ଉପରେ ଆମେରିକାର ରିହାତି ବଳବତ୍ତର

**ୱାଶିଂଟନ:** ଇରାନ ଯୁଦ୍ଧ ମଧ୍ୟରେ ସାରା ବିଶ୍ୱରେ ତୈଳମୂଲ୍ୟ ଆକାଶଛୁଆଁ ହେଉଥିବାବେଳେ ପ୍ରବଳ ଚାପକୁ ଦୃଷ୍ଟିରେ ରଖି ଆମେରିକା ଏକ ବଡ଼ ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପୁଣିଥରେ ସମସ୍ତଙ୍କୁ ରୁଷତୈଳ କିଣିବା ଉପରେ ଅସ୍ଥାୟୀ ଛାଡ଼ ପ୍ରଦାନ କରିଛନ୍ତି। ଆମେରିକା-ରୁଷ ତୈଳ ଛାଡ଼ ପୂର୍ବରୁ ଏପ୍ରିଲ ୧୧ ପରେ ବୃଦ୍ଧି କରିବାକୁ ସମ୍ପୂର୍ଣ୍ଣ ମନା କରାଯାଇଥିଲା। କିନ୍ତୁ ଏବେ, ଏକ ନୂତନ ବିଜ୍ଞପ୍ତି ପରେ, ଏହି ସ୍ୱତନ୍ତ୍ର ଛାଡ଼କୁ ମେ ୧୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଇରାନ ସହିତ ଚାଲିଥିବା ଯୁଦ୍ଧ ଏବଂ ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ବିଶ୍ୱ ତୈଳ ଯୋଗାଣକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ ଯୋଗାଣ ଏହି ରାସ୍ତା ଦେଇ ଗତି କରେ, ଏବଂ ସେଠାରେ ଉପୁଜିଥିବା ବିପଦ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ସହିତ, ବଜାରରେ ଯୋଗାଣ ବଜାୟ ରଖିବା ପାଇଁ ଆମେରିକାକୁ ଏହି ଅସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରିବାକୁ ପଡିଛି। ବିଶ୍ୱର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଆମେରିକା କାହିଁକି ୟୁ-ଟର୍ଣ୍ଣ ନେଇଥିବା କୁହାଯାଉଛି।




ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା ତେଲ ବଜାର ପାଇଁ ଆଶ୍ୱସ୍ତି ଆଣିଛି ଏବଂ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ୯% ହ୍ରାସ ପାଇ ବ୍ୟାରେଲ ପ୍ରତି ୯୦ ଡଲାରରେ ପହଞ୍ଚିଛି। ଯାହା ଏକ ମାସ ମଧ୍ୟରେ ଏହାର ସର୍ବନିମ୍ନ ସ୍ତର। ଏହି ହ୍ରାସର ଏକ କାରଣ ହେଉଛି ଅସ୍ତ୍ରବିରତି ସମୟରେ ବାଣିଜ୍ୟିକ ଜାହାଜ ପାଇଁ ଇରାନ ଦ୍ୱାରା ହର୍ମୁଜ୍ ପ୍ରଣାଳୀ ଖୋଲିବା ଲାଗି ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଡୋଭାଲ-ଜୟଶଙ୍କରଙ୍କୁ ଭେଟିଲେ ଜେଲେନସ୍କିଙ୍କ ଦୂତ

**ନୂଆଦିଲ୍ଲୀ:** ୟୁକ୍ରେନର ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ପରିଷଦର ସଚିବ ରୁସ୍ତମ ଉମେରୋଭ ୧୭ ଏପ୍ରିଲରେ ଭାରତ ଗସ୍ତରେ ଆସି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ପୃଥକ ପୃଥକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ସଂଘର୍ଷଗ୍ରସ୍ତ ୟୁକ୍ରେନରେ ସ୍ଥାୟୀ ଶାନ୍ତି ଆଣିବା ସମ୍ଭାବନା ବିଷୟରେ ସେ ଆଲୋଚନା କରିଛନ୍ତି। ଉମେରୋଭଙ୍କୁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ନିକଟତର ବୋଲି ବିବେଚନା କରାଯାଏ। ଡୋଭାଲଙ୍କ ସହ ଆଲୋଚନାରେ, ୟୁକ୍ରେନୀୟ ଅଧିକାରୀ ଫ୍ରଣ୍ଟଲାଇନ୍ ସ୍ଥିତିର ବର୍ତ୍ତମାନର ପରିସ୍ଥିତି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ବୈଠକ ସମୟରେ, ଭାରତୀୟ ପକ୍ଷ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ୟୁକ୍ରେନୀୟ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଭାରତର ନୀତିଗତ ସ୍ଥିତିକୁ ଦୋହରାଇଛନ୍ତି। ଏସ. ଜୟଶଙ୍କର ସୋସିଆଲ ମିଡିଆରେ ଏହା ଘୋଷଣା କରି କହିଛନ୍ତି, ଆମେ ଆମର ଦ୍ୱିପାକ୍ଷିକ ସହଯୋଗ ଏବଂ ୟୁକ୍ରେନ ବିବାଦ ବିଷୟରେ ଆଲୋଚନା କରିଛୁ। ଉମେରୋଭ କହିଛନ୍ତି ଯେ ସେ ଏବଂ ବୈଦେଶିକ ମନ୍ତ୍ରୀ ସୀମାର ବର୍ତ୍ତମାନର ପରିସ୍ଥିତି, ଆଲୋଚନାର ଅଗ୍ରଗତି ଏବଂ ୟୁକ୍ରେନରେ ଏକ ସ୍ଥାୟୀ ଏବଂ ସ୍ଥାୟୀ ଶାନ୍ତି ହାସଲ କରିବାର ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି, ଯାହା ୟୁକ୍ରେନ ପାଇଁ ଠିକ୍। ଉଭୟ ପକ୍ଷ ଦ୍ୱିପାକ୍ଷିକ ସହଯୋଗର ବିକାଶ ଏବଂ ଅଗଷ୍ଟ ୨୦୨୪ ରେ କିଭ୍ରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଆଲୋଚନା ପରେ ଉଭୟ ପକ୍ଷ ଦ୍ୱାରା ଜାରି ମିଳିତ ବିବୃତିରେ ଉଲ୍ଲେଖିତ ଚୁକ୍ତିନାମାଗୁଡ଼ିକର କାର୍ଯ୍ୟାନ୍ୱୟନ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି।

ଏହି ଖୋଲା ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ମୁଁ କୃତଜ୍ଞ। ଆମେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବାକୁ ଅପେକ୍ଷା କରିଛୁ ବୋଲି ଉମେରୋଭ ସୋସିଆଲ ମିଡିଆରେ କହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ୟୁକ୍ରେନର ଶୀର୍ଷ ସୁରକ୍ଷା ଅଧିକାରୀ ଏବଂ ଏନଏସ୍ଏ ଅଜିତ୍ ଡୋଭାଲଙ୍କ ମଧ୍ୟରେ ହୋଇଥିବା ବୈଠକ ବିଷୟରେ କିଛି ବିବରଣୀ ସେୟାର କରି କହିଛନ୍ତି, ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିଛନ୍ତି ଏବଂ ଜାରି ରହିଥିବା ରୁଷ-ୟୁକ୍ରେନ ବିବାଦ ଉପରେ ଆଲୋଚନା କରିଛନ୍ତି। ଡୋଭାଲ ଭାରତର ନୀତିଗତ ସ୍ଥିତି ଏବଂ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଉମେରୋଭ କହିଛନ୍ତି, ସେ ଏବଂ ଡୋଭାଲ ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ଏବଂ ସୁରକ୍ଷା ପରିସ୍ଥିତିର ମୂଲ୍ୟାଙ୍କନ ବିଷୟରେ ଆଲୋଚନା କରିଛନ୍ତି। ଭାରତୀୟ ପକ୍ଷ ଆଲୋଚନା ଏବଂ କୂଟନୀତି ଉପରେ ଆଧାରିତ ଏକ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ନିଜର ସ୍ଥିତିକୁ ଦୋହରାଇଛନ୍ତି।

## ଭାରତ ସାମୁଦ୍ରିକ ବୀମାପୁଲ୍ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ଏକ ସ୍ୱଦେଶୀବୀମା ପୁଲ ସୃଷ୍ଟି କରିବା ପ୍ରସ୍ତାବକୁ ଅନୁମୋଦନକରିଛି । ଏହି ବୀମାପାଣ୍ଠିଲାଗି ୧୨,୯୮୦ କୋଟିଟଙ୍କାର ସାର୍ବଭୌମ ଗ୍ୟାରେଣ୍ଟି ରଖାଯାଇଛି ।ଏହାନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷାକୁ ସୁଗମ କରିବ। ଯେ କୌଣସି ଅନ୍ତର୍ଜାତୀୟ ଉତ୍ସରୁ ଭାରତୀୟ ବନ୍ଦର ପର୍ଯ୍ୟନ୍ତ କିମ୍ବାଏହାର ବିପରୀତ ମାର୍ଗରେ ମାଲ୍ ନେଇଯାଉଥିବା ଜାହାଜ ଗୁଡ଼ିକୁ ସୁଲଭ ବୀମା ଯୋଗାଣ ପାଇଁ ଏହା ଭାରତୀୟ ବ୍ୟବସାୟ ଗୁଡ଼ିକୁ ସହାୟକ ହେବ । ଅସ୍ଥିର ସାମୁଦ୍ରିକ ମାର୍ଗ ଦେଇ ଅତିକ୍ରମ କରୁଥିବା ଜାହାଜ ଗୁଡ଼ିକୁ ମଧ୍ୟବୀମା ସୁବିଧାମିଳିବ ।

ବର୍ଦ୍ଧିତ ବିଶ୍ୱସ୍ତରୀୟ ଭୂରାଜନୈତିକ ଅସ୍ଥିରତା ଯୋଗୁଁସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ମାଲ୍ ଏବଂ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ଫଳସ୍ୱରୂପ, ବୀମା ମୂଲ୍ୟ ବୃଦ୍ଧି ପାଇଛିଏବଂ ନିରନ୍ତରବୀମା ସୁରକ୍ଷା ଉପଲବ୍ଧତାକୁନେଇଅନିଶ୍ଚିତତା ଦେଖାଦେଇଛି। ଏହା ବ୍ୟତୀତ, ଭାରତୀୟ ଜାହାଜଗୁଡ଼ିକ ପିଏଣ୍ଡଆଇବୀମା ପାଇଁ 'ଅନ୍ତର୍ଜାତୀୟ ସୁରକ୍ଷା ଏବଂ କ୍ଷତିପୂରଣ ଗୋଷ୍ଠୀ (ଆଇଜିପିଏଣ୍ଡଆଇ) କ୍ଲବ' ଉପରେ ଅତ୍ୟଧିକ ନିର୍ଭର କରନ୍ତି - ଯାହା ତୈଳ ପ୍ରଦୂଷଣ ଦାୟିତ୍ୱ, ନଷ୍ଟ ହୋଇଯାଇଥିବା ପଦାର୍ଥ ଅପସାରଣ, ମାଲ୍ କ୍ଷତି, କର୍ମଚାରୀଙ୍କ ଆଘାତ ଓ ପ୍ରତ୍ୟାବର୍ତ୍ତନ, ସଂଘର୍ଷ ଦାୟିତ୍ୱ ଇତ୍ୟାଦି ତୃତୀୟ-ପକ୍ଷ ଦେୟତାକୁକଭର କରିଥାଏ। ତେଣୁ, ଏକ ସ୍ୱଦେଶୀ ସାମୁଦ୍ରିକ ବିପଦ ସୁରକ୍ଷା ପୁଲର ଆବଶ୍ୟକତା ଥିଲା ଯାହା ବାଣିଜ୍ୟର ସାର୍ବଭୌମତ୍ୱ ଏବଂ ନିରନ୍ତରତାକୁ ସୁରକ୍ଷା ଦେବାରେ ସକ୍ଷମ।ଏପରିକି କଟକଣା କିମ୍ବା ଭୂରାଜନୈତିକ ଉତ୍ତେଜନା ଯୋଗୁଁ ବୀମାସୁରକ୍ଷା ପ୍ରତ୍ୟାହାର କରାଯାଉଥିବାପରିସ୍ଥିତିରେମଧ୍ୟଏଥିରେସୁରକ୍ଷାମିଳିପାରିବ । ଉପରୋକ୍ତପୃଷ୍ଠଭୂମିରେସରକାରଭାରତୀୟଜାହାଜ ପାଇଁ କିମ୍ବା ଭାରତକୁ ଆସୁଥିବା ଅଥବାପ୍ରସ୍ଥାନ କରୁଥିବା ଜାହାଜ ପାଇଁ –'ଭାରତୀୟ ସାମୁଦ୍ରିକ ବୀମା ପୁଲ୍' (ବିଏମଆଇପୁଲ୍) ଗଠନକୁ ଅନୁମୋଦନ କରିଛନ୍ତି ।

## ଗାଜାରେ ପ୍ରତିଦିନ ଅତିକମରେ ୪୭ ମହିଳା ଓ ଝିଅଙ୍କୁ ହତ୍ୟା

**ଗାଜା:** ଇସ୍ରାଏଲ ଓ ଗାଜାରେ ଗତ ଛଅ ମାସ ହେଲା ଯୁଦ୍ଧବିରତି ଚାଲିଥିବାବେଳେ ଏକ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି। ନୂଆ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୨୦୨୩ରୁ ଡିସେମ୍ବର ୨୦୨୫ ମଧ୍ୟରେ ୩୮,୦୦୦ ମହିଳା ଓ ଝିଅଙ୍କର ହତ୍ୟା ହୋଇଛି, ମୃତକଙ୍କ ମଧ୍ୟରେ ୨୨,୦୦୦ ମହିଳା ଓ ୧୬,୦୦୦ ଝିଅ ଅଛନ୍ତି ।ଜାତିସଂଘର ଶାଖା ସଙ୍ଗଠନ ଜାତିସଂଘ ମହିଳା ସାରା ବିଶ୍ୱରେ ମହିଳା ଓ ଝିଅଙ୍କ ଅଧିକାର ପାଇଁ ଲଢ଼ି ଆସୁଛି। ଜାତିସଂଘ ମହିଳାର 'ଦ କଷ୍ଟ ଅଫ୍ ଦ ୱାର୍ ଇନ୍ ଗାଜା ଅନ୍ ୱିମେନ୍ ଆଣ୍ଡ ଗର୍ଲସ' ସମ୍ପର୍କିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଗାଜାରେ ପ୍ରତିଦିନ ଅତିକମ୍ରେ ୪୭ ଜଣ ମହିଳା ଓ ଝିଅଙ୍କୁ ହତ୍ୟା କରାଯାଉଛି। ଦୁଇବର୍ଷର ଯୁଦ୍ଧ ପରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ୨୦୨୫ ଅକ୍ଟୋବରରେ ଯୁଦ୍ଧବିରତି ହୋଇଥିଲା। ଆସୋସିଏଟେଡ୍ ପ୍ରେସ୍ (ଏପି) ରିପୋର୍ଟ କରିଛି ଯେ, ଗାଜର ଅଧାରୁ ଅଧିକ ଅଞ୍ଚଳକୁ ନେଇ ଏକ ଜନବହୁଳ ଅଞ୍ଚଳ ନିୟନ୍ତ୍ରଣରେ ଇସ୍ରାଏଲ ସୈନ୍ୟଙ୍କୁ ଛାଡି ଦିଆଯାଇଛି। ଅନ୍ୟପକ୍ଷରେ ହମାସ ସଂକୀର୍ଣ୍ଣ, ଉପକୂଳବର୍ତ୍ତୀ ଷ୍ଟ୍ରିପରେ କ୍ଷମତାରେ ରହିଛି। ସ୍ଥାନୀୟ ଡାକ୍ତରମାନେ ଏପିକୁ କହିଛନ୍ତି ଯେ, ଯୁଦ୍ଧ ବନ୍ଦ ହେବା ପରଠାରୁ ୭୫୦ ରୁ ଅଧିକ ପାଲେଷ୍ଟାଇନଙ୍କ ମୃତ୍ୟୁ ହୋଇଛି। ସେହିପରି ଚାରି ଜଣ ଇସ୍ରାଏଲୀ ସୈନିକଙ୍କ ମୃତ୍ୟୁ ହୋଇଛି। ତେବେ ଉଭୟ ପକ୍ଷ ଚୁକ୍ତି ଉଲ୍ଲଂଘନ ପାଇଁ ପରସ୍ପର ଉପରେ ଦୋଷ ଲଦୁଛନ୍ତି।



# ବେଙ୍ଗାଲୁରୁ ବିଜୟରେ ବ୍ରେକ





ବେଙ୍ଗାଲୁରୁ,୧୮।୪(ଏଜେନ୍ସି): ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟଧାରାରେ ବ୍ରେକ ଲଗାଇଛି ଦିଲ୍ଲୀ କ୍ୟାପିଟାଲ୍ସ। ଶନିବାର ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘରୋଇ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ପରାଜିତ କରିଛି। ଏହା ଦିଲ୍ଲୀର ତୃତୀୟ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁ କ୍ରମାଗତ ଦୁଇଟି ମ୍ୟାଚ ଜିତିବା ପରେ ହାରିଛି। ଅର୍ଥାତ୍ ଏପର୍ଯ୍ୟନ୍ତ ବେଙ୍ଗାଲୁରୁ ୬ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ୫ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ଲାଭ କରି ଚତୁର୍ଥ ସ୍ଥାନରେ ରହିଛି।

ଏହି ମ୍ୟାଚରେ ବେଙ୍ଗାଲୁରୁ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୫ ଓଭରରେ ୧୭୯/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ୪୭ ବଲରୁ ଅପରାଜିତ ୬୦ ରନର ମ୍ୟାଚ ବିଜୟୀ ଇନିଂସ ପାଇଁ ଦିଲ୍ଲୀର କ୍ରିଷ୍ଟିଆନ୍ ଷ୍ଟୁବସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଟସ ଜିତି ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରିବାକୁ ବେଙ୍ଗାଲୁରୁକୁ ଆମନ୍ତ୍ରଣ କରିଥିଲା। ବେଙ୍ଗାଲୁରୁର ଫିଲ୍ ସଲ୍ଟଙ୍କ ସହ ବିରାଟ କୋହଲି ଇନିଂସ ଓପନ କରିଥିଲେ। ପ୍ରଥମ ୱିକେଟରେ ୫.୧ ଓଭରରେ ୫୨ ରନର ପାଟନରସିପ ହୋଇଥିଲା। ଭଲ ଆରମ୍ଭ ସତ୍ତ୍ୱେ ମଧ୍ୟମ ଓ ଶେଷ ଭାଗ ଖେଳାଳିଙ୍କ ବିଫଳତା ପାଇଁ ବେଙ୍ଗାଲୁରୁ ୨୦୦ ରନ୍ ଅତିକ୍ରମ କରିପାରିନଥିଲା। ଫିଲ୍ ସଲ୍ଟ ୩୮ ବଲର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୩ ଟି ଛକା ସହାୟତାରେ ୬୩ ରନ୍ କରିଥିଲେ। ବିରାଟ କୋହଲି ୧୩ ବଲରୁ ୧୯ ରନ୍ କରିଥିଲେ। ଏଥିରେ ୩ଟି ଚୌକା ସାମିଲ ଥିଲା। କୋହଲିଙ୍କ ପରେ ପଡ଼ିଆକୁ ଆସିଥିବା ଦେବଦୂତ ପଡିକାଲ ୧୮ ରନର ଇନିଂସ ଖେଳିଥିଲେ। ସେ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରିଥିଲେ। ଅଧିନାୟକ ରଜତ ପଟିଦାର ବଡ଼ ଇନିଂସ ଖେଳିବାକୁ ବିଫଳ ହୋଇଥିଲେ। ସେ ଗୋଟିଏ ଛକା ସହାୟତାରେ ୮ ରନ୍ କରିଥିଲେ। ଟିମ୍ ଡେଭିଡ ୧୭ ବଲରୁ ୨୬ ରନ୍ ତଥା ଜିତେଶ ଶର୍ମା ୨୦ ବଲରୁ ୧୪ ରନ୍ କରିଥିଲେ। ରୋମାରିଓ ସେଫର୍ଡ ଫେଲ ମାରିଥିଲେ। ସେ ୪ଟି ବଲର ସମ୍ମୁଖିନ ହୋଇ କେବଳ ୧ ରନ୍ କରିଥିଲେ। କ୍ରୁନାଲ ପାଣ୍ଡ୍ୟା ୧୦ ବଲରୁ ଗୋଟିଏ ଛକା ସହାୟତାରେ ୧୨ ରନ୍ କରିଥିଲେ। ଭୁବନେଶ୍ୱର କୁମାର ୨ ବଲରୁ ୩ ରନ୍ କରି ଅପରାଜିତ ଥିଲେ। ତେଣୁ ବେଙ୍ଗାଲୁରୁ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୫ ରନରେ ସୀମିତ ରହିଥିଲା। ଦିଲ୍ଲୀର ବୋଲିଂ ଉଚ୍ଚକୋଟୀର ଥିଲା। ଲୁଙ୍ଗି ଏନଗିଡି, କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ ବେଙ୍ଗାଲୁରୁ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଏହି ୩ ବୋଲର ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାରୁ ମୁକେଶ କୁମାରଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା।

୧୭୮ ରନର ବିଜୟଲକ୍ଷ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଚ୍ୟାଲେଞ୍ଜ ଥିଲା। କାରଣ ଖେଳ ଆରମ୍ଭରୁ ପାଥୁମ ନିଶାଙ୍କ ମାତ୍ର ୧ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ। ତାଙ୍କ ପରେ ପରେ କରୁଣ ନାଏର ୫ ଓ ସମୀର ରିଜଭି ୨ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳୀୟ ସ୍କୋର ୧୮ ରନ୍ ବେଳେ ଦିଲ୍ଲୀ ୩ ୱିକେଟ୍ ହରାଇ ଆସନ୍ନ ପରାଜୟ ଆଡେ ମୁହାଁଇଥିଲା। କିନ୍ତୁ ଲୋକେଶ ରାହୁଲ ଓ କ୍ରିଷ୍ଟାନ ଅର୍ଦ୍ଧଶତକୀୟ ଇନିଂସ ଯୋଗୁଁ ଦିଲ୍ଲୀ ବିଜୟଲକ୍ଷ୍ୟରେ ପହଞ୍ଚି ପାରିଥିଲା। ରାହୁଲ ୩୪ ବଲରୁ ୬ ଚୌକା ଓ ୨ଟି ଛକା ସହାୟତାରେ ୫୭ ରନ୍ କରିଥିଲେ। କିନ୍ତୁ ମଧ୍ୟମକ୍ରମରେ ତ୍ରିଷ୍ଟାନ ଷ୍ଟୁବସଙ୍କ ଇନିଂସ ଉପଯୋଗୀ ଥିଲା। ସେ ୪୭ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୬୦ ରନ୍ କରିଥିଲେ। ଅଧିନାୟକ ଅକ୍ଷର ପଟେଲ ୧୯ ବଲରୁ ୨୬ ରନ୍ କରି ରିଟାୟାର୍ଡହର୍ଟ ହୋଇଥିଲେ। ଡେଭିଡ ମିଲର ୧୦ ବଲରୁ ୨୨ ରନ୍ କରି ମ୍ୟାଚ ଫିନିସ୍ କରିଥିଲେ। ଦିଲ୍ଲୀ ୧୯.୫ ଓଭରରେ ୧୭୯/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ବୋଲିଂରେ ବେଙ୍ଗାଲୁରୁର ଭୁବନେଶ୍ୱର କୁମାରଙ୍କୁ ୩ ୱିକେଟ୍ ତଥା କ୍ରୁନାଲ ପାଣ୍ଡ୍ୟାଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

## ଆଜିର ମ୍ୟାଚ

- ▸▸ କୋଲକାତା-ରାଜସ୍ଥାନ
- ▸▸ ସ୍ଥାନ: ଇଡେନଗାର୍ଡେନ
- ▸▸ ସମୟ- ଅପରାହ୍ଣ ୩.୩୦
- * ପଞ୍ଜାବ-ଲକ୍ଷ୍ନୌ
- * ସ୍ଥାନ - ନ୍ୟୁଚଣ୍ଡିଗଡ଼
- * ସମୟ - ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୯ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ |
| ରାଜସ୍ଥାନ | ୫ | ୪ | ୧ | ୮ |
| ଦିଲ୍ଲୀ | ୫ | ୩ | ୨ | ୬ |
| ଗୁଜରାଟ | ୫ | ୩ | ୨ | ୬ |
| ସନରାଇଜର୍ସ | ୫ | ୨ | ୩ | ୪ |
| ଲକ୍ଷ୍ନୌ | ୫ | ୨ | ୩ | ୪ |
| ଚେନ୍ନାଇ | ୫ | ୨ | ୩ | ୪ |
| ମୁମ୍ବାଇ | ୫ | ୧ | ୪ | ୨ |
| କୋଲକାତା | ୬ | ୦ | ୫ | ୧ |

## ମେଜର ସନ୍ଦୀପ ମେମୋରିଆଲ ଆଇଟା ସୁପର ସିରିଜ୍ ଟେନିସ୍: ଆଶୀ, ରିଷଭ ଚାମ୍ପିଅନ

ଭୁବନେଶ୍ୱର,୧୮।୪(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠସ୍ଥ ମେଣ୍ଢାଶାଳାର ଗୁରୁକୁଳ ଟେନିସ୍ ଏକାଡେମୀ ପରିସରରେ ଆଇଟା-ଓଟା ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ୧୬ ବର୍ଷରୁ କମ୍ ସୁପର ସିରିଜ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ଉତ୍ତରପ୍ରଦେଶର ଆଶୀ ସମସେରୀ ଏବଂ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ରିଷଭ କୁମାର ପ୍ରସାଦ ଚାମ୍ପିଅନ୍ ହୋଇଛନ୍ତି।

ବାଳିକା ସିଙ୍ଗଲ୍ସ ଫାଇନାଲ ଖୁବ୍ ରୋଚକ ହୋଇଥିଲା। ୫ ଘଣ୍ଟାର ମାରାଥନ ଲଢ଼େଇ ପରେ ଉତ୍ତରପ୍ରଦେଶର ଆଶୀ ସାମସେରୀ ଚାମ୍ପିଅନ ହୋଇଥିଲେ।




ଓଡ଼ିଶାର ସଂରଚନା ଦାସ ଓ ଆଶୀ ସେମସେରୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ମ୍ୟାଚରେ ଆଶୀ ୬-୭, ୭-୬, ୬-୪ ସେଟରେ ସଂରଚନାଙ୍କୁ ଧରାଶାୟୀ କରିଥିଲେ। ମ୍ୟାଚଟି ଏତେ ଉଚ୍ଚକୋଟୀର ଥିଲା ଯେ, ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଭଳି ୫ ଘଣ୍ଟାର ଲଢ଼େଇ ଦେଖିବାକୁ ମିଳିଥିଲା।

ବାଳକ ବର୍ଗର ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗ ଆଧିପତ୍ୟ ବିସ୍ତାର କରିଛି। ଟ୍ରଫି ଲଢ଼େଇରେ ପଶ୍ଚିମବଙ୍ଗର ଦୁଇ ତାରକା ରିଷଭ କୁମାର ପ୍ରସାଦ ଓ ପଶ୍ଚିମବଙ୍ଗର ହାଭିସ ବଂଶଲଙ୍କ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ରିଷଭ ୬-୩, ୬-୨ ସିଧାସଳଖ ସେଟ୍‌ରେ ହାଭିଶଙ୍କୁ ପରାଜିତ କରି ଟ୍ରଫି ହାସଲ କରିଛନ୍ତି। ଗୁରୁକୁଳ ଟେନିସ୍ ଏକାଡେମୀ ପରିସରରେ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଶେଷ ହୋଇଛି।

## ଏସବିଆଇ ୟୋନୋ ଆଭିଏସନ୍ କପ୍ ଉଦ୍‌ଯାପିତ

ଭୁବନେଶ୍ୱର,୧୮।୪(ସବ୍ୟୁ): ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଲଏଚଓ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଏସବିଆଇ ୟୋନୋ ଆଭିଏସନ୍ କପ୍ ଏୟାରପୋର୍ଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସିଆଇଏସଏଫ ବିଜୟଲାଭ କରି ଚାମ୍ପିଅନ ହୋଇଛି। ଟାଇଟଲ ଲଢ଼େଇରେ ଏଏଆଇ ଏବଂ ସିଆଇଏସଏଫ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ଏଏଆଇ ୧୧.୫ ଓଭରରେ ୧୦୧ ରନ୍ କରି ଅଲଆଉଟ୍ ହୋଇଥିଲା। ଜବାବରେ ସିଆଇଏସଏଫ ୭.୩ ଓଭରରେ ୩ ୱିକେଟ୍ ହରାଇ ୧୦୩ ରନ୍ କରିଥିଲା। ସିଆଇଏସଏଫର ନବୀନ ରାୱତ୍‌ଙ୍କୁ ପ୍ଲେଆର ଅଫ୍ ମ୍ୟାଚ, ଏଏଆଇର ରୋସନଙ୍କୁ ଶ୍ରେଷ୍ଠ ବୋଲର ବିବେଚିତ କରାଯାଇଥିଲା। ଏସବିଆଇ ଭୁବନେଶ୍ୱର ଡିଜିଏମ ପ୍ରଶାନ୍ତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ସିଆଇଏସଏଫକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ ଚୌଧୁରୀ, ଉମାକାନ୍ତ ଦିକ୍ଷୀତ, ଯାଜ୍ଞସେନୀ ବରାଳ, ସନ୍ତୋଷ କୁମାର ପୃଷ୍ଟି, ପ୍ରମୋଦ କୁମାର ସାହୁ, ପାର୍ଥପାଲ ପ୍ରମୁଖ ଉପସ୍ଥିତ ଥିଲେ।



## ଜାତୀୟ ରଗ୍‌ବୀ- ୭:ଓଡ଼ିଶା ଦଳ ଚାମ୍ପିଅନ

ଭୁବନେଶ୍ୱର,୧୮।୪(ସବ୍ୟୁ) : ରାଜଗିରିରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ରଗ୍‌ବୀ-୭ ଚାମ୍ପିଅନସିପରେ ଓଡ଼ିଶା ଚାମ୍ପିଅନ ହୋଇଛି। ୬ ବର୍ଷ ମଧ୍ୟରେ ଓଡ଼ିଶା ୩ ଥର ଟାଇଟଲ ହାସଲ କରିଛି। ଫାଇନାଲରେ ଓଡ଼ିଶା ଗତ ସଂସ୍କରଣ ଚାମ୍ପିଅନ୍ ବିହାରକୁ ୨୭-୦ ଏକତରଫା ଭାବେ ପରାଜିତ କରିଥିଲା। ସମସ୍ତ ବିଭାଗର ଓଡ଼ିଶାର ଖେଳାଳିମାନେ ଆକର୍ଷଣୀ ପ୍ରଦର୍ଶନ କରିଥିଲେ। ବିପକ୍ଷ ଦଳକୁ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ସୁଯୋଗ ଦେଇନଥିଲେ। ନିର୍ମାଲ୍ୟ ରାଉତ ଓଡ଼ିଶା ପକ୍ଷରୁ ସର୍ବାଧିକ ୧୬ ପଏଣ୍ଟ ହାସଲ କରିଥିଲେ। ତରୁଲତା ନାୟକ ୧୦ ଓ ପାର୍ବତୀ ହାଂସଦା ୧ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଓଡ଼ିଶା ୪୧-୦ରେ ମହାରାଷ୍ଟ୍ରକୁ ହରାଇ ସେମିରେ ପ୍ରବେଶ କରିଥିଲା। ପଶ୍ଚିମବଙ୍ଗରେ ୩୧-୭ ପଏଣ୍ଟରେ ପରାଜିତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ବିହାର ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିବା ବେଳେ ପଶ୍ଚିମବଙ୍ଗ ୨୬-୦ରେ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି।

## ରେଳ ମଣ୍ଡଳସ୍ତରୀୟ ଆନ୍ତଃ ବିଭାଗୀୟ କ୍ରିକେଟ: ଆରପିଏଫ ଚାମ୍ପିଅନ

ଜଟଣୀ,୧୮।୪(ସବ୍ୟୁ): ଖୋର୍ଦ୍ଧାରୋଡ ରେଳ ଷ୍ଟାଡିୟମରେ ଚାଲିଥିବା ମଣ୍ଡଳସ୍ତରୀୟ ଆନ୍ତବିଭାଗୀୟ ଟି ଟ୍ୱେଣ୍ଟି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଆରପିଏଫ ଓ ଅପରେଟିଙ୍ଗ ବିଭାଗ ମଧ୍ୟରେ ମ୍ୟାଚ ହୋଇଥିଲା। ଏକ ସଂଘର୍ଷପୁର୍ଣ ମ୍ୟାଚରେ ଆରପିଏଫ ଚମ୍ପିୟାନ ହୋଇଛି। ଅପରେଟିଙ୍ଗ ଟିମ ଟଚ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୯ ୱିକେଟ ହରାଇ ୧୨୮ ରନ କରିଥିଲା। ଜବାବରେ ଆରପିଏଫ ଟିମ ୭ ୱିକେଟ ହରାଇ ଗୋଟିଏ ଓଭର ବାକିଥାଇ ୧୩୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଡିଆରଏମ ଡ଼ି ସୁନୀଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଟ୍ରଫି ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଏଡିଆରଏମ ରାଜେନ୍ଦ୍ର ଯାଦବ, କ୍ରୀଡା ଅଧିକାରୀ ଅନିଲ କୁମାର ଏସ ସନମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକ କଂଗ୍ରେସର ମଣ୍ଡଳ ସହସଂଯୋଜକ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଏଲ ଡି ମହାନ୍ତି, ତ୍ରିଲୋଚନ ମହାନ୍ତି, ମନୋରଞ୍ଜନ ମହାପାତ୍ର ଓ କ୍ରୀଡା ସଚିବ ମହମଦ ଜାକିରୁଧୀନ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୮୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୮୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ଚେନ୍ନାଇକୁ ଚିତ କଲା ସନରାଇଜର୍ସ

ହାଇଦ୍ରାବାଦ,୧୮।୪(ଏଜେନ୍ସି): ପୁଣି ଚେନ୍ନାଇ ସୁପରକିଙ୍ଗ୍ସ ଆଉ ଏକ ମ୍ୟାଚ ହାରିଛି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇ ୧୦ ରନରେ ପରାଜିତ ହୋଇଛି। ସନରାଇଜର୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା। ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହା ସନରାଇଜର୍ସ ହାଇଦ୍ରାବାଦର ତୃତୀୟ ବିଜୟ ହୋଇଥିବା ବେଳେ ଚେନ୍ନାଇର ଚତୁର୍ଥ ପରାଜୟ।

ଚେନ୍ନାଇ ସୁପରକିଙ୍ଗ୍ସ ଟସ ଜିତି ସନରାଇଜର୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭଲ ଫର୍ମରେ ଥିବା ଇଶାନ କିଷାନଙ୍କ ସନରାଇଜର୍ସ ଜମାଣିଆ ଆରମ୍ଭ କରିଥିଲା। ୫.୫ ଓଭରରେ ସନରାଇଜର୍ସର ଦୁଇ ଓପନର ଅଭିଶେଖ ଶର୍ମା ଓ ଟ୍ରେଭିସ ହେଡ ୭୫ ରନ୍ ସଂଗ୍ରହ କରିଥିଲେ। ଅଭିଶେଖ ଶର୍ମା ୨୨ ରନରୁ ୬ଟି ଚୌକା ଓ ୪ଟି ଛକା ସହାୟତାରେ ୫୯ ରନ କରିଥିଲେ। ହେଡ ୨୦ ବଲରୁ ୨୩ ରନ୍ କରିଥିବାବେଳେ ତାଙ୍କ ୱିକେଟପତନ ପରେ ସନରାଇସର୍ଜ ଆଉ ୩ ୱିକେଟ୍ ହରାଇଥିଲା। ଇଶାନ କିଷାନ ୦ ଏବଂ ଅନିକେତ ବର୍ମା ୨ ରନ୍ କରି ଆଉଟ୍ ହୋଇଥିଲେ। ହେନରିଚ କ୍ଲାସେନ ୩୯ ବଲରୁ ୫୯, ନୀତିଶ କୁମାର ରେଡ୍ଡୀ ୧୨, ସଲିଲ ଅରୋରା ୧୩, ଶିବାଙ୍ଗ କୁମାର ୧୨ ରନ୍ କରିଥିଲେ। ତେଣୁ ସନରାଇଜର୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା। ବୋଲିଂରେ ଚେନ୍ନାଇରା ଅଂଶୁଲ କାମ୍ବୋଜ ଓ ଜାମି ଓଭରଟନ୍ ୩ଟି ଲେଖାଏଁ, ମୁକେଶ ଚୌଧୁରୀ ୨ଟି ଗୁରଜନ ପ୍ରୀତ ଗୋଟିଏ ଲେଖାଏଁ ହାସଲ କରଥିଲେ।

ଚେନ୍ନାଇ ୧୯୫ ରନର ବିଜୟ ୱିକେଟ୍ ରକ୍ଷକ ସଞ୍ଜୁ ସାମସନ (୭)ଙ୍କ ୱିକ୍ଟେ ହରାଇଥିଲା। ଏହାପରେ ଅଧିନାୟକ ରୁତୁରାଜ ଗାଏକ୍ୱାଡ ୧୯, ଆୟୁଷ ମହାତ୍ରେ ୩୦, ମାଥ୍ୟୁସ ସର୍ଟ ୩୪, ସର୍ଫରାଜ ଖାନ୍ ୨୫, ଶିବମ ଦୁବେ ୨୧ ରନ୍ କରିଥିଲେ। ଜାମନି ଓଭରଟନ ୧୬ ତଥା କାମ୍ବୋଜ ଅପରାଜିତ ୧୩ ରନ୍ କରିବା ସତ୍ତ୍ୱେ ଚେନ୍ନାଇ ବିଜୟଲକ୍ଷ୍ୟଠାରୁ ୧୦ ରନ ପଛରେ ରହିଯାଇଥିଲା। ବୋଲିଂରେ ସନରାଇଜର୍ସର ଏସାନ ମାଲିଙ୍ଗାଙ୍କୁ ୩ଟି, ନୀତିଶ କୁମାର ରେଡ୍ଡୀ ୨ଟି, ପ୍ରଫୁଲ୍ଲ ହିଙ୍ଗ, ସାକିବ ହୁସେନ ଓ ଶିବାଙ୍ଗ କୁମାର ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

## କଟକରେ ବ୍ୟାଡ଼ମିଣ୍ଟନ ମହାକୁମ୍ଭ ଆରମ୍ଭ

କଟକ,୧୮।୪(ସବ୍ୟୁ): କଟକ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ଆନୁକୂଲ୍ୟରେ ନୂଆବଜାରସ୍ଥିତ ମଲ୍ଟି ପ୍ରପୋଜ ବିଜୁ ପଟ୍ଟନାୟକ ଇଣ୍ଡୋର ହଲରେ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୫ ବର୍ଷରୁ କମ ସବ ଜୁନିୟର ଏବଂ ୧୯ ବର୍ଷରୁ କମ ଜୁନିୟର ପ୍ରତିଯୋଗି ମାନେ ଭାଗ ନେଇଛନ୍ତି। ଆଜିର ଉଦଘାଟନ ଉତ୍ସବରେ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଖେଳାଳୀ ତଥା ଭାରତର ସର୍ବୋଚ୍ଚ କ୍ରୀଡା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପଦ୍ମଶ୍ରୀ, ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏବଂ ରାଜ୍ୟ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ୍ ସମ୍ପାଦକ ନୀଲିନ କୁମାର ଉଦଘାଟନ କରିଥିଲେ। ରାଜ୍ୟ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସର ମନୋରଞ୍ଜନ ପଣ୍ଡା ନିରୀକ୍ଷକ ଭାବେ ଯୋଗ ଦେଇଥିଲେ।ଏଥିରେ ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରୁ ବ୍ୟାଡ଼ମିଣ୍ଟନ ଖେଳାଳୀ ମାନେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ପ୍ରତ୍ୟକଟି ଖେଳାଳୀ ଦମଦାର ଖେଳ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ କୃତୀ ଖେଳାଳିଙ୍କୁ ରାଜ୍ୟ ସ୍ତରରେ ଖେଳିବାକୁ ସୁଯୋଗ ପାଇବେ ବୋଲି ଆସୋସିଏସନ୍ ସଭାପତି ଆଜି ମତପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତା ତିନି ଦିନ ଧରି ଚାଲିବ।ଆସନ୍ତା ୧୯ ତାରିଖ ଫାଇନାଲ ମ୍ୟାଚରେ ବିଜୟୀ ସୋଇଥିବା ଦଳକୁ ଟ୍ରଫି ସହିତ କିଛି ଅର୍ଥ ରାଶି ପ୍ରଦାନ କରାଯିବ ଓ ଖେଳରେ ରନର୍ସ ହୋଇଥିବା ଦଳକୁ ଟ୍ରଫି ସହିତ କିଛି ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଜଣାଇଛନ୍ତି। କିଭଳି ବ୍ୟାଡ଼ମିଣ୍ଟନ ଖେଳକୁ ରାଜ୍ୟରେ ବହୁଳ ଭାବେ ପ୍ରସାର କରିବାକୁ ପ୍ରୟାସ ଜାରି ରଖିଛି କଟକ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ତାହାକୁ ମତପ୍ରକାଶ କରିଛନ୍ତି ସଂଘର ସଭାପତି। ସେହିପରି ଏହି ଖେଳ ପ୍ରତି ରୁଚି ରଖୁଥିବା ପିଲାମାନଙ୍କୁ ଆଗକୁ ଆଣିବାକୁ ସଂଘର ସମ୍ପାଦକ କମଳ ଦାସ ସୂଚନା ଦେଇଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି